


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-101 ◆TUESDAY ◆7 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୦୧ ◆ମଙ୍ଗଳବାର ◆୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ସାରା ରାଜ୍ୟକୁ ବ୍ୟାପିଛି ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ବୁଢ଼ିଆଣୀ ଜାଲ

# ଢୋଲ ଭିତରେ ମୂଷା

■ ଭୁବନେଶ୍ୱର, ୬।୧୦ (ସମିସ): ଓଡ଼ିଶାରେ ପୁଲିସ ଚାକିରି ବେପାର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ କରାଯାଇଥିବା ଏହି ଷଡ଼ଯନ୍ତ୍ରର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ କିଛି ତଥ୍ୟ ମଧ୍ୟ ଲାଗିଛି। ମାତ୍ର ସଂଗଠିତ ଭାବରେ ହୋଇଥିବା ଚାକିରି ବିକ୍ରି କେଲେଙ୍କାରୀର ଚେର ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ। ଯେଉଁ ସ୍ଥାନରେ କ୍ରାଇମବ୍ରାଞ୍ଚ ଚଢ଼ଉ କରୁଛି, ସେଠାରେ ସେପରି କିଛି ଶକ୍ତ ସୁରାକ ନ ମିଳିବା ସାଧାରଣରେ ସନ୍ଦେହ

### ସେପ୍ଟେମ୍ବରରେ ପରୀକ୍ଷା ଅଭ୍ୟାସ କରିଥିଲେ ୩ ଶହ ଆବେଦନକାରୀ

### ଶଙ୍କରର ବ୍ୟାଙ୍କ ଆକାଉଣ୍ଟରେ ହୋଇଛି କୋଟି କୋଟି ଟଙ୍କାର କାରବାର

ସୃଷ୍ଟି କରିଛି। ଚଢ଼ଉ ସୂଚନା ପାଇ ଅଭିଯୁକ୍ତମାନେ ଆଗୁଆ ପ୍ରମାଣ ଗାଏବ କରିବାକୁ ସମର୍ଥ ହେଉଥିବା ଏବେ ସନ୍ଦେହ କରାଯାଉଛି। ଗତକାଲି ରଘୁନାଥପୁରରେ ଲିଙ୍ଗରାଜ ଇନ୍‌ଫୋସେଲ ପରୀକ୍ଷା ସେଣ୍ଟରରେ ଚଢ଼ଉ ସମୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ପରୀକ୍ଷାକେନ୍ଦ୍ର ପାଇଁ ମନୋନୀତ ହୋଇଥିବା ଏହି ସ୍ଥାନରୁ ସବୁ ସାମଗ୍ରୀ କୁଆଡ଼େ ଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ତେଣୁ କେଉଁ ସ୍ଥାନରେ ଚଢ଼ଉ ହେବ ସେ ସମ୍ପର୍କରେ ଅଭିଯୁକ୍ତମାନେ ହୁଏତ ଆଗୁଆ ସୂଚନା ସଂଗ୍ରହ କରିବାକୁ ସମର୍ଥ ହେଉଛନ୍ତି ବା ସେମାନଙ୍କୁ କେହି ଆଗୁଆ ସୂଚନା ଦେଉଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ଶ୍ରୀକାକୁଳମରୁ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରାୟ ୩୦୦ ଆଶାୟୀଙ୍କୁ ମଧ୍ୟ ପଡ଼ୋଶୀ ରାଜ୍ୟରେ ତାଲିମ ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ପରୀକ୍ଷାର୍ଥୀମାନେ କେଉଁଠି କୋଚିଂ ନେଇଥିଲେ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। କୌତୂହଳର କଥା ହେଉଛି ପ୍ରତି ପରୀକ୍ଷାର୍ଥୀଙ୍କଠାରୁ ଆଗୁଆ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିବା ତଦନ୍ତକାରୀ ଅଧିକାରୀମାନେ କହୁଥିବା ବେଳେ ଏହି ଟଙ୍କା କେଉଁଠି ଓ କାହାପାଖରେ ଅଛି ତାହାର ସନ୍ଧାନ ମିଳିନାହିଁ। ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍‌ରେ ଥିବାବେଳେ ▶ପୃଷ୍ଠା-୭



**ଚାକିରି ବେପାର: ଅନେକ ଅବୁଝା ପ୍ରଶ୍ନ**

- ◆ କିଣିବାବାଲା ଜେଲ୍‌ରେ, ଚାକିରି ବିକିବାବାଲା ଗଲେ କୁଆଡ଼େ ?
- ◆ ଚାକିରି ପାଇଁ ଆଦାୟ ବିପୁଳ ଅଗ୍ରୀମ ଟଙ୍କା ଏବେ କାହା ପାଖରେ ?
- ◆ କିଏ ଦେଇଥିଲା ନିଯୁକ୍ତି ପରୀକ୍ଷା ପରିଚାଳନା ସବ୍‌ଲେଟ୍ ଅନୁମତି ?
- ◆ ସିଲିକନ୍‌ରୁ ପଞ୍ଚସଫ୍ଟ ସବ୍‌ଲେଟ୍ ବେଳେ କାହିଁକି ଚୁପ୍ ଥିଲା ଓପିଆର୍‌ବି ?
- ◆ ଫେରାର୍ ଶଙ୍କର ମୁଣ୍ଡରେ ଦୋଷ ଅଜାଡ଼ି ଖସିଯିବେ କି ବଡ଼ବଡ଼ିଆ ?

## ବାଲେଶ୍ୱରରୁ ଆଉ ଜଣେ ଗିରଫ

■ ଭୁବନେଶ୍ୱର,୬।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବାଲେଶ୍ୱରର ରଣସାହି ପଞ୍ଚାୟତର ଜଣେ ବ୍ୟକ୍ତି ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଚାକିରି ଆଶାୟୀମାନଙ୍କୁ ପଚରାଉଚରା କରିବା ପରେ ଚନ୍ଦନ ନାମ ପଦାକୁ ଆସିଥିଲା। ଏହାପରେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇଛି କ୍ରାଇମବ୍ରାଞ୍ଚ। ଚନ୍ଦନଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୧୨୦ରେ ପହଞ୍ଚିଛି। ଚନ୍ଦନ ଚାକିରି ଆଶାୟୀଙ୍କ ସହ ଯୋଗାଯୋଗ କରୁଥିଲେ। ଶଙ୍କର ପୃଷ୍ଟି ସହ ସେମାନଙ୍କ ଭେଟ କରାଉଥିଲେ ଓ ଆଶାୟୀଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରୁଥିଲେ। ପ୍ରତି ବଦଳରେ ଆଦାୟ ଅର୍ଥର ୧୦% କମିଶନ ତାଙ୍କୁ ପ୍ରଦାନ କରାଯାଉଥିଲା।

# ଦୁଇ ପର୍ଯ୍ୟାୟରେ ବିହାର ନିର୍ବାଚନ

### ନଭେମ୍ବର ୬ ଓ ୧୧ରେ ଭୋଟ୍, ୧୪ରେ ଗଣତି

■ ନୂଆଦିଲ୍ଲୀ, ୬।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି। ଏହି ନିର୍ବାଚନ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ। ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ସମାପ୍ତ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ୧୬ ତାରିଖ ସୁଦ୍ଧା ଶେଷ ହେବ। ତାରିଖ ଘୋଷଣା ସହିତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି।

**ଲାଗୁହେଲା ଆଦର୍ଶ ଆଚରଣ ବିଧି**

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ ଭୋଟଦାନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ସମସ୍ତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯିବ ଏବଂ ଇଭିଏମରେ ପ୍ରଥମ ଥର ଲାଗି ପ୍ରାର୍ଥୀମାନଙ୍କର ରଙ୍ଗିନ ଫଟୋ ରହିବ। ଶେଷ ପର୍ଯ୍ୟାୟ ମତଗଣନା ପୂର୍ବରୁ ପୋଷ୍ଟାଲ ଭୋଟ୍ ଗଣତି ▶ପୃଷ୍ଠା-୭

## ୧୧ରେ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୬।୧୦ (ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା ହୋଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ାରେ ମତଦାନ

**ଆସନ୍ତା ୧୩ ତାରିଖରୁ ନାମାଙ୍କନ ଦାଖଲ**

**ମତଦାନ ନିମନ୍ତେ ୩୫୮ କେନ୍ଦ୍ର ପ୍ରସ୍ତୁତ**

**ସମସ୍ତ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା**



ହେବ। ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବା ବେଳେ ଅକ୍ଟୋବର ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ▶ପୃଷ୍ଠା-୭

## ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ

■ ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କୋର୍ଟ ରୁମ୍‌ରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି ଜଣେ



ବୟସ୍କ ଓକିଲ। ରାକେଶ କିଶୋର ନାମକ ୭୧ ବର୍ଷୀୟ ଏହି ଓକିଲ ଜଷ୍ଟିସ ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ତେବେ ଏହି ଜୋତା ତାଙ୍କ ବେଞ୍ଚ୍ ପର୍ଯ୍ୟନ୍ତ ପହଞ୍ଚି ନଥିଲା। ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ଓକିଲଙ୍କୁ ତୁରନ୍ତ କାବୁ ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ଗର୍ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ



**ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି?**

- ଚାକିରି ବିକି ୨୦୦ କୋଟି ରୋଜଗାର
- ଘଟଣାରେ ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି
- ଆଶାୟୀଙ୍କୁ ନ୍ୟାୟ ନ ମିଳିଲେ ତୀବ୍ର ଆନ୍ଦୋଳନ

■ ଭୁବନେଶ୍ୱର, ୬।୧୦ (ସମିସ): ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ସୋମବାର ଗର୍ଜିଛି ବିଜୁ ଯୁବ, ଛାତ୍ର ଜନତା ଦଳ। ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜୋରଦାର ପ୍ରତିବାଦ କରାଯାଇଛି। ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ, ଆଗକୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଯୁବ, ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି।

ସୋମବାର ଯୁବ, ଛାତ୍ର ଜନତା ଦଳର ବହୁ ସଂଖ୍ୟକ କର୍ମୀ ଏହି ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ। ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିବା ସହ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବା ବେଳେ ଧସ୍ତାଧସ୍ତି ହୋଇଥିଲା। ଦଳର ଏହି ଦୁଇ ଛାମୁଆ ସଂଗଠନର ଅଭିଯୋଗ ଅନୁଯାୟୀ, ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁଁ ଆଶାୟୀମାନେ ହତାଶ ହୋଇଛନ୍ତି। ପୁଲିସ ଏସଆଇ ପଦ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ମଧ୍ୟ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ▶ପୃଷ୍ଠା-୭

**ପୁଲିସ ବଳୟରେ କଟକ**

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ବନ୍ଦ



■ କଟକ, ୬।୧୦ (ସମିସ): ଶାନ୍ତ ହେଉଛି କଟକ। ଉତ୍ତେଜନା କ୍ରମଶଃ ହ୍ରାସ ପାଇଥିବା ବେଳେ ପୁଲିସର କଡ଼ା ସୁରକ୍ଷାବଳୟରେ ରହିଛି ରୌପ୍ୟନଗରୀ। ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଓ ପୁଲିସ ମଧ୍ୟରେ ଗତକାଲି ଖଣ୍ଡଯୁଦ୍ଧ ହୋଇଥିଲା। ଏଥିଯୋଗୁଁ କଟକ ଅଶାନ୍ତ ହୋଇ ପଡ଼ିଥିବା ବେଳେ ୩୬ ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା। ୨୪ ଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ ହୋଇଥିବା ବେଳେ ୧୨ ▶ପୃଷ୍ଠା-୭

**୪ଟି ମାମଲା ରୁଜୁ, ୮ ଗିରଫ**

**୧୩ଟି ଥାନା ଅଞ୍ଚଳରୁ ୩୦୦ ଆଇନ ଉଲ୍ଲଙ୍ଘନକାରୀ ଅଟକ**

## ଜନଜୀବନ କଲବଲ

■ କଟକ,୬।୧୦(ସମିସ): କର୍ଫ୍ୟୁ ଯୋଗୁଁ ସାରା ସହରରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଦିନ ତମାମ ସହରବାସୀ ହଇରାଣ ହରକତ ହୋଇଥିବା ନଜରକୁ ଆସିଛି। ମୁଖ୍ୟତଃ ଇଣ୍ଟରନେଟ୍ ସେବା ଅଚଳ ହୋଇଯିବାରୁ ବ୍ୟାଙ୍କ୍, ହସ୍ପିଟାଲ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସେବା ବାଧାପ୍ରାପ୍ତ ହୋଇଛି। ଇଣ୍ଟରନେଟ୍ ଅଚଳ ହୋଇଯିବାରୁ ସହରରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ଆୟୁଷ୍ମାନ୍ କାର୍ଡର ସୁବିଧା ରୋଗୀମାନେ ପାଇ ପାରିନଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ମଧ୍ୟ ବନ୍ଦ ରହିଥିଲା। ▶ପୃଷ୍ଠା-୭



**ବୀମା, ବ୍ୟାଙ୍କ ଓ ସ୍ୱାସ୍ଥ୍ୟ ସେବା ଗୁରୁତର ପ୍ରଭାବିତ**

**ପରିବହନ ସେବା ବ୍ୟାହତ; ଯାତ୍ରୀ ହଟହଟା**




## ଘଣ୍ଟାଏ ଭିତରେ ଯେକୌଣସି ସ୍ଥାନକୁ ହେବ ଡେଲିଭରି

ୱାସିଂଟନ, ୬।୧୦ (ଏଜେନ୍ସି): ଆମେରିକାରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏଠାକାର ଏକ ଏରୋସ୍ପେସ ତଥା ଡିଫେନ୍ସ କମ୍ପାନୀ 'ଇନଭର୍ଜନ' ବିଶ୍ୱର ଏଭଳି ଏକ ପ୍ରଥମ ମହାକାଶ ଯାନ ପ୍ରସ୍ତୁତ କରି, ଯାହା ମାଧ୍ୟମରେ ପୃଥିବୀର ନିମ୍ନ କକ୍ଷରୁ ଯେକୌଣସି ସ୍ଥାନକୁ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ସାମଗ୍ରୀ ପହଞ୍ଚାଇ ହେବ। ଏହି ଯାନ ୨୨୭ କେଜି ଓଜନ ପର୍ଯ୍ୟନ୍ତ ଭାର ତଥା ଜରୁରୀ ସାମଗ୍ରୀ ନେଇପାରିବ। ଏହି ଯାନର ନାମ 'ଆର୍କ' ରଖାଯାଇଛି। କମ୍ପାନୀ ଏକ କାର୍ଯ୍ୟକ୍ରମରେ ଏହି ଯାନ ଲଞ୍ଚ୍ କରିଛି।



ଇନଭର୍ଜନର ସହ-ପ୍ରତିଷ୍ଠାତା ଜଷ୍ଟିସ ଫିୟାସ୍କେଟି ଏବଂ ଅଷ୍ଟିନ ବ୍ରିଗ୍ସ କହିଛନ୍ତି ଯେ ଏହା ଏକ ନୂଆ ଲଜିଷ୍ଟିକ ପ୍ଲାଟଫର୍ମ। ଏହା ମହାକାଶରେ ଏକ ନେଟୱର୍କ ପ୍ରସ୍ତୁତ କରି ପୃଥିବୀକୁ ପୂର୍ବାପେକ୍ଷା ଅଧିକ ସୁଗମ (ଆକ୍ସେସେବୁଲ) କରିବ। ଏହି ଯାନ ଘଣ୍ଟା ପ୍ରତି ୨୪, ୭୦୦ କିମି ବେଗରେ ଗତି କରିବ। ମହାକାଶ ଯାନ ତୁଳନାରେ ଏହା ବହୁତ କ୍ଷୁଦ୍ର। ଏହି ଯାନର ଉଚ୍ଚତା ୮ ଫୁଟ ଏବଂ ଓସାର ୪ ଫୁଟ।

ମହାକାଶରେ ପୁଣିଥରେ ପହଞ୍ଚିବା ପରେ ଆର୍କ ନିଜକୁ ନିୟନ୍ତ୍ରଣ କରିପାରିବ। ଏହା ପାରାଚୁଟ ମାଧ୍ୟମରେ ବିନା ରନୱେରେ ଅବତରଣ ମଧ୍ୟ କରିବାରେ ସକ୍ଷମ। ସାମଗ୍ରୀ ପହଞ୍ଚାଇବା ପାଇଁ ଡିଜାଇନ କରାଯାଇଥିବାରୁ ଏହା ମନୁଷ୍ୟକୁ ନେଇ ଯାଉଥିବା ଯାନ ତୁଳନାରେ ଶସ୍ତା। ଆର୍କ ପୁନଃବ୍ୟବହାରକ୍ଷମ ଏବଂ ସଠିକ ଭାବେ ଅବତରଣ କରିପାରିବ। ଏବେ ସୁଦ୍ଧା ଏହି ଯାନର ଅନେକ ପରୀକ୍ଷଣ ସଫଳ ହେଲାଣି। ଆର୍କକୁ ପୃଥିବୀ କକ୍ଷରେ ରଖାଯିବ। ଏହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଆବଶ୍ୟକ ପଡ଼ିଲେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘଣ୍ଟାଏ ମଧ୍ୟରେ ସାମଗ୍ରୀ ପହଞ୍ଚାଇବ।

## ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବ ରୁଷ୍

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ରୁଷିଆ ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବାକୁ ଯାଉଛି। ଏହାକୁ ନେଇ ଭାରତ ସରକାରଙ୍କୁ ବିରୋଧୀ ଦଳଗୁଡିକ ସମାଲୋଚନା କରୁଛନ୍ତି। ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଉଛନ୍ତି। ତେବେ ଏହି ଚୁକ୍ତି ଭାରତକୁ ପରୋକ୍ଷରେ ଫାଇଦା ପହଞ୍ଚାଇବ ବୋଲି ରୁଷିଆର ପ୍ରତିରକ୍ଷା ବିଶେଷଜ୍ଞ ପିଓଟର ଟୋପିଚକାନୋଭ କହିଛନ୍ତି। ଜେଏଫ୍-୧୭ରେ ବ୍ୟବହାର ପାଇଁ ଆରଡି-୯୩ ଇଞ୍ଜିନ୍ ରୁଷିଆ ପାକିସ୍ତାନକୁ ଦେବ। କିନ୍ତୁ ଏହା ଭାରତକୁ ଫାଇଦା ପହଞ୍ଚାଇବା ନେଇ ଟୋପିଚକାନୋଭ ଦୁଇଟି ତର୍କ ଦେଇଛନ୍ତି। ପ୍ରଥମଟି ହେଲା ଚୀନ୍ ଓ ପାକିସ୍ତାନ ସାଥି ହୋଇ ରୁଷୀୟ ଇଞ୍ଜିନର ବିକଳ୍ପ ପ୍ରସ୍ତୁତି କରିପାରିବେ ନାହିଁ। ଏଥିପାଇଁ ପାକିସ୍ତାନ ଚୀନ୍‌ର ଲଢୁଆ ବିମାନ ପାଇଁ ରୁଷ ଇଞ୍ଜିନ କ୍ରୟ କରୁଛି। ଦ୍ୱିତୀୟଟି ହେଲା ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ଚୀନର ଜେଏଫ୍-୧୭ ବିମାନର ବହୁଳ ବ୍ୟବହାର କରିଥିଲା। ଏପରିସ୍ଥଳେ ଯଦି, ପାକିସ୍ତାନ ତା'ର ଫାଇଟର ଜେଟ୍‌ରେ ରୁଷର ଇଞ୍ଜିନ ବ୍ୟବହାର କରେ ତେବେ ଭାରତ ଏହି ବିମାନର କାର୍ଯ୍ୟକଳାପ ଓ ଉଡାଣ ସମ୍ପର୍କରେ ଅତି ସହଜରେ ଅବଗତ ହେବ। ତେଣୁ ପାକିସ୍ତାନ କୌଣସି ବଡ଼ ଧରଣର କାଣ୍ଡ ଘଟାଇବା ପୂର୍ବରୁ ଭାରତ ଆଗୁଆ ଜାଣିପାରିବ ବୋଲି ଟୋପିଚକାନୋଭ କହିଛନ୍ତି। ପୁଣି ଆରଡି- ୯୩ ଇଞ୍ଜିନ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟିକ ହେବ ଓ ଏଥିରେ ପାକିସ୍ତାନ ସହ କୌଣସି ବୈଷୟିକ ନେଣଦେଣ ହେବନି ବୋଲି ରୁଷିଆ ଭାରତକୁ ପ୍ରତିଶ୍ରୁତି ଦେଇଛି।



## ଆମେରିକାରେ ଭାରତୀୟ ମ୍ୟାନେଜରଙ୍କୁ ହତ୍ୟା

ପେନସିଲଭାନିଆ,୬।୧୦(ଏଜେନ୍ସି): ଆମେରିକାର ଆଉ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି। ପିଟ୍‌ସବର୍ଗରେ ଜଣେ ଭାରତୀୟ ବଂଶୋଦ୍ଭବ ମୋଟେଲ ମ୍ୟାନେଜର ୫୧ ବର୍ଷୀୟ ରାକେଶ ଏହାଗାବାନଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଛି। ସେ ରବିନସନ ଟାଉନସିପ୍‌ର ପିଟସବର୍ଗ ମୋଟେଲ ପରିଚାଳନା କରୁଥିଲେ। ଶୁକ୍ରବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ମୋଟେଲର ପାର୍କିଂ ଏରିଆରେ ବିବାଦ ପରେ ହଙ୍ଗାମା ହୋଇଥିଲା। ଏହାକୁ ଶୁଣି ରାକେଶ ବାହାରକୁ ଆସିଥିଲେ। ଦୁଇଜଣ ଲୋକ ପରସ୍ପର ମଧ୍ୟରେ ଝଗଡ଼ା କରୁଥିବା ବେଳେ ରାକେଶ ଦୁହିଁଙ୍କୁ ସେଥିରୁ ନିବୃତ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିଲା। ୩୭ ବର୍ଷୀୟ ଷ୍ଟେନଲି ୟୁଗେନ୍ ରାକେଶଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ।

## ଆମେରିକାରେ ମୁହାଁମୁହିଁ, ହଜାରେରୁ ଊର୍ଦ୍ଧ୍ୱ ଗିରଫ

ୱାସିଂଟନ, ୬।୧୦ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇଲିନୟ ରାଜ୍ୟର ଚିକାଗୋରେ ଅପରାଧ ବୃଦ୍ଧି ଏବଂ ବିକ୍ଷୋଭକୁ ଦେଖି ୩୦୦ ନ୍ୟାସନାଲ ଗାର୍ଡ୍ସ ମୁତୟନ କରିଛନ୍ତି। ଏହାକୁ ନେଇ ଅନେକ ସ୍ଥାନରେ ନ୍ୟାସନାଲ ଗାର୍ଡ୍ସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହି ମାମଲାରେ ହଜାରେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି। ହୋମଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ (ଡିଏଚଏସ)ର ଅପରେସନ ମିଡୱେ ବ୍ଲିଟଜ୍ ଅଧିନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହା ଅଧିନରେ ଅପରାଧି ଏବଂ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇଛି।

## ୧୪ ବର୍ଷ ପରେ ସିରିଆରେ ନିର୍ବାଚନ

ଦାମାସକସ୍,୬।୧୦(ଏଜେନ୍ସି): ପ୍ରାୟ ୧୪ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ରାଜଧାନୀ ଦାମାସକସ୍‌ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବସର ଅଲ- ଅସଦଙ୍କ ଏକଛତ୍ରବାଦୀ ଶାସନରେ ଦୀର୍ଘ ୧୩ ବର୍ଷର ଗୃହଯୁଦ୍ଧ ବିଭୀଷିକାରେ ଏହି ସିରିଆ ବିପର୍ଯ୍ୟସ୍ତ ହୋଇପଡିଥିଲା। ଗତ ଡିସେମ୍ବରରେ ଅନ୍ତରୀଣ ରାଷ୍ଟ୍ରପତି ଭାବେ ଅହମ୍ମଦ ଅଲ-ଶରା ଶାସନଭାର ହାତକୁ ନେବା ପରେ ନିର୍ବାଚନ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଫଳରେ ସିରିଆରେ ଗଣତନ୍ତ୍ରର ଏକ ନୂଆଯୁଗ ଆରମ୍ଭ ହୋଇଥିବା କୁହାଯାଉଛି। ଏହି ନିର୍ବାଚନରେ ଅଲ-ସରା ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ତେବେ ଜନସାଧାରଣ ଓ ରାଜନୈତିକ ଦଳଗୁଡିକୁ ଦୂରେଇ ରଖାଯିବାରୁ ଏହି ନିର୍ବାଚନକୁ ସମାଲୋଚନା କରାଯାଉଛି।

## ପିଏମ୍‌ଓ ଅଭିଯୋଗରେ ଜାଲ୍ ଅଧିକାରୀ ବିରୋଧରେ ଏତଲା ରୁଜୁକଲା ସିବିଆଇ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ଅଭିଯୋଗ କ୍ରମେ ସିବିଆଇ ଡ. ପି ରାମାରାଓଙ୍କ ବିରୋଧରେ ଏତଲା ରୁଜୁ କରିଛି। ସେ ନିଜକୁ ପିଏମ୍‌ଓର ବରିଷ୍ଠ ଅଧିକାରୀ ଦର୍ଶାଇ ତିରୁପତି ମନ୍ଦିରର 'ସୁପ୍ରଭାତ ଦର୍ଶନ' ଏବଂ ପୁନେର ସିମ୍ବୋସିସ୍ ୟୁନିଭର୍ସିଟିରେ ଜଣେ ପିଲାର ନାମ ଲେଖାଇବାକୁ ଉଦ୍ୟମ କରିଥିଲେ। ଏହା ସହିତ ମହୀଶୁର ତହସିଲଦାରଙ୍କୁ ଫୋନ କରି ଜଣେ ବ୍ୟକ୍ତିଙ୍କୁ ଜମି କାଗଜପତ୍ର ପ୍ରଦାନ କରିବାକୁ କହିଥିଲା। ପିଏମ୍‌ଓର ସହାୟକ ନିର୍ଦ୍ଦେଶକ ଅନିଲ ଶର୍ମାଙ୍କ ଅଭିଯୋଗ କ୍ରମେ ସିବିଆଇ ଗତ ଦୁଇ ତାରିଖରେ ଏହି ଏତଲା ରୁଜୁ କରିଥିଲା।


# ଜୟପୁର ହସ୍ପିଟାଲରେ ନିଆଁ

## ଅବହେଳାରୁ ଜୀବନ ହରାଇଲେ ୮ ରୋଗୀ

ଜୟପୁର,୬।୧୦(ଏଜେନ୍ସି): ଜୀବନ ବଞ୍ଚାଉ ଥିବା ଡାକ୍ତରଖାନାରେ ମୃତଦେହ ଗଦା ହୋଇଯାଇଛି। ରାଜସ୍ଥାନ ଜୟପୁରସ୍ଥିତ ସବାଇ ମାନସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲରେ ଏଭଳି ହୋଇଛି। ଟ୍ରମା ସେଣ୍ଟରର ନ୍ୟୁରୋ ଆଇସିୟୁ ୱାର୍ଡରେ ରବିବାରରାତି ୧୧ଟା୨୦ରେ ନିଆଁ ଲାଗି ୩ ମହିଳାଙ୍କ ସମେତ ୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ହସ୍ପିଟାଲରେ ଆତଙ୍କ ଖେଳିଯାଇଥିଲା। ଧାଁଦୌଡ଼ ଭିତରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ଏଠାରେ କାଗଜ, ଆଇସିୟୁରେ ବ୍ୟବହାର ହେଉଥିବା ଜିନିଷ ଓ ବ୍ଲଡ୍ ସାମ୍ପୁଲର ଟ୍ୟୁବ ଥିଲା। ସର୍ଟ ସାର୍କିଟ ଯୋଗୁ ନିଆଁ ଲାଗିଛି ବୋଲି କୁହାଯାଉଛି। ଘଟଣା ବେଳେ ଆଇସିୟୁରେ ୧୧ ଜଣ ରୋଗୀ ଥିଲେ। ନିକଟରେ ଥିବା ଅନ୍ୟଏକ ଆଇସିୟୁରେ ୧୩ ଜଣ ରୋଗୀ ମଧ୍ୟ ଥିଲେ। ଏହି ଅଗ୍ନିକାଣ୍ଡର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏଫ୍‌ଏସ୍‌ଏଲ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି। ତେବେ ନିଆଁ ଲାଗିବାର ୨୦ ମିନିଟ ପୂର୍ବରୁ ଧୂଆଁ ଉଠିଥିଲା। ଏ ନେଇ ହସ୍ପିଟାଲ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଏହାକୁ ଗୁରୁତ୍ୱ ଦେଇ ନଥିଲେ। ଏହି ଘଟଣା ପାଇଁ ଟ୍ରମା ସେଣ୍ଟର ଇନ୍‌ଚାର୍ଜଙ୍କଠାରୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ୯ ଜଣଙ୍କୁ ଦାୟୀ କରାଯାଉଛି। ଏମାନଙ୍କର ଅବହେଳା ଲାଗି ରୋଗୀଙ୍କ ଜୀବନ ଗଲା ବୋଲି କୁହାଯାଉଛି। ରାଜ୍ୟ ସଚିବାଳୟ ହସ୍ପିଟାଲରୁ କିଛି କିମି ଦୂରରେ ଥିଲେ ମଧ୍ୟ ଅଧିକାରୀଙ୍କଠାର ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯଦି ସମସ୍ତେ ନିଜ ଦାୟିତ୍ୱ ପାଳନ କରିଥାନ୍ତେ ତେବେ ଏପରି ହୋଇ ନ ଥାଆନ୍ତା।



ନିଆଁ ଲାଗିବାର ସୂଚନା ମିଳିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଭିତରକୁ ଯିବାର କୌଣସି ରାସ୍ତା ନ ଥିବାରୁ ଝରକା କାଚ କାଢ଼ି ପାଣି ସ୍ପ୍ରେ କରାଯାଇଥିଲା। ଏହାର ଏକରୁ ଦେଢ଼ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସବୁ ରୋଗୀଙ୍କୁ ଶଯ୍ୟା ସମେତ ବାହାରକୁ ବାହାର କରାଯାଇଥିଲା।



## ମେଡିସିନ୍‌ରେ ତିନି ବୈଜ୍ଞାନିକଙ୍କୁ ମିଳିଲା ନୋବେଲ

### ଇମ୍ୟୁନୋ ସେଲ୍‌ର ଆକ୍ରମଣକୁ ପ୍ରତିହତ କରୁଥିବା 'ଟି' କୋଷିକାର ସନ୍ଧାନ କରିଥିଲେ

ଷ୍ଟକ୍‌ହାମ, ୬।୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ଆରମ୍ଭ ହୋଇଛି। ନୋବେଲ ସପ୍ତାହର ପ୍ରଥମ ଦିନରେ ସୋମବାର ମେଡିସିନ ତଥା ଫିଜିଓଲୋଜି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ପେରିଫେରିଆଲ ଇମ୍ୟୁନୋ ଟଲେରାନ୍ସ କ୍ଷେତ୍ରରେ କରିଥିବା ଉଦ୍ଭାବନା ପାଇଁ ବୈଜ୍ଞାନିକ ମେରି ଇ ବ୍ରନକୋ, ଫ୍ରେଡ ରାମ୍ସଡେଲ ଏବଂ ସିମନ ସାକାଗୁଚାଙ୍କୁ ଚଳିତ ବର୍ଷ ପାଇଁ ନୋବେଲ ଦିଆଯିବ। ସ୍ୱିଡେନର କାରୋଲିନସ୍କା ଇନଷ୍ଟିଚ୍ୟୁଟ ମେଡିକାଲ ୟୁନିଭର୍ସିଟିର ନୋବେଲ ଆସେମ୍ବ୍ଲି ପକ୍ଷରୁ ଏହି ବିଜେତାଙ୍କୁ ବଛା ଯାଇଛି। ଏହି ବୈଜ୍ଞାନିକଙ୍କୁ ପୁରସ୍କାର ବାବଦକୁ ୧୧ ନିୟୁତ ସ୍ୱେଡିଶ କ୍ରାଉନ ତଥା ୧.୨ ନିୟୁତ ଡଲାର ସହିତ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବ।

ଭୁଲ୍‌ରେ ବି ଅଙ୍ଗପ୍ରତ୍ୟଙ୍ଗ ଉପରେ ଆକ୍ରମଣ ନ କରିବା ପାଇଁ ଶରୀରର ଶକ୍ତିଶାଳୀ ଇମ୍ୟୁନୋ ସିଷ୍ଟମକୁ କେଉଁ ଭଳି ଭାବେ ନିୟନ୍ତ୍ରଣ କରାଯାଏ ତାହାର ସନ୍ଧାନ ଏହି ବୈଜ୍ଞାନିକମାନେ କରିଥିଲେ। ଆମ ଶରୀରର ଇମ୍ୟୁନୋ ସିଷ୍ଟମ ତଥା ରୋଗ ପ୍ରତିରୋଧୀ ବ୍ୟବସ୍ଥା ପ୍ରତି ଦିନ ଲକ୍ଷାଧିକ ସୂକ୍ଷ୍ମଜୀବନଙ୍କଠାରୁ ଶରୀରକୁ ସୁରକ୍ଷା ଦେଇଥାଏ। ଏହି ସବୁ ସୂକ୍ଷ୍ମ ଜୀବନ ଅଲଗା ଅଲଗା ଦେଖାଯାଆନ୍ତି। ଅନେକ ଜୀବନ ନିଜକୁ ମାନବ କୋଷିକା ଭଳି ଦେଖାଇବାର କ୍ଷମତାକୁ ବିକଶିତ କରିନେଇଛନ୍ତି। ଏହା ଦ୍ୱାରା କାହା ଉପରେ ଆକ୍ରମଣ କରାଯିବ ଏବଂ କାହାକୁ ସୁରକ୍ଷା ଦିଆଯିବ ତାହା ଚିହ୍ନଟ କରିବା ଇମ୍ୟୁନୋ ସିଷ୍ଟମ ପାଇଁ କଷ୍ଟସାଧ ହୋଇଯାଇଥାଏ। ଆମେରିକା ସିଟେଲ ସ୍ଥିତ 'ଇନଷ୍ଟିଚ୍ୟୁଟ୍ସ ଫର ସିଷ୍ଟମ ବାୟୋଲୋଜି'ରେ କାର୍ଯ୍ୟରତ ମେରି, ସାନ୍ ଫ୍ରାନ୍‌ସିସିକୋର ସୋନୋମା ବାୟୋଥେରେପ୍ୟୁଟିକ୍ସ ରାମ୍ସଡେଲ ଏବଂ ଜାପାନର ଓସାକା ୟୁନିଭର୍ସିଟିର ସାକାଗୁଚାଙ୍କୁ ଇମ୍ୟୁନୋ ସିଷ୍ଟମର ସୁରକ୍ଷାଗାର୍ଡ ତଥା ରେଗୁଲେଟରି ଟି-ସେଲ୍ସର ଚିହ୍ନଟ କରିଥିଲେ। ଇମ୍ୟୁନୋ ସେଲ୍ ଶରୀର ଉପରେ ଆକ୍ରମଣ ନ କରିବା ପାଇଁ ଏଗୁଡିକ ସୁନିଶ୍ଚିତ କରିଥାନ୍ତି। ଏହି ଅନୁସନ୍ଧାନ ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେଇଛି। କର୍କଟ ଏବଂ ଅଟୋଇମ୍ୟୁନୋ ରୋଗର ଚିକିତ୍ସା ଖୋଜା ଯାଉଛି। ଏହା ଦ୍ୱାରା ଅଙ୍ଗପ୍ରତିରୋପଣରେ ମଧ୍ୟ ସହାୟତା ମିଳୁଛି। ଏହା ବ୍ୟତୀତ ଅନେକ ଚିକିତ୍ସା ଏବେ କ୍ଲିନିକାଲ ଟ୍ରାଏଲ ଦେଇ ଗତି କରୁଛି। ଏହି ତିନି ବୈଜ୍ଞାନିକଙ୍କୁ ଡିସେମ୍ବର ୧୦ରେ ଷ୍ଟକହୋମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୦.୩ କୋଟି ଟଙ୍କା, ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ।



## ୨୭ ଦିନରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ୨ ବର୍ଷରେ ୫ ପ୍ରଧାନମନ୍ତ୍ରୀ ଛାଡ଼ିଲେଣି ପଦ

ପ୍ୟାରିସ,୬।୧୦(ଏଜେନ୍ସି): ମାତ୍ର ୨୭ ଦିନ ମଧ୍ୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ସେପ୍ଟେମ୍ବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ଅକ୍ଟୋବର ୬ରେ ପଦ ଛାଡ଼ିଛନ୍ତି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି। ରବିବାର ଲେକର୍ଣ୍ଣୁ ନୂଆ ମନ୍ତ୍ରିମଣ୍ଡଳର ଘୋଷଣା କରିଥିଲେ ମଧ୍ୟ ଏହାର ମାତ୍ର ୧୨ ଘଣ୍ଟା ପରେ ହିଁ ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଫ୍ରାନ୍ସ ଇତିହାସରେ ସେ ପ୍ରଧାନମନ୍ତ୍ରୀ ଭାବେ ସବୁଠାରୁ କମ୍ ସମୟ ଦାୟିତ୍ୱରେ ରହି ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହ ଗତ ଦୁଇବର୍ଷ ମଧ୍ୟରେ ୫ଜଣ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଛନ୍ତି। ଏହାପୂର୍ବରୁ ୩୯ ବର୍ଷୀୟ ଲେକର୍ଣ୍ଣୁ ସର୍ବକନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ୨୦୨୨ରୁ ସେ ଏହି ଦାୟିତ୍ୱରେ ଥିଲେ। କଞ୍ଜରଭେଟିଭ ପାର୍ଟିରୁ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ମଧ୍ୟ ସେ ମାକ୍ରନଙ୍କ ସେଣ୍ଟ୍ରିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ତାଙ୍କୁ ମାକ୍ରନଙ୍କ ନିକଟତର ବୋଲି ବିବେଚନା କରାଯାଏ। ରାଜନୈତିକ ଦଳଗୁଡିକ ମଧ୍ୟରେ ସନ୍ତୁଳନ ତଥା ସମନ୍ୱୟ ରହୁ ନଥିବାରୁ ସେ ପଦ ଛାଡିଥିବା କହିଛନ୍ତି। ବୁଝାମଣା କରିବାକୁ ରାଜିଥିଲେ ମଧ୍ୟ କିନ୍ତୁ କେହି କାହାକୁ ସହଯୋଗ କରିବାକୁ ରାଜି ନ ଥିବାରୁ ପଦ ଛାଡିବାକୁ ନିଷ୍ପତ୍ତି ନେଲି ବୋଲି ସେ ଉଲ୍ଲେଖ କରିଛନ୍ତି।

## ୱାଙ୍ଗଚୁକ୍ ମାମଲାରେ କେନ୍ଦ୍ରକୁ ନୋଟିସ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମ୍ବନ୍ଧିତ ହେବିୟସ କର୍ପସ ତଥା ବନ୍ଦୀ ପ୍ରତ୍ୟକ୍ଷୀକରଣ ମାମଲାର ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ଏହି ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ଆଇନ ତଥା ଏନ୍‌ଏସଏ ଅଧିନରେ ସ୍ୱାମୀଙ୍କ ଗିରଫକୁ ଚ୍ୟାଲେଞ୍ଜ କରାଯାଇଥିଲା। ତାଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଏବେ କୋର୍ଟ ମାମଲାର ଶୁଣାଣିକୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।



ଆଜିର ଶୁଣାଣି ସମୟରେ ୱାଙ୍ଗଚୁକଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ଯେଉଁ କାରଣ ପାଇଁ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି ତାହାର କପି ତଥା ନକଲ ପରିବାରକୁ ଦିଆଯାଇ ନାହିଁ। ତେବେ ହେପାଜତକୁ ନେବାର କାରଣ ୱାଙ୍ଗଚୁକଙ୍କୁ ଜଣାଇ ଦିଆଯାଇଛି। ଏହାର ନକଲ ତାଙ୍କ ପତ୍ନୀଙ୍କୁ ଦେବା ପାଇଁ ବିଚାର କରାଯାଇପାରେ ବୋଲି କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଲଦାଖରେ ହୋଇଥିବା ହିଂସା ମାମଲାରେ ୨୬ରେ ୱାଙ୍ଗଚୁକଙ୍କୁ ଗିରଫା କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ଗତ ୨ ତାରିଖରେ ସୋନମଙ୍କ ପତ୍ନୀ ସୁପ୍ରିମକୋର୍ଟରେ ହେବିୟସ କର୍ପସ ଦାଏର କରିଥିଲେ। ସ୍ୱାମୀଙ୍କ ଗିରଫକୁ ସେ ବେଆଇନ ବୋଲି କହିଥିଲେ।

## ଆକ୍ରମଣରେ ପଶ୍ଚିମବଙ୍ଗ ସାଂସଦଙ୍କ ମୁଣ୍ଡ ଫାଟିଲା

କୋଲକାତା, ୬।୧୦ (ଏଜେନ୍ସି): ପଶ୍ଚିମବଙ୍ଗର ନାଗ୍ରାକାଟା ଅଞ୍ଚଳରେ ବିଜେପି ସାଂସଦ ଖଗେନ ମୁର୍ମୁ ଓ ସ୍ଥାନୀୟ ଶଙ୍କର ଘୋଷଙ୍କ ଉପରେ ଆକ୍ରମଣ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ବେଳେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହି କାଣ୍ଡ ଘଟାଇଥିଲେ। ଫଳରେ ଖଗେନଙ୍କ ମୁଣ୍ଡ ଫାଟିଛି ଓ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖଗେନ ମାଲଦାର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇଥିଲେ। ଏହାପରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ଫେରିଯାଇ ବୋଲି ସ୍ଲୋଗାନ ଦେଇଥିଲେ। ଆକ୍ରମଣ ପରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ସେ ଗାଡ଼ିରେ ବସିଥିବାର ଦେଖାଯାଇଛି। ସାଂସଦଙ୍କ ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗୁଣ୍ଡାମାନେ ଆକ୍ରମଣ କରିଛନ୍ତି ବୋଲି ବିଜେପି ତରଫରୁ ଅଭିଯୋଗ କରାଯାଇଛି। ଜଣେ ସମ୍ମାନୀତ ଆଦିବାସୀ ନେତା ଓ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ଖଗେନଙ୍କୁ ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ପୁଲିସର ଉପସ୍ଥିତିରେ ଏହି ଆକ୍ରମଣ ହୋଇଥିବାରୁ ବିରୋଧୀ ଦଳ ନେତା ତଥା ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସିକୁ ଏଥିପାଇଁ ଦାୟୀ କରିଛନ୍ତି।



# ନେତନ୍ୟାହୁଙ୍କ ଉପରେ ଟ୍ରମ୍ପ କ୍ଷୁବ୍ଧ

ୱାସିଂଟନ, ୬।୧୦ (ଏଜେନ୍ସି): ଗାଜା ଯୁଦ୍ଧ ସମାପ୍ତ କରିବା ପାଇଁ ପ୍ରୟାସ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଟ୍ରମ୍ପ ରାଗି ଯାଇ ଫୋନ୍‌ରେ ଗାଳି ମଧ୍ୟ ଦେଇଛନ୍ତି। ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ବୋଲି ସେ ନେତନ୍ୟାହୁଙ୍କୁ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ ଗାଜାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଟ୍ରମ୍ପ ଗତ ୨୯ ତାରିଖରେ ୨୦ ସୂତ୍ରୀ ଯୋଜନା ଆଣିଛନ୍ତି। ଏହି ଯୋଜନାକୁ ଇସ୍ରାଏଲ ସ୍ୱୀକାର କରିଛି। ମାତ୍ର ହମାସ ଆଂଶିକ ଭାବେ ପାଳନ କରିବାକୁ ରାଜି ହୋଇଛି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛି। ଏହାର ସୂଚନା ଦେବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପ ଫୋନ୍ କରିଥିଲେ। ଟ୍ରମ୍ପ ଏହାକୁ ସକାରାତ୍ମକ



ସର୍ବଦା ନକାରାତ୍ମକ ରହୁଛ କାହିଁକି

ସୂଚନା କହିଥିଲେ। ମାତ୍ର ଏହା କୌଣସି ବଡ଼ କଥା ନୁହେଁ ବୋଲି ନେତନ୍ୟାହୁ ଉଲ୍ଲେଖ କରିଥିଲେ। ଏହା ଶୁଣିବା ମାତ୍ରେ ଆମେରିକା ରାଷ୍ଟ୍ରପତି କ୍ଷୁବ୍ଧ ହୋଇ ଯାଇଥିଲେ। ସେ କ୍ରୋଧରେ ନେତନ୍ୟାହୁଙ୍କୁ ଗାଳି ଦେଇଥିଲେ। ଟ୍ରମ୍ପ କହିଥିଲେ ଯେ ତୁମେ ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ମତେ ଜଣା ନାହିଁ। ଏହାକୁ ବିଜୟ ଭାବେ ଦେଖି ସ୍ୱୀକାର କର। ଏହା ଏକ ଭଲ ଖବର।

ଅନ୍ୟପଟେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ ଯେ ସପ୍ତାହନ୍ତରେ ହମାସ ଏବଂ ବିଶ୍ୱର ଅନ୍ୟ ଦେଶ ସହ ବହୁତ ଭଲ ଆଲୋଚନା ହୋଇଛି। ଗାଜା ଯୁଦ୍ଧ ବନ୍ଦ, ପଣବନ୍ଦୀଙ୍କୁ ମୁକ୍ତି ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ। ଅତି ଉତ୍ତମ ଭାବେ ଏ ନେଇ ଆଲୋଚନା ହେଉଛି। ଏହି ପୁରୁଣା ଝଗଡ଼ା ଉପରେ ମୁଁ ନଜର ରଖିବି। ସମୟ ଅତି ମୂଲ୍ୟବାନ, ନଚେତ ବେଶୀ କ୍ଷତି ହେବ। ଏପରି ହେଉ ବୋଲି କେହି ଚାହୁଁନାହାନ୍ତି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବକୁ ହମାସ ସ୍ୱୀକାର କରି ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କ ବଦଳରେ ଇସ୍ରାଏଲ ପଣବନ୍ଦୀକୁ ମୁକ୍ତ କରିବା ପାଇଁ ହମାସ ରାଜି ହୋଇଥିଲା। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଟ୍ରମ୍ପ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାତାରରେ ଥିବା ହମାସର ରାଜନୈତିକ ଅଫିସ ପକ୍ଷରୁ କୁହାଯାଇଥିଲା ଯେ ଉପଯୁକ୍ତ ସର୍ତ୍ତ ବଳରେ ଏହି ଚୁକ୍ତିକୁ ଗୋଷ୍ଠୀ ସ୍ୱୀକାର କରୁଛି। ଜୀବିତ ଏବଂ ମୃତଥିବା ପ୍ରତ୍ୟେକ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହି ଯୋଜନା ଅଧିନରେ ହମାସ ତିନି ଦିନ ମଧ୍ୟରେ ପ୍ରାୟ ୪୮ ପଣବନ୍ଦୀଙ୍କୁ ମୁକ୍ତି କରିବ। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବା ଆଶା କରାଯାଉଛି। ଏହି ଗୋଷ୍ଠୀ କ୍ଷମତା ଏବଂ ଅସ୍ତ୍ରବିରତି ପାଇଁ ମଧ୍ୟ ରାଜି ହୋଇଛି। ଟ୍ରମ୍ପ ଏବଂ ଅନ୍ୟ ବିଶ୍ୱନେତା ଏହାକୁ ସ୍ୱାଗତ କରିଥିବାବେଳେ ଯୁଦ୍ଧ ସମାପ୍ତ କରିବା ପାଇଁ କିଛି କହିନାହାନ୍ତି।

## ଦିଲ୍ଲୀରେ ମାସେ ଧରି ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦିଲ୍ଲୀରେ ଏକମାସ ଧରି ଜଣେ ୧୮ ବର୍ଷୀୟା ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯିବାର ଘଟଣା ସମ୍ନାକୁ ଆସିଛି। ପୀଡିତା ଏ ନେଇ ଶୁକ୍ରବାର ମାମଲା ଦାଏର କରିଛନ୍ତି। ଫଳରେ ଏହି ଘଟଣା ଏବେ ସାମ୍ନାକୁ ଆସିଛି। ସ୍ଥାନୀୟ ଆଦର୍ଶ ନଗରସ୍ଥିତ ଏକ ହୋଟେଲକୁ ୨୦ ବର୍ଷର ଯୁବକ ଅମନପ୍ରୀତ ପୀଡିତାଙ୍କୁ ପାର୍ଟିରେ ଯୋଗ ଦେବା ପାଇଁ ଡକାଇଥିଲେ। ସେଠାରେ ଯୁବକଙ୍କର ଦୁଇଜଣ ବନ୍ଧୁ ପୂର୍ବରୁ ଥିଲେ। ୩ ଜଣ ମିସି ପାନୀୟରେ ନିଶା ଦେଇଥିଲେ। ଫଳରେ ଯୁବତୀ ଜଣକ ବେହୋଶ ହୋଇଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ ଓ ବାକି ଦୁଇଜଣ ସାଙ୍ଗ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଦୁଇଜଣ ବନ୍ଧୁ ମଧ୍ୟ ତାଙ୍କର ଯୌନ ଉତ୍ପୀଡ଼ନ କରିଥିଲେ। ଏହାପରେ ଅଭିଯୁକ୍ତ ଏହି ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ୍‌ମେଲ କରିବା ସହ ସେପ୍ଟେମ୍ବର ମାସ ସାରା ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅଭିଯୁକ୍ତ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାକୁ ଧମକ ଦେଇଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ପୀଡିତା ଜଣକ ହରିୟାଣାର ଓ ସେ ଡଃ ବିଆର ଆମ୍ବେଦକର ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି। ସେ ରୋହିଣୀରେ ଏକ ହଷ୍ଟେଲରେ ରହୁଛନ୍ତି। ପୁଲିସ ଏହି ମାମଲାର ଯାଞ୍ଚ କରୁଛି ଓ ଅମନପ୍ରୀତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

**ଅଶାନ୍ତ ହେଉଛି ଶାନ୍ତିପ୍ରିୟ ଓଡ଼ିଶା**

# ଦେଢ଼ ବର୍ଷର ସରକାରରେ ୩ ଟି କର୍ଫ୍ୟୁ

ଭୁବନେଶ୍ୱର,୬।୧୦(ସମିସ): ଦେଶକୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ଓଡ଼ିଶାର ଅନେକ ସହରରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ମିଶି ପୂଜା ପାର୍ବଣ ଆୟୋଜନ କରୁଥିବାର ନଜିର ରହିଛି। ହେଲେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୱେଶ ଓ ଅବିଶ୍ୱାସ ମାଡ଼ି ଚାଲିଛି। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମ୍ପ୍ରଦାୟିକ ସଦ୍‌ଭାବନା



ବିଗିଡ଼ିଥିବା ବେଳେ ୩ଟି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ବିଭିନ୍ନ ସ୍ଥାନରେ ସାମାଜିକ ବିଶୃଙ୍ଖଳା ବଢ଼ିଚାଲିଥିବା ବେଳେ ସରକାର ଏଭଳି ଘଟଣାକୁ ଦମନ କରିବାରେ କାହିଁକି କିଛି ଠୋସ୍ ପଦକ୍ଷେପ ନେଇପାରୁ ନାହାନ୍ତି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହଜାର ବର୍ଷର ଭାଇଚାରାକୁ ନେଇ କଟକ ସହର ଯେଉଁ ଗର୍ବ କରୁଥିଲା, ତାହା ମଧ୍ୟ ଏବେ ଧୂଳିସାତ୍ ହୋଇଯାଇଛି। କଟକରେ ମା' ଦୁର୍ଗାଙ୍କ ଭାସାଣି ସମୟରେ ହୋଇଥିବା ହିଂସା ଓ ଏହା ପରର ସ୍ଥିତି ଏତେ ଆଗକୁ ବଢ଼ିଯାଇଛି ଯେ ୨ ଦିନ ହେବ ସେଠାରେ କର୍ଫ୍ୟୁ ବଳବତ୍ତର ରହିଛି। କେବେ ଏଠାରେ ସ୍ଥିତି ସ୍ୱାଭାବିକ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେବଳ କଟକ ନୁହେଁ; ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦପ୍ରସାଦରେ ଅଗଷ୍ଟ ୨୦୨୪ରେ ମଧ୍ୟ କର୍ଫ୍ୟୁ ଲାଗିବା ସହ ଜୁନ୍ ମାସରେ ବାଲେଶ୍ୱରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ ହେବା ଓ କର୍ଫ୍ୟୁ ଲାଗିଥିଲା। ୨୦୨୪ ସେପ୍ଟେମ୍ବର ଶେଷ ଆଡ଼କୁ ଭଦ୍ରକରେ ମଧ୍ୟ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି

**■ ବିଗିଡ଼ିଗଲାଣି ରାଜ୍ୟର ସାମ୍ପ୍ରଦାୟିକ ସଦ୍‌ଭାବନା**
**■ ହିଂସା ଉଦ୍ରେକକାରୀଙ୍କୁ ଦମନ କରିପାରୁନି ପୁଲିସ**

ହୋଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଅଳ୍ପ କେଇ ଦିନ ମଧ୍ୟରେ ବାଲେଶ୍ୱରରେ ସାମ୍ପ୍ରଦାୟିକ ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉଗ୍ର ହେବା ଓ ପୁଲିସ ଉପରେ ଆକ୍ରମଣ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଠାରେ ସ୍ଥିତି ସ୍ୱାଭାବିକ ଆଣିବାରେ ସରକାର ବିଫଳ ହେବା ସହ ପ୍ରାୟ ୧୭ ଦିନ କାଳ ୧୪୪ ଓ କର୍ଫ୍ୟୁ ଲାଗି ରହିଥିଲା। ଏଠାରେ ସ୍ଥାନୀୟ ଏସ୍‌ପିଙ୍କ ଉପରେ ଆକ୍ରମଣ ହେବା ସହ ସେ ଆହତ ହୋଇଥିଲେ। ଏବେ ବି ବାଲେଶ୍ୱର ପରିସ୍ଥିତି ସୁଧୁରି ନାହିଁ। ଗତକାଲି ମଧ୍ୟ ସହରରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ଖୋର୍ଦ୍ଧରେ ଭିନ୍ନ ଭିନ୍ନ ଭାବେ ଦୁଇଟି ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବନା ଭଙ୍ଗ ହେବା ସହ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାର ମୁକୁନ୍ଦ ପ୍ରସାଦରେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏଠାରେ ମାସେ କାଳ ଆଇଏନ୍ଏସ୍‌ର ୧୬୩ ଧାରା ଜାରି ରହିଥିଲା। ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ଛଣଗିରିରେ ମଧ୍ୟ ସ୍ଥିତି ବେକାବୁ ହେବା ସହ ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ପ୍ରଶାସନକୁ ପ୍ରାୟ ୧୫ ଦିନ ଧରି ୧୬୩ ବଳବତ୍ତର ରଖିବାକୁ ପଡ଼ିଥିଲା।

ଲଗାତାର ଭାବେ ଏହିଭଳି ଘଟଣା ବଢ଼ି ଚାଲିଥିବାରୁ ସାରା ଦେଶରେ ଓଡ଼ିଶାର ଛବି ମଳିନ ହେବାରେ ଲାଗିଛି। ସଂପ୍ରତି ଜାତୀୟ ଗଣମାଧ୍ୟମଗୁଡ଼ିକରେ ଓଡ଼ିଶାର ହିଂସା ଖବର ପ୍ରମୁଖ ସ୍ଥାନ ନେଉଛି। ରାଜ୍ୟ ଏବେ ବିହାର ଓ ଉତ୍ତର ପ୍ରଦେଶ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି। ବଡ଼ କଥା ହେଉଛି ଯେ ଏଭଳି ଘଟଣାକୁ ଦମନ କରିବାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଅନେକ ଦିଗକୁ ପ୍ରଶ୍ନ ଉଠାଉଛି। କଟକରେ ପ୍ରଥମେ ହିଂସା ହେବା ଓ ପରେ ଏତେ ବଡ଼ ବାଇକ ରାଲିକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଏହା ବ୍ୟତୀତ ଗୁଇନ୍ଦା ବ୍ୟବସ୍ଥା ଏଠାରେ କିପରି କାମ କରୁଥିଲା ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ସରକାର ପରିବର୍ତ୍ତନର କିଛି ଦିନ ମଧ୍ୟରେ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦ ବଢ଼ିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଗତ ବର୍ଷ ଅଗଷ୍ଟ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରି ରାଜ୍ୟର ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଦେଖା ଦେଇଥିବା ବିଭେଦ ଆଗାମୀ ଦିନରେ ରାଜ୍ୟର ଗରିମା କ୍ଷୁଣ୍ଣ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ଏଥିସହ ସବୁ ବର୍ଗର ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଏବଂ ସମସ୍ତ ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସହ ନବୀନ ସମସ୍ତ ସମ୍ପ୍ରଦାୟକୁ ଓଡ଼ିଶାର ଭାବମୂର୍ତ୍ତି ତଥା ଗରିମା ରକ୍ଷା କରିବା ପାଇଁ ନିବେଦନ କରି ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ କାମ କରିବାକୁ ନିବେଦନ କରିଥିଲେ। ମାତ୍ର ସରକାର ଏ ଦିଗରେ ସେପରି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଓ ରାଜ୍ୟରେ ନୂଆ କରି ମୁଣ୍ଡ ଟେକୁଥିବା ସାମ୍ପ୍ରଦାୟିକ ବିଭେଦକୁ ଦୂର କରିବା ନେଇ କୌଣସି ଅପିଲ୍ ନ କରିବା ପୁଣି ଥରେ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ କୁଠାରଘାତ କରିବା ଭଳି ସ୍ଥିତି ସୃଷ୍ଟି କରିଛି।

## ଆଜି ସୃଷ୍ଟି ହେବ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୬।୧୦ (ସମିସ): ମଙ୍ଗଳବାର ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ସମ୍ଭବତଃ ଏହା ପ୍ରଭାବରେ ୯ ତାରିଖ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହୋଇପାରେ। କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବରେ ଅଧିକ ରହିବା ନେଇ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ଘୂର୍ଣ୍ଣିବଳୟ/ ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ, ବର୍ତ୍ତମାନ ଓଡ଼ିଶା ଉପରେ ଏକ ଟ୍ରଫ-ଲାଇନ୍ ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହ ହାଲୁକା ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ପାରାଦୀପରେ ସର୍ବାଧିକ ୭୦ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୩୬ ମିମି ବର୍ଷା ହୋଇଛି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର



ବିଞ୍ଝାରପୁର/ବରୀ, ୬।୧୦ (ସମିସ): ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ କନ୍ତିଆ ଗାଁ ଦେଇ ଯାଇଥିବା ଖରସ୍ରୋତା ନଦୀରେ ଧୋଇ ହେଉଥିବା ବେଳେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଛି। ଆଜି ଅପରାହ୍ଣ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଶୁକଦେବ ମହଲାଙ୍କ ପତ୍ନୀ ସୌଦାମିନୀ ମହଲା। ସୂଚନା ମୁତାବକ, ସୌଦାମିନୀ ଆଜି ଦ୍ୱିପ୍ରହରେ ଖାଇ ସାରିବା ପରେ ବାସନ ମାଜିବାକୁ ନଦୀକୁ ଯାଇଥିଲେ। ବାସନ ମାଜି ସାରି ହାତଗୋଡ଼ ଧୋଇ ହେଉଥିବା ବେଳେ ଗୋଟିଏ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସୌଦାମିନୀର ହାତକୁ ଧରି କୁମ୍ଭୀର ନଦୀରେ ଟାଣିଟାଣି ନେଉଥିବା ଦୃଶ୍ୟ ଗ୍ରାମବାସୀ ଦେଖିଥିଲେ ହେଁ କୁମ୍ଭୀର ଆକ୍ରମଣ ଭୟ ଓ ନଦୀରେ ଅଧିକ ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ସୌଦାମିନୀଙ୍କ ମୃତଦେହ ଉଦ୍ଧାର କରିଥିଲା।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ନଦୀରେ କୁମ୍ଭୀର ବୁଲାବୁଲି କରୁଥିବା ଦୃଶ୍ୟ ମଧ୍ୟ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କୁମ୍ଭୀରକୁ ନିଜ ଆୟତ୍ତକୁ ନେଇ ପାରି ନଥିବାରୁ ଆଜି ଏପରି ଏକ ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ମିଳିବ ବୋଲି ସୂଚନା ଦେଇଛନ୍ତି।

**■ ହାଇକୋର୍ଟ ଉପରେ ବଢ଼ୁଛି ମାମଲା ବୋଝ**

## ବିଚାରପତି ପଦ ପୂରଣ ପାଇଁ ଦାବି ଦୋହରାଇଲା ରାଜ୍ୟ ଆଇନଜୀବୀ ପରିଷଦ

କଟକ, ୬।୧୦ (ସମିସ): ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ିଥିବା ବିଚାରପତି ପଦ ପୂରଣ ପାଇଁ ପୁନଃ ଦାବି ହୋହରାଇଛି ରାଜ୍ୟ ଆଇନଜୀବୀ ପରିଷଦ (ବାର୍ କାଉନସିଲ)। ପରିଷଦର କର୍ମକର୍ତ୍ତାମାନେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିକଟରେ ଜଷ୍ଟିସ୍ ଗଭାଇଙ୍କ ଓଡ଼ିଶା ଗସ୍ତ ସମୟରେ ବାର୍ କାଉନସିଲ ପ୍ରତିନିଧିମଣ୍ଡଳୀ ତାଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଶା ହାଇକୋର୍ଟରେ ମୋଟ ଅନୁମୋଦିତ ୩୩ଟି ବିଚାରପତି ପଦ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୯ ଜଣ ବିଚାରପତି ରହିଥିବା ବେଳେ ଆସନ୍ତା ବର୍ଷ ଆଉ ୪ଜଣ ବିଚାରପତିଙ୍କ କାର୍ଯ୍ୟକାଳ ଶେଷ ହେବ। ଅଧା ବିଚାରପତି ପଦ ଖାଲି ପଡ଼ିଥିବାରୁ

**ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା**

ମାମଲା ବୋଝ ବୃଦ୍ଧି ପାଇ ଚାଲିଛି। ଏଣୁ, ଖାଲି ବିଚାରପତି ପଦଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଧାନ ବିଚାରପତିଙ୍କୁ ବାର୍ କାଉନସିଲ ଦାବି ଜଣାଇଛି। ଏଥିସହ, ସୁପ୍ରିମକୋର୍ଟରେ ମଧ୍ୟ ଦୀର୍ଘ ବର୍ଷ ଧରି ଓଡ଼ିଶାରୁ କେହି ବିଚାରପତି ପ୍ରତିନିଧିତ୍ୱ କରିପାରି ନଥିବା ନେଇ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ସହ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ପ୍ରଧାନ ବିଚାରପତି ପ୍ରତିଶ୍ରୁତି ଦେଇଥିଲେ।

ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଭକ୍ତଭୂଷଣ ବାରିକ, ରାଜୀବ କୁମାର ମହାନ୍ତି, ଅରୂପାନନ୍ଦ ଦାସ, ବିଭୁପ୍ରସାଦ ତ୍ରିପାଠୀ, ସୌରଚନ୍ଦ୍ର ମହାପାତ୍ର, ଦେବୀ ପ୍ରସାଦ ଧଳ, ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ଜ୍ଞାନରଂଜନ ମହାନ୍ତି, ଆତ୍ମପ୍ରକାଶ ମହାନ୍ତି, ପୀତବାସ ପଣ୍ଡା, ବିଭୁପ୍ରସାଦ ଦାସ, ପିଟା ରମେଶ ପାତ୍ର, ଧନଞ୍ଜୟ ମୁଣ୍ଡ, ନୃସିଂହ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ମିଶ୍ର, ଅକ୍ଷୟ କୁମାର ସାମନ୍ତରାୟ ଓ ଗିରିଧାରୀ ମହାପାତ୍ର ପ୍ରମୁଖ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

# ଦିନକରେ ଗଡ଼ିଲା ୪ ମୁଣ୍ଡ

## ୫ ବର୍ଷର ଶିଶୁକୁ ପଥରରେ ଛେଚି ହତ୍ୟା

ଲାଞ୍ଜିଗଡ଼, ୬।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍, ଲାଞ୍ଜି ପଞ୍ଚାୟତ ଯେବା ଗାଁରେ ଜଣେ ୫ ବର୍ଷର ଶିଶୁକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ସୁଦର ମାଝୀଙ୍କ ପୁଅ ଚନ୍ଦନ ମାଝୀ (୫)। ଏହି ଘଟଣାରେ ବିଶ୍ୱନାଥପୁର ପୁଲିସ ସେହି ଗାଁର ବିଙ୍ଗରି ମାଝୀ (୩୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କେଉଁ କାରଣରୁ ବିଙ୍ଗରି ଜଣେ ନିଷ୍ପାପ ଶିଶୁକୁ ହତ୍ୟା କଲା, ସେନେଇ ପୁଲିସ ତଦନ୍ତ କରୁଛି।



ସୂଚନାନୁସାରେ, ସୁଦର ଓ ତାଙ୍କ ପତ୍ନୀ ସନୁ ମାଝୀ ପଡ଼ୋଶୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିବା ବେଳେ ବିଙ୍ଗରି ଘରେ ଥିଲା। ଏହି ସମୟରେ ବିସ୍କୁଟ୍ ଦେବାର ଲୋଭ ଦେଖାଇ ବିଙ୍ଗରି ତାକୁ ଦୋକାନକୁ ଡାକି ନେଇଥିଲା। ତେବେ ଫେରିବା ବେଳେ ସେ ଚନ୍ଦନର ମୁଣ୍ଡକୁ ପ୍ରଥମେ ଛୋଟ ଟେକା ମାରିଥିଲା। ଏଥିରେ ଚନ୍ଦନର ମୁଣ୍ଡ ଫାଟିଯିବା ସହ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲା। ତେବେ କାଳେ ଚନ୍ଦନ ଏ ସଂପର୍କରେ ତା'ର ପରିବାରକୁ ସବୁ କଥା ଜଣାଇଦେବ ବୋଲି ଭାବି ପୁଣି ତାକୁ କାଠଫାଳିଆରେ ଆକ୍ରମଣ କରିଥିଲା ଏବଂ ପରେ ମୁଣ୍ଡରେ ପଥର ଛେଚି ଦେଇଥିଲା। ଖବର ପାଇ ପରିବାରଲୋକ ରକ୍ତ ଜୁଡ଼ୁବୁଡ଼ୁ ଚନ୍ଦନକୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ଏନେଇ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନଂ ୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତ ବିଙ୍ଗରିକୁ କୋର୍ଟଚାଲାଣ କରାଯାଇଥିବା ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର ସୂଚନା ଦେଇଛନ୍ତି।

## ଗାଁ ଦାଣ୍ଡରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ତିର୍ତ୍ତୋଲ/କୁଜଙ୍ଗ, ୬।୧୦(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତ ପଞ୍ଚାୟତର ସରିକି ଗ୍ରାମରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ମନୋଜ ସ୍ୱାଇଁ (୪୫)। ଗତ ରାତିରେ ମନୋଜ ତାଙ୍କର କିଛି ସାଙ୍ଗଙ୍କ ସହ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିବା ବେଳେ ସେହି ଗାଁର ପରେଶ ସ୍ୱାଇଁ ତାଙ୍କୁ ଏକ ଖଣ୍ଡାରେ ହାଣି ହତ୍ୟା କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ସହ ଅଭିଯୁକ୍ତ ପରେଶକୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୦ଟାରେ ମନୋଜ ଓ ଅନ୍ୟ ଯୁବକମାନେ ବୋଧେଇକୁ ଡ୍ରାମା ଦେଖିବାକୁ ଯିବା ପାଇଁ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିଲେ। ସେହି ସମୟରେ ପରେଶ ସେଠାରେ ପହଞ୍ଚିଥିଲା। କେହି କିଛି ବୁଝିବା ପୂର୍ବରୁ ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିରେ ମନୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ଆହତ ହୋଇଥିଲେ। ମନୋଜଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପେଟ, ବେକ ଓ ହାତରେ ଗଭୀର କ୍ଷତ ହୋଇଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ନେଇ ଆଲୋଚନା ହେଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର, ୬।୧୦ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା (୬୫)ଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକଙ୍କ ସହ ଅନ୍ୟ ଅନ୍ୟ ଏକ ଗ୍ରାମର ଜଣେ ଯୁବକଙ୍କ ବଚସା ହୋଇଥିଲା। ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ଏହି ଝଗଡ଼ା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ମଧ୍ୟ କିଛି କହିବାରୁ ସେମାନଙ୍କ ସହ ଝଗଡ଼ା ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଆସିଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିବାରୁ ପରିବାରଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ପ୍ରାୟ ୧୨ଟାରେ ମୃତ୍ୟୁ ହୋଇଥିଲା। ଅପରପକ୍ଷେ, ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

**କାଳ ହେଲା ପୂର୍ବ ଶତ୍ରୁତା**

## ଛୁରାମାଡ଼ରେ ଯୁବକ ମୃତ

ଧରାକୋଟ,୬।୧୦(ସମିସ): ପୂର୍ବ ଶତ୍ରୁତା ଓ ଧାରଟଙ୍କାକୁ କେନ୍ଦ୍ର କରି ଧରାକୋଟ ଥାନା ଅନ୍ତର୍ଗତ ରେଡ୍ଡୀ ଦାମୋଦରପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ଡି. ଶଙ୍କର ରେଡ୍ଡୀ ଓରଫ୍ କାଳିଆ (୩୩)। ଏନେଇ ମୃତକଙ୍କ ବଡ଼ଭାଇ ଡି. ସଞ୍ଜୀବ ରେଡ୍ଡୀ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ନଂ ୩୮୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସମେତ ତିନିଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଏଥିରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଖୁବ୍‌ଶୀଘ୍ର ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବାଲ୍ମିକୀ ପ୍ରଧାନ କହିଛନ୍ତି। ଗତ ୨୦ ତାରିଖରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆ



ଆଡ଼ା ଚାଲିଥିବା ବେଳେ ଶଙ୍କର ଏ ସଂପର୍କରେ ଧରାକୋଟ ଥାନା, ଆସିକା ପୁଲିସ ଉପଖଣ୍ଡ ଅଧିକାରୀ ତଥା ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ଏ ସଂପର୍କରେ ଜାଣିବା ପରେ ଅଭିଯୁକ୍ତମାନେ ଶଙ୍କରଙ୍କୁ ଟାର୍ଗେଟ୍ କରିଥିଲେ। ଗତ ରବିବାର ରାତି ପ୍ରାୟ ୧୧ଟାରେ ସେମାନେ ସଂଘବଦ୍ଧ ଭାବେ ଶଙ୍କରଙ୍କୁ ଛୁରାମାଡ଼ କରିଥିଲେ। ଅଭିଯୁକ୍ତମାନେ ତାଙ୍କ ପେଟକୁ ଏକାଧିକବାର ଛୁରିରେ ଭୁସିବାର ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ଗୁରୁତର ଶଙ୍କରଙ୍କୁ ଉଦ୍ଧାର କରି ପରିବାରଲୋକ ବ୍ରହ୍ମପୁର ମେଡିକାଲକୁ ନେଉଥିବା ବେଳେ ବାଟରେ ହିଞ୍ଜିଳି ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ୨୦ରୁ ଯୁକ୍ତ ୨ ପରୀକ୍ଷା ଫର୍ମପୂରଣ

ଭୁବନେଶ୍ୱର, ୬।୧୦ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫର୍ମପୂରଣ ତାରିଖ ଆଜି ଘୋଷଣା ହୋଇଛି। ଆସନ୍ତା ୨୦ତାରିଖରୁ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ ବିନା କୌଣସି ଜରିମାନାରେ ନଭେମ୍ବର ୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏହା ପୂର୍ବରୁ, ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ହେବ। ଆସନ୍ତା ୧୩ରୁ ୨୫ ତାରିଖ ମଧ୍ୟରେ ବିନା ଜରିମାନାରେ ଫର୍ମ ପୂରଣ କରିପାରିବେ। ବିନା ଜରିମାନାରେ ଫର୍ମ ପୂରଣ ସରିବା ପରେ ଏକା ସମୟରେ ଜରିମାନା ଦେଇ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ନଭେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିବେ। ଏନେଇ ସିଏଚ୍ଏସ୍‌ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରିଛନ୍ତି।

**୧୩ରୁ ଏକ୍ସ-ରେଗୁଲାର୍**

ଫର୍ମ ପୂରଣ ପାଇଁ ୮ଶହ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ପ୍ରୋଜେକ୍ଟ, ପ୍ରାକ୍ଟିକାଲ୍ ଓ ଇଣ୍ଟରନାଲ୍ ପରୀକ୍ଷା ପାଇଁ ଅତିରିକ୍ତ ଭାବେ ୪୦ଟଙ୍କା ଲେଖାଏଁ ଫି' ରହିଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀଙ୍କଠାରୁ ଏହି ଫି' ଆଦାୟ କରାଯିବ। ଫର୍ମ ପୂରଣ ଅବଧି ପରବର୍ତ୍ତୀ ସମୟରେ ଆଉ ବୃଦ୍ଧି କରାଯିବ ନାହିଁ। ଫର୍ମ ପୂରଣର ଶେଷ ତାରିଖ ଛୁଟିଦିନ ପଡ଼ିଲେ, ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଶେଷ ତାରିଖ ଭାବେ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏକା ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ହେବ ବୋଲି ସିଏଚ୍ଏସ୍‌ଇ ପକ୍ଷରୁ କୁହାଯାଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ

କୁନ୍ଦୁରା, ୬।୧୦ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମନରେଗା କାମର ବକେୟା ବିଲ୍ ପାସ୍ କରାଇଦେବା ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ତାଙ୍କୁ ବ୍ଲକ୍ ଅଫିସ ପରିସରରେ ଥିବା ତାଙ୍କ ସରକାରୀ ବାସଭବନରୁ ଧରିଛି। ତେବେ ଏହି ଘଟଣାରେ ଜିଆରଏସ୍ ଲକ୍ଷ୍ମୀକାନ୍ତ ବିଶୋଇ ସାମିଲ ଥିଲେ ହେଁ ସେ ଭିଜିଲାନ୍ସ ଅଧିକାରୀମାନଙ୍କୁ ଚକ୍‌ମା ଦେଇ ଫେରାର୍ ହୋଇଯାଇଛନ୍ତି। ସୂଚନାନୁଯାୟୀ, ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ୬ ଲକ୍ଷ ଟଙ୍କାର ମନରେଗା କାମ ପାଇଥିଲେ। ବକେୟା ବିଲ୍ ୩ ଲକ୍ଷ ୧୭୬ ହଜାର ଟଙ୍କା ପାସ୍ କରାଇଦେବା ପାଇଁ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକ ଓ ଜିଆର୍ଏସ୍ ଶ୍ରୀ ବିଶୋଇ ତାଙ୍କୁ ୭୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ କଥା ୨୦ ହଜାରରେ ଛିଡ଼ିଥିଲା। ପ୍ରଫୁଲ୍ଲ ସେମାନଙ୍କୁ ୨୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଅଭିଯୁକ୍ତଦ୍ୱୟ ଆଉ ୨୦ ହଜାର ଟଙ୍କା ପାଇଁ ଦାବି କରିଥିଲେ। ଟଙ୍କା ନ ଦେଲେ ବିଲ୍ ପାସ୍ କରିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ତେଣୁ ପ୍ରଫୁଲ୍ଲ ଏ ସଂପର୍କରେ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଦୁହିଁଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଭବନରେ ଅଭିଯୁକ୍ତଦ୍ୱୟ ପ୍ରଫୁଲ୍ଲଙ୍କଠାରୁ ୨୦ ହଜାର ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସହକାରୀ ଯନ୍ତ୍ରୀ ଲମ୍ବୋଦରଙ୍କୁ ଧରିଥିଲେ। କିନ୍ତୁ ଜିଆର୍ଏସ୍ ଶ୍ରୀ ବିଶୋଇ ଚତୁରତାର ସହ ସେଠାରୁ ଖସି ପଳାଇଥିଲେ।



**ଚମ୍ପଟ ମାରିଲେ ଜିଆର୍ଏସ୍**

**ବିଜେଡିର କଟାକ୍ଷ**

# ରାଜ୍ୟ ଅଶାନ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

**ନୂଆପଡ଼ାରେ ଇଟା ଖଣ୍ଡେ ପକାଇ ନାହାନ୍ତି ଡବଲ ଇଞ୍ଜିନ ସରକାର**

ଭୁବନେଶ୍ୱର,୬।୧୦(ସମିସ): ଏକାଧିକ ପ୍ରସଙ୍ଗରେ ଏବେ ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ ଥିବାବେଳେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନୀ ପ୍ରଚାର କରିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। କଟକରେ ପୂଜା ଭସାଣି ବେଳର ଗୋଷ୍ଠୀ ସଂଘର୍ଷକୁ ନେଇ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍‌ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ଦଳ କଡ଼ା ନିନ୍ଦା କରିଛି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ଆଜି ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ଓଡ଼ିଶାର ସାଂସ୍କୃତିକ

**■ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା ନିର୍ବାଚନୀ ଥୋପ**
**■ ନୂଆ ରଙ୍ଗ ମାରି ନବୀନ ସରକାରଙ୍କ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ**

ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗରିମା ଆଜି ଭୂଲୋଟିତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନ ନେବା ଚିନ୍ତାଜନକ। ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି



ସମ୍ବେଦନହୀନତାକୁ ଦର୍ଶାଉଛି।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପରେ ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି। ସିନାପାଲିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍ଏସି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ବିଜେପି ସରକାର ଘୋଷଣା କରିଥିବା ତାଲିକାରୁ ସିନାପାଲିର ନାଁକୁ କାଟି ଏବେ ଯୋଡ଼ିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ ରେ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡ଼ା ବିଜୁ ଜନତା ଦଳର ଫୋକସ୍‌ରେ ରହିଆସିଛି। ଗତ ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡି ନ ଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡ଼ାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ।

ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନ ନେବା ଦୁଃଖଦାୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଆରମ୍ଭ ହେଲା ଗଜଲକ୍ଷ୍ମୀଙ୍କ ପୂଜା



କୋରୁକୋଣ୍ଡା,୬ ।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧିନସ୍ଥ ନୀଳାଦ୍ରୀନଗର ଗ୍ରାମ ଛକରେ ଥିବା ପୂଜା ମଣ୍ଡପରେ ପୂଜା କମିଟି ପକ୍ଷରୁ ପ୍ରାୟ ୧୫ ବର୍ଷ ହେବ ଗଜଲକ୍ଷ୍ମୀଙ୍କ ପୂଜା ବହୁ ଧୂମଧାମରେ ପାଳିତ ହୋଇ ଆସୁଛି। ଏହି କ୍ରମରେ ଚଳିତ ବର୍ଷ ଅକ୍ଟୋବର ମାସ ୬ ତାରିଖଠାରୁ ପୂଜା କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ, ଉପ ସଭାପତି ସୁରଥ କୁଣ୍ଡ, ସାଧାରଣ ସମ୍ପାଦକ ନିରଞ୍ଜନ ବିଶୋଇ, କୋଷାଧ୍ୟକ୍ଷ କାନ୍ହୁ ଚରଣ ସାହୁ, ଉପଦେଷ୍ଟା ଭାବେ ଦୁର୍ଯ୍ୟୋଧନ ବିଶୋଇ, ଭାସ୍କର ପାତ୍ରୀ, ବ୍ରଜବନ୍ଧୁ ଚୌଧୁରୀ, ଜଗନ୍ନାଥ ସାହୁ, ପ୍ରମୋଦ କୁମାର ଗୌଡ଼ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏହି ପୂଜା କମିଟି ପକ୍ଷରୁ ସୋମବାର ସକାଳ ୧୦ ଟା ସମୟରେ ସୋର୍ଲକୋଣ୍ଡା ବ୍ୟାରେଜର ନଦୀରେ ମୁଖ୍ୟ ପୂଜକ ଶୁଭାଶିଷ କରଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ଉକ୍ତ ନଦୀ ନିକଟରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଓ ବିଭିନ୍ନ ବାଦ୍ୟ ଯନ୍ତ୍ରର ତାଳେ ତାଳେ ମହିଳାମାନେ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ନୀଳାଦ୍ରୀନଗର ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ନୀଳାଦ୍ରୀନଗର ଗ୍ରାମର ଶତାଧିକ ମହିଳା ଯୋଗଦେଇଥିଲେ ।ସନ୍ଧ୍ୟା ୬ଟା ଠାରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ରାତି ସାରା ଏହି ପୂଜା ଚାଲିବ ବୋଲି ପୂଜକ ଶ୍ରୀ କର କହିଛନ୍ତି। ପୂଜା ମଣ୍ଡପରେ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ବଡ଼ବଡ଼ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ପୂଜାକୁ ଦେଖିବାକୁ ନୀଳାଦ୍ରୀନଗର, ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ଏହି ପୂଜା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଭକ୍ତମାନଙ୍କ ପାଇଁ ପ୍ରତ୍ୟେକ ଦିନ ଅନ୍ନ ପ୍ରସାଦ ସେବନ ନିମନ୍ତେ କମିଟି ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କର୍ଯ୍ୟକ୍ରମ କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିବା ପୂଜା କମିଟିର ସଭାପତି ଶ୍ରୀ ପ୍ରଧାନ କହିଛନ୍ତି।

# ବାଲ୍ୟ ବିବାହ ରୋକିଲା ଶିଶୁ ସୁରକ୍ଷା ବିଭାଗ



ମାଲକାନଗିରି / ବାଲିମେଳା,୬ ।୧୦(ସମିସ): ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ଚିତାପାରି-୧ ଗ୍ରାମରେ ବାଲ୍ୟ ବିବାହ ରୋକିଛି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ। ନାବାଳିକାଙ୍କୁ ଉଦ୍ଧାର ସହ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ନାରାୟଣ ଦାସ ବାଲ୍ୟ ବିବାହ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଚିତାପାରି-୧ ଗ୍ରାମକୁ ପଠାଇଥିଲେ। ଟିମ ସେଠାରେ ଯାଇ ପହଞ୍ଚିବା ପରେ ଗ୍ରାମର ଆଦୁ ଦୋରାଙ୍କ ଘରେ ଭୋଜିଭାତର ଆସର ଜମାଇ ଏକ ନାବାଳିକା ସହ ନିଜର ପୁତ୍ରକୁ ବିବାହ କରାଉଥିବା ଜାଣିବାକୁ ପାଇଥିଲେ। ଶିଶୁ ସୁରକ୍ଷା ବିଭାଗ ଟିମ ସେଠାରେ ପହଞ୍ଚି ବାଲ୍ୟ ବିବାହକୁ ରୋକି ଉକ୍ତ ନାବାଳିକାକୁ ଉଦ୍ଧାର କରିଥିଲେ। ଶିଶୁ ସୁରକ୍ଷା ବିଭାଗର ଏହି ଟିମକୁ ସହଯୋଗ କରିଥିଲା ଓରକେଲ ପୋଲିସ। ନାବାଳିକାକୁ ଶିଶୁ ସୁରକ୍ଷା ବିଭାଗ ଉଦ୍ଧାର କରି ମାଲକାନଗିରି ସ୍ଥିତ ସଖି ଗୃହକୁ ପଠାଇଛି। ତେବେ ଏହି ଉଦ୍ଧାର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ପ୍ରକଳ୍ପ ସଂଯୋଜକ ଶ୍ୟାମ ସଗରିଆ, କେସ ୱାର୍କର ସୁନାମ ମନୋଜ, ସୁପରଭାଇଜର ଲଳିତା ମାଢ଼ି, କେସ ୱାର୍କର ଅନନ୍ୟା ସିକଦାର, ଏସଆଇ ମନୋହର ସାହୁ, ଏସଆଇ ରୋହିତ ବାଗ, ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ଥିଲେ।

# ଧନଦାତ୍ରୀ ମା' ଲକ୍ଷ୍ମୀ ପୂଜା



ଟିକିରି,୬।୧୦(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ କୋରାପୁଟ ସାହିରେ ଆଜି ବିରାଜମାନ କରିବେ ଜଗତଜନନୀ ମାଁ ଗଜଲକ୍ଷ୍ମୀ। ପଦ୍ମହସ୍ତା କମଳାଙ୍କୁ ସ୍ୱାଗତ ନେଇ ଚଳଚଞ୍ଚଳ ହୋଇ ଉଠିଛି ଗାଁଠୁ ସହର। ସୁଖ, ସମୃଦ୍ଧି, ସୌଭାଗ୍ୟ, ସୁଖ୍ୟାତି ଓ ଐଶ୍ୱର୍ଯ୍ୟର ଭଣ୍ଡାର ନେଇ ବିରାଜିବ ମାଆ ଲକ୍ଷ୍ମୀ। ଘଣ୍ଟ ଘଣ୍ଟା, ଶଙ୍ଖନାଦରେ କମ୍ପିବ ଗଗନ ପବନ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ପୂଜା ପାଇଁ ଅନୁମତି ମିଳିବା ପରେ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଭରି ରହିଛି। ଟିକିରି ମାର୍କେଟଠୁ ନେଇ କୋରାପୁଟ ସାହି ପର୍ଯ୍ୟନ୍ତ ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ହୋଇଛି। ତେବେ ସେହିପରି ସାଧାରଣତଃ ଓଡିଆ ପରମ୍ପରାରାରେ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ନାହିଁ ନାହିଁରେ ଚାଲିଛି ଦୁଗ୍ଧ ଶୀତଳିକରଣ କେନ୍ଦ୍ର

# ୪ଟି ୟୁନିଟ୍ କାର୍ଯ୍ୟ ତୁଲାଉଛନ୍ତି ଜଣେ ମାତ୍ର ମହିଳା ଇନ୍‌ଚାର୍ଜ



ମାଲକାନଗିରି, ୬ ।୧୦ (ସମିସ): ନାହିଁ ନାହିଁରେ ଚାଲିଛି ମାଲକାନଗିରି ଜିଲ୍ଲାରେ ଥିବା ଦୁଗ୍ଧ ଶୀତଳି କରଣ କେନ୍ଦ୍ର। ୪ଟି ୟୁନିଟ୍ କାର୍ଯ୍ୟ ତୁଲାଉଛନ୍ତି ଜଣେ ମାତ୍ର ମହିଳା ଇନ୍‌ଚାର୍ଜ। ସହର ଓ ଗ୍ରାମାଞ୍ଚଳରେ ଗୋପାଳନ କରୁଥିବା ଚାଷୀମାନେ ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରି କରି ଅଧିକ ଲାଭବାନ ଓ ସ୍ୱାବଲମ୍ବୀ ହେବା ସହ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବା ପାଇଁ ମାଲକାନଗିରି ଜିଲ୍ଲାରେ ଓମ୍‌ଫେଡ୍ ସଂସ୍ଥା ପକ୍ଷରୁ ମାଲକାନଗିରି ସହରରେ ୧୨୫୦ ଲିଟର, ଏମଭି ୭ ୯ରେ ୩୨୦୦ ଲିଟର, କାଲିମେଳାରେ ୧୨୫୦ ଲିଟର, ମାଥିଲି ରେ ୧୫୦୦ ଲିଟର, ଏମଭି ୭ ରେ ୨୦୦୦ ଲିଟର, ପାଣ୍ଡ୍ରିପାଣି ରେ ୧୨୫୦ ଲିଟର, ବାଲିମେଳାରେ ୫୦୦ ଲିଟର କ୍ଷମତା ସମ୍ପନ୍ନ ମୋଟ ୭ଟି ଦୁଗ୍ଧ ଶୀତଳୀ କରଣ ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏଥିମଧ୍ୟରୁ ଏମଭି ୮ ୯, କାଲିମେଳା, ମାଲକାନଗିରି, ମାଥିଲିରେ ଏହି ୪ଟି ୟୁନିଟ ଚାଲିଥିବା ବେଳେ ଅନ୍ୟ ୩ ୟୁନିଟ୍ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ସେ ୟୁନିଟ ଗୁଡିକର ମେସିନ ଅଚଳ ହେବା ସହ ଘର ଚାରିପାଖରେ ଗଛଲତା ମାଡିଗଲାଣି। ପ୍ରତି ୟୁନିଟର ମେସିନ ଓ ଘରରେ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାର ଜଣାପଡିଛି। ସାତଟି ୟୁନିଟ ପାଇଁ ୭ଜଣ ସୁପରଭାଇଜର ପଦବି ରହିବା କଥା। ହେଲେ ଜଣେ ବି ସୁପରଭାଇଜର ନଥିବାରୁ ମାଲକାନଗିରି ସଦର ଠାରେ ଥିବା ଜଣେ ମହିଳା ୟୁନିଟ୍ ଇନଚାର୍ଜ ଏକାକୀ ସବୁ ୟୁନିଟ କାର୍ଯ୍ୟ ସହ ସୁପରଭାଇଜରଙ୍କ କାମ ତୁଲାଉଛନ୍ତି। ଚାଲିଥିବା ୪ଟି ୟୁନିଟ୍‌ରେ ୫ହଜାର ଲିଟର ଦୁଗ୍ଧ ଶୀତଳିକରଣ କ୍ଷମତା ଥିବା ବେଳେ କ୍ଷୀର ଅଭାବରୁ ମାତ୍ର ୯୦୦ ଲିଟର ସଂଗ୍ରହ ହେଉଛି। କୋରକୁଣ୍ଡା ଅଞ୍ଚଳରେ ଆଉ ଏକ ନୂଆ ୟୁନିଟ ପ୍ରତିଷ୍ଠା ପାଇଁ ଦାବି ହେଉଛି। ଆଗାମୀ ଦିନରେ ସମସ୍ତ ୟୁନିଟ ଗୁଡିକ ଚାଲୁ କରି ଅଧିକ ସୁପରଭାଇଜରଙ୍କୁ ନିଯୁକ୍ତି ପାଇଁ ଦାବି ହେଉଛି।

# ୨ ମହିଳା ମାଓବାଦୀଙ୍କ ସହ ୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୬ ।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଗାରିଆବନ୍ଧରେ ୨ ମହିଳା ମାଓବାଦୀଙ୍କ ସମେତ ମୋଟ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ତିନି ଜଣଙ୍କ ନାମରେ ୧ଲକ୍ଷ ଟଙ୍କା ପୁରସ୍କାର ଥିଲା। ସୂଚନା ଅନୁଯାୟୀ ଗରିଆବନ୍ଦ ଜିଲ୍ଲାରେ ମାଓ ଦମନ ଅଭିଯାନ ଏକ ବଡ଼ ସଫଳତା ହାସଲ କରିଛି। ଡିଜିଏନ ଡିଭିଜନ ଏବଂ ଓଡ଼ିଶା ରାଜ୍ୟ କମିଟି ସହିତ ଜଡିତ ତିନି ଜଣ ସକ୍ରିୟ ମାଓବାଦୀ ସେମାନଙ୍କ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ନାଗେଶ ଏବଂ ଦୁଇ ମହିଳା ନକ୍ସଲ ଯେନି ଏବଂ ମାନିଲା ଅଛନ୍ତି। ନାଗେଶ ଏକ ଦେଶୀ ବନ୍ଧୁକ ସହିତ ନିଜକୁ ସୁରକ୍ଷା ବାହିନୀ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀ ମାନେ ଦୀର୍ଘ ଦିନ ଧରି ମାଓ ସଂଗଠନରେ ସକ୍ରିୟ ଥିଲେ ଏବଂ ଅନେକ ବଡ଼ ହିଂସାକାଣ୍ଡ ଘଟଣାରେ ମଧ୍ୟ ଜଡିତ ଥିଲେ।

● କରାଟେ ବିଶ୍ୱ ରେକର୍ଡ ପ୍ରୟାସ କାର୍ଯ୍ୟକ୍ରମ

# ଦିବ୍ୟାଙ୍ଗ ରମେଶଙ୍କୁ ରାୟଗଡ଼ାରେ ଭବ୍ୟ ସମ୍ବର୍ଦ୍ଧନା



ରାୟଗଡା, ୬।୧୦(ସମିସ): ବିଶ୍ୱ କରାଟେ ମାଷ୍ଟର ଆସୋସିଏସନ ଦ୍ୱାରା ଚେନ୍ନାଇ ସ୍ଥିତ ଏସଆଇଭିଆଇଟିରେ ଚଳିତ ଅକ୍ଟୋବର ମାସ ୫ତାରିଖରେ ଆୟୋଜିତ କରାଟେ ବିଶ୍ୱ ରେକର୍ଡ ପ୍ରୟାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ରାୟଗଡ଼ାର ଗର୍ବ ଦିବ୍ୟାଙ୍ଗ ଏଲ. ରମେଶ କୁମାର। ସେ ଆଜି ଅପରାହ୍ନରେ ରାୟଗଡାଙ୍କୁ ଫେରିଥିବା ବେଳେ ରେଳ ଷ୍ଟେସନ ଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାୟଗଡା ଘରେଇ ଟ୍ରକ ମାଲିକ ଆସୋସିଏସନ ସଭାପତି ତଥା ବରିଷ୍ଠ ଲୋକପ୍ରିୟ ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ ),ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର,କାଉନସିଲର ମଞ୍ଜୁଳା ମିଣିୟାକା, ବିଦୁଲତା ହୁଇକା, ବାଦଲ ତା, ଶ୍ୟାମ କୁମାର ଦାଶ,ବିଦ୍ୟା ପଣ୍ଡା,ଯୁବ ଖେଳାଳି ବି. ଚାଣ୍ଟି, ଓଡିଶା ବିକଳାଙ୍ଗ ମଞ୍ଚ ରାୟଗଡା ଶାଖା ସମ୍ପାଦକ ଜଳନ୍ଧର ବାଚେଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମାର୍ଶାଲ ଆର୍ଟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ଏକ ମହାନ ସଫଳତା ଦେବା ଏବଂ କରାଟେ ବିଶ୍ୱ ରେକର୍ଡ ପ୍ରୟାସରେ ଅଂଶଗ୍ରହଣ କରି ବିଶ୍ୱ କରାଟେ ମାଷ୍ଟର ଆସୋସିଏସନଙ୍କୁ ପ୍ରକାଶ କରିବା ପାଇଁ ଏଲ. ରମେଶଙ୍କୁ ସମ୍ମାନ ପ୍ରମାଣ ପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଛି। ଏହି ବିଶ୍ୱ ରେକର୍ଡ କରାଟେ ଚାମ୍ପିୟନ ପ୍ରତିଯୋଗିତା ରେ ଦିବ୍ୟାଙ୍ଗ ରମେଶ ୩୦ସେକେଣ୍ଡରୁ କମ ସମୟରେ ଆମେରିକା, ଜିମ୍ବାୱେ ଓ ମାଲେସିଆ ଭଳି ଦେଶର ପ୍ରତିଯୋଗୀଙ୍କୁ ପରାସ୍ତ କରିଥିବାରୁ ତାଙ୍କ ନାମ ବିଶ୍ୱ ଗିନିଜ୍ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇବା ନିମନ୍ତେ ପ୍ରେରଣ କରାଯାଇଥିବା ଖେଳାଳି ରମେଶ ପ୍ରକାଶ କରିଛନ୍ତି।

● ଗୁଣି ଗାରେଡି ସନ୍ଦେହରେ ହତ୍ୟା ମାମଲା

# ଜାମିନରେ ଆସି ପରିବାରକୁ ଧମକାଉଛନ୍ତି ଅଭିଯୁକ୍ତ



ରାୟଗଡ଼ା, ୬।୧୦(ସମିସ): ଗୁଣି ଗାରେଡି ସନ୍ଦେହରେ ବାପାଙ୍କୁ ମାରିଦେଲେ। ଅଭିଯୁକ୍ତମାନେ ଜାମିନରେ ଜେଲରୁ ବାହାରିବା ପରେ ଏବେ ଅଭିଯୋଗକାରୀ ପରିବାରଙ୍କୁ ଟାର୍ଗେଟ କରି ଧମକଚମକ ଦେଉଛନ୍ତି। ତେଣୁ ସୁରକ୍ଷା ଓ ନ୍ୟାୟ ଦାବି କରି ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ ପରିବାରର ସଦସ୍ୟ। ରାୟଗଡା ଜିଲ୍ଲା ପଦ୍ମପୁର ଖଟମନସାହିର ମୃତ ଭୈରବ ସାହୁଙ୍କ ଝିଅ ରଶ୍ମି ସାହୁ ଏଭଳି ଅଭିଯୋଗ ଆଣିଛନ୍ତି। ଭୈରବ ସାହୁଙ୍କୁ ସଂଘ ବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୁକ୍ତ ମାନେ ଜାମିନରେ ବାହାରି ମୃତ ଶ୍ରୀ ସାହୁଙ୍କ ପରିବାରକୁ ପୁଣି ମାନସିକ ନିର୍ଯାତନା ଦେଉଥିବା ବେଳେ ବିଳମ୍ବିତ ରାତିରେ ଘର ଉପରକୁ ଟେକାପଥର ଫିଙ୍ଗୁଥିବା ଅଭିଯୋଗ କରିଛନ୍ତି ମୃତ ଭୈରବଙ୍କ ସ୍ତ୍ରୀ ସଞ୍ଜୁ ସାହୁ। ପ୍ରକାଶ ଥାଉ କି, ଚଳିତ ବର୍ଷ ଗତ ଏପ୍ରିଲ ମାସ ୨୧ତାରିଖ ଦିନ ପଦ୍ମପୁର ଥାନା ଖଟମନପୁର ସାହିର ଭୈରବ ସାହୁଙ୍କୁ ଗୁଣିଗାରେଡି ସନ୍ଦେହରେ ସଂଘବଦ୍ଧ ଭାବେ ଗ୍ରାମର କିଛି ଲୋକେ ଗାଁ ଦାଣ୍ଡରେ ଅତି ବିଭତ୍ସ ଭାବେ ହତ୍ୟା କରିଥିଲେ। ଏନେଇ ପୁଲିସ ତଦନ୍ତ କରିବା ସହ ଘଟଣାରେ ୩୬ଜଣଙ୍କୁ ଗିରଫ କରିଥିଲା। ଯେଉଁଥିରେ ୬ଜଣ ନାବାଳକ ରହିଥିଲେ। ଏବେ ବି ଏହି ହତ୍ୟାକାଣ୍ଡରେ ଜଡିତ ଅନେକ ଅଭିଯୁକ୍ତ ଫେରାର ଅଛନ୍ତି। ତେବେ କିଛି ଅଭିଯୁକ୍ତ ଜାମିନରେ ଆସି ମୃତ ଭୈରବଙ୍କ ପରିବାରକୁ ପୁଣିଥରେ ମାନସିକ ନିର୍ଯାତନା ଦେବା ସହ ପଥରମାଡ କରିବା ଓ ଗାଁ ଛାଡି ଚାଲିଯିବାକୁ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଆଜି ମୃତ ଭୈରବଙ୍କ ପରିବାର ରାୟଗଡା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ନ୍ୟାୟ ଭିକ୍ଷା କରିଛନ୍ତି। ନ୍ୟାୟ ନ ମିଳିଲେ ସପରିବାର ଆତ୍ମାହୁତି ଦେବା ପାଇଁ ଧମକ ଦେଇଛନ୍ତି।

# ମୋବାଇଲ୍ ଫୋନ୍ ପାଇଁ ଝିଅର ଆତ୍ମହତ୍ୟା

ମାଲକାନଗିରି,୬ ।୧୦(ସମିସ): ମୋବାଇଲ ନ ଦେବାରୁ ଜୀବନ ହାରିଲେ ୫ମ ଶ୍ରେଣୀ ଛାତ୍ରୀ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ଅଧୀନ ଢେପସାହିରେ ଘଟିଛି ଏପରି ଅଭାବନୀୟ ଘଟଣା। ଘରେ ଥିବା ବାପାଙ୍କୁ ମୋବାଇଲ ମାଗିଥିଲେ କୁନି ଝିଅ। ମୋବାଇଲ ନ ଦେବାରୁ ଶେଷରେ ଆତ୍ମହତ୍ୟା କରିବାକୁ ସ୍ଥିର କରିଥିଲେ ଛାତ୍ରୀ। ବାପା ଘର ବାହାରେ ଶୋଇଥିବାବେଳେ ହଠାତ୍ ଘରର ଦୁଆର ବନ୍ଧରେ ଗାମୁଛାରେ ବାନ୍ଧି ହୋଇ ଝୁଲିପଡିଥିଲେ ନାବାଳିକା। ତେବେ ସେଠାରୁ ଉଦ୍ଧାର କରି ମାଥିଲି ସବଡିଭିଜନ ମେଡିକାଲରେ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୋବାଇଲ ପାଇଁ କୁନି ଝିଅ ଜଣକ ଆକହତ୍ୟା କରିଥିବା ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ ୧୦ ବର୍ଷର ଝିଅ ଗାଁର ଅର୍ଜୁନ କିର୍ଷାନୀଙ୍କର ବୋଲି ଜଣାପଡିଛି।

# ବାଇକରୁ ଖସିପଡି ଗୁରୁତର ଯୁବକଙ୍କ ମୃତ୍ୟୁ



ଟିକିରି,୬।୧୦(ସମିସ): ବାଇକରୁ ଖସିପଡି ଥିବା ଯୁବକଙ୍କ ରବିବାର ଦିନ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ମୃତ ଘଟିଛି। ମୃତକ ଜଣକ ହେଉଛନ୍ତି ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଟିକିରି ଥାନ ଅନ୍ତର୍ଗତ ସର୍ଗୀଗୁଡା ଗ୍ରାମର ସ୍ୱର୍ଗତ ତିତ୍ରା ମାଝୀଙ୍କ ପୁଅ ହରିଶ୍ଚନ୍ଦ୍ର ମାଝୀ। ବୁଧବାର ଦିନ ଅର୍ଥାତ ଅକ୍ଟବର ୧ ତାରିଖ ଦିନ ବାଇକ୍ ପୂଜା କରି ବୁଲିବାକୁ ଯିବା ବେଳେ ବାଇକ୍‌ରୁ ଖସି ପଡି ସେ ଗୁରୁତର ହୋଇଥିଲେ। ପ୍ରଥମେ ଉଷାପଡା, ପରେ କୋରାପୁଟ ସହିଦ ଲକ୍ଷ୍ମଣନାୟକ ମେଡିକାଲ କଲେଜରେ ଚିକିତ୍ସା ଚାଲିଥିବା ବେଳେ ରବିବାର ଦିନ ତାଙ୍କର ମୃତ୍ୟୁ ଘଟିଛି। ସେ ପେସାରେ ଜଣେ ଡ୍ରାଇଭର। ତାଙ୍କ ପରିବାରରେ ସେ ଜଣେ ମାତ୍ର ରୋଜଗାରିଆ ପୁଅ ଥିଲେ। ଏନେଇ ଟିକିରି ଥାନାରେ ଏକ କେଶ ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ହୋଇନଥିବାରୁ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇପାରି ନାହିଁ। ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ



କୋରୁକୋଣ୍ଡା/ବାଲିମେଳା,୬ ।୧୦(ସମିସ):ମାଲକାନଗିରି ଜିଲ୍ଲା ବାଲିମେଳା ସହରର କାଳୀଛକ ଠାରେ ଥିବା ପୂଜା ମଣ୍ଡପରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୨୦ ତାରିଖରେ ହେବାକୁ ଥିବା ମା 'ଶ୍ୟାମାକାଳୀଙ୍କ ପୂଜା ନିମନ୍ତେ ପୂଜା କମିଟି ପକ୍ଷରୁ ଗତକାଲି ରବିବାର ରାତି ୯ ଟା ସମୟରେ ପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ ହେବାକୁ ଥିବା ପୂଜା କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ କାଳୀଛକ ପୂଜା କମିଟିର ସମସ୍ତ ସଦସ୍ୟ ମାନଙ୍କ ସହମତିରେ ନୂତନ କର୍ମକର୍ତ୍ତା ତଥା କମିଟି ଚୟନ କରାଯାଇଥିଲା। ପୂଜା କମିଟିର ସଭାପତି ଭାବେ ଅଭିଷେକ ନାୟକ, ଉପ ସଭାପତି ଭାବେ ଅଭୟ ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ଖରା, ପ୍ରଶାନ୍ତ ମୁଦୁଲୀ ଏବଂ କୋଷାଧ୍ୟକ୍ଷ ଭାବେ ସତ୍ୟଜିତ ମୁଦୁଲିଙ୍କୁ ଚୟନ କରି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହି ପୂଜାରେ ଉପଦେଷ୍ଟା ଭାବେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ,ବିଜୟ କୁମାର ଦାସ, ସୁରେନ୍ଦ୍ର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ମୁଦୁଲୀ,ଦୀପକ କୁମାର ସାହୁ,ଟୁକୁନା ପ୍ରଧାନ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ପୂଜାରେ କର୍ତ୍ତା ଭାବେ ମନୋଜ କୁମାର ନାୟକ ଏବଂ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ନିର୍ବାହ କରିବେ ବୋଲି କମିଟି ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି। ସୋମବାର ସକାଳେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ରଙ୍କନିଧି ରଥ, କର୍ତ୍ତା ମନୋଜ କୁମାର ନାୟକ ଏବଂ କମିଟିର ଅନ୍ୟ ସଦସ୍ୟ ମାନେ ମା 'ଶ୍ୟାମାକାଳୀଙ୍କ ମୂର୍ତ୍ତୀ ନିର୍ମାଣ ନିମନ୍ତେ ଚିତ୍ରକୋଣ୍ଡା ଛକ ନିକଟ ଅଞ୍ଚଳରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଶୁଭ ମାଟି ଆଣି ମା' କାଳୀଙ୍କ ମଣ୍ଡପରେ ରଖାଯାଇଛି।

## ବନଖଣ୍ଡ ସ୍ତରୀୟ ଜାତୀୟ ବନ୍ୟପ୍ରାଣୀ ସପ୍ତାହ

# ଜଙ୍ଗଲ ସୁରକ୍ଷା ଲୋକଙ୍କ ଦାୟିତ୍ୱ : ଡିଏଫ୍ଓ




ରାୟଗଡ଼ା,୬।୧୦ (ସମିସ): ୭୧ତମ ବନଖଣ୍ଡ ସ୍ତରୀୟ ଜାତୀୟ ବନ୍ୟପ୍ରାଣୀ ସପ୍ତାହ -୨୦୨୫ ଆଜି ରାୟଗଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ପାଳନ କରାଯାଇଛି। 'ଆସ ଆମେ ସବୁ ଶପଥ ନେବା ବନ୍ୟପ୍ରାଣୀ ଙ୍କୁ ସୁରକ୍ଷା ଦେବା' ଏହି ବର୍ଷର ମୁଖ୍ୟ ଶୀର୍ଷକ ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଗୌରାଙ୍ଗ ରାଉତ, ବନ-ତତ୍ତ୍ୱାବଧାରକ ମଞ୍ଚାସୀନ ଥିଲେ। ତାଙ୍କ ଅଭିଭାଷଣରେ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରିବା ତାହା ଉପରେ ସେ ଆଲୋକପାତ କରିଥିଲେ। ଏହାପରେ ମଞ୍ଚାସୀନ ଉପ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ ଓ ଉପ ବନ ସଂରକ୍ଷକ ସଂଦୀପ କୁମାର ପୁଷ୍ଟି ନିଜ ଅଭିଭାଷଣ ରେ ନିରୀହ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ କି କି ପ୍ରକାର ପଦେକ୍ଷେପ ନିଆଯିବା ଉଚିତ ତାହା ଉପରେ ଆଲୋକପାତ କରିଥିଲେ। ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ ତାଙ୍କ ଅଭିଭାଷଣରେ ଜଙ୍ଗଲ ସୁରକ୍ଷା ମାନବ ସମାଜର ଦାୟିତ୍ୱ ହେବା ଉଚିତ ବୋଲି କହିଥିଲେ। ଜଙ୍ଗଲ କମିବା ଓ ଜଙ୍ଗଲ ନିଆଁ ଦ୍ୱାରା ବନ୍ୟଜନ୍ତୁ ଗ୍ରାମ ମୁଖା ହେବେ, ତେଣୁ ତାହାକୁ ନିୟନ୍ତ୍ରଣ କରିବାକୁ ହେଲେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ହେବ ଓ ଉପସ୍ଥିତ ଜଙ୍ଗଲକୁ ସୁରକ୍ଷା ଦେବାକୁ ସମସ୍ତ ଜନସାଧାରଣ ଙ୍କୁ ଅନୁରୋଧ କରିଥିଲେ। ବିଗତ ଦିନମାନଙ୍କରେ ରାୟଗଡା ବନଖଣ୍ଡର ୭ଟି ବନାଞ୍ଚଳରେ ବନାଞ୍ଚଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବର୍ଗର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ତପସ୍ୱିନୀ କାଡ୍ରାକା , ୧୦ମ ଶ୍ରେଣୀ , ଓଡ଼ଶା ଆଦର୍ଶ ବିଦ୍ୟାଳୟ , କୋଲନରା, ଦ୍ୱିତୀୟ ସ୍ଥାନ ସମୀରାରାଣୀ ଗୌଡ , ୯ମ ଶ୍ରେଣୀ , ସେଣ୍ଟ, ଜାଭିୟର ଉଚ୍ଚ ବିଦ୍ୟାଳୟ , ରାୟଗଡା ତୃତୀୟ ସ୍ଥାନ ପରିସ୍ମିତା ବିଡିକା , ୯ମ ଶ୍ରେଣୀ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ରାୟଗଡା ଏବଂ କନିଷ୍ଠ ବର୍ଗର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଶୃତି ବେହେରା, ୭ମଶ୍ରେଣୀ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜମାରାଗୁଡା, ମୁନିଗୁଡା ବ୍ଲକ, ଦ୍ୱିତୀୟ ସ୍ଥାନ ବିନ୍ଦୀଆ ଶବର , ୭ମ ଶ୍ରେଣୀ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ , ଗୁଣୁପୁର ଏବଂ ତୃତୀୟ ସ୍ଥାନରେ ଅଦ୍ୟସା ପ୍ରଧାନ, ଷଷ୍ଠ ଶ୍ରେଣୀ, ସକ୍ରେଡ୍ ହାର୍ଟ ବିଦ୍ୟାଳୟ , ରାୟଗଡାଙ୍କୁ ପୁରସ୍କୃତ କରାଯାଇଛି । ଏହି ପ୍ରତିଯୋଗିତା କମେଶ୍ୱର ଆଚାରୀ , ବନାଞ୍ଚଳ ଅଧିକାରୀ , ରାୟଗଡାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମଙ୍କୁ ରାୟଗଡ଼ାବନାଞ୍ଚଳର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମା' ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା



ମୁନିଗୁଡା,୬ ।୧୦(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଠାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୁରୋହିତ ବିପିନ ବିହାରୀ କର, ସୁବାଷ ମିଶ୍ର, ଅକ୍ଷୟ କୁମାର ରଥଙ୍କ ପୌରାହିତ୍ୟରେ ଅନୁଷ୍ଠିତ ପୂଜାରେ ବୈଦିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ବାଘ ଡ଼ଙ୍ଗରି ନାଳରୁ ଗଙ୍ଗା ଆବାହନ କରାଯିବା ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସଧାରୀ ମହିଳା ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ମହିଳା କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଜା ସହ ବ୍ୟାଣ୍ଡବାଜା ଶୋଭା ଯାତ୍ରାରେ ମହିଳା ମାନେ ପବିତ୍ର ଜଳକୁ କଳସୀରେ ଧାରଣ କରି ମାଁଙ୍କ ନିକଟରେ ସମର୍ପଣ କରିଥିଲେ। ଫଳରେ ଅମ୍ବାଦଳା ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାକୁ ମହାଆଡମ୍ବରରେ ପାଳନ କରିବା ପାଇଁ ପୂଜା କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ ଦୁଗୀ ଓଗୀ ନୃତ୍ୟ, ମିନା ବଜାର, ଅପେରା, ମେଲୋଡି ଆଦି ମୁଖ୍ୟ ଆକର୍ଷଣ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଗଜ ଲକ୍ଷ୍ମୀ ପୂଜା କମିଟିର ସଭାପତି ଉମେଶ ସାମନ୍ତଙ୍କ ତତ୍ତ୍ୱାବଧାନରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାରୀ ସାହୁ
ଆବିର୍ଭାବ: ୧୫.୦୩.୧୯୪୮
ତିରୋଧାନ: ୨୭.୦୯.୨୦୨୫

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

## ସେଲ୍‌ଫି, ଇନଷ୍ଟା,ଫେସବୁକ୍ ଓ ୟୁଟ୍ୟୁବର କିମିଆରେ ଚାଲିଯାଉଛି ଜୀବନ

# ଡେଥ୍‌ଜୋନ୍ ପାଲଟିଲାଣି କୋରାପୁଟ ଜିଲ୍ଲାର ଜଳପ୍ରପାତ ଅଞ୍ଚଳ





କୋରାପୁଟ,୬।୧୦(ସମିସ): ପ୍ରାକୃତିକ ପରିବେଶରେ ଭରା କୋରାପୁଟ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ନିୟମିତ ଦେଶ, ବିଦେଶ ଓ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗକୁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ଯୁବପିଢୀ ସୋସିଆଲ ମିଡିଆ ପ୍ରେମରେ ପଡି ସେଲଫି, ଇନ୍‌ଷ୍ଟା, ଫେସବୁକ୍, ୟୁଟ୍ୟୁବ, ବ୍ଲଗର ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟିଙ୍ଗ ପାଇଁ ଅସୁରକ୍ଷିତ ଜାଗାକୁ ଯାଇ ସେଲଫି ଓ ଫଟୋ ଭିଡିଓ କାଢି ଜୀବନ ହାରୁଛନ୍ତି । କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର, ସୁବାଇ, ନନ୍ଦପୁର, ଡୁଡୁମା, ସୁନାବେଡା, ଜଲାପୁଟ, କୋରାପୁଟ, ଦେଓମାଳି, ବାଗ୍ରା, ଗୁଲୁମି ଓ କେଟେଲାରେ ପର୍ଯ୍ୟଟନ ସ୍ଥଳୀ ରହିଛି । ଯାହାକି ଦେଖିବାକୁ ଯେତିକି ରୋମାଞ୍ଚକର, ସେତିକି ବିପଦପୂର୍ଣ୍ଣ । ଜଳପ୍ରପାତ ଗୁଡିକର ପ୍ରଖର ଜଳସ୍ରୋତ ଓ ଅକାତକାତ ପାଣି ସମ୍ପର୍କରେ ପର୍ଯ୍ୟଟକ ମାନେ ଅବଗତ ନଥାନ୍ତି । ସ୍ମୃତି ସାଉଁଟିବା ପାଇଁ ଫଟୋକାଢି ସେଲ୍‌ଫି ନେଇ ଅସାବଧାନତା ହେଲେ ଜୀବନ ବି ଚାଲିଯାଉଛି । ତେବେ ଜୁନ୍ ୨୦୨୫ ସୁଦ୍ଧା ଘରୋଇ ଓ ବିଦେଶୀ ପର୍ଯ୍ୟଟକ ଉପରୋକ୍ତ ପର୍ଯ୍ୟଟନ ସ୍ଥଳୀକୁ ୧୩ ଲକ୍ଷ

> ଘଟିଚାଲିଛି ଅଘଟଣ ପରେ ଅଘଟଣ
> ପର୍ଯ୍ୟଟକଙ୍କ ସୁରକ୍ଷା ଦାୟିତ୍ୱ କାହାର ?

୮୭ ହଜାର ୭୦୯ ଜଣ ଆସିଛନ୍ତି । ପର୍ଯ୍ୟଟକମାନେ ଜିଲ୍ଲାରେ ବିଶେଷକରି ଜଳପ୍ରପାତରେ ଅଧିକ ସମୟ କାଟନ୍ତି । ଜିଲ୍ଲାର ରାଣୀଡୁଡୁମା, ଡୁଡୁମା, ଡ୍ୟାମ ଓ ୱିଅର ମନୋଲୋଭା ଦୃଶ୍ୟକୁ ସମସ୍ତେ ଦେଖନ୍ତି ଓ ଉପଭୋଗ କରି ଆସନ୍ତି । ତେବେ ଅଘଟଣ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ କେବଳ ଗାଲିଗବଦର ଜଳପ୍ରପାତରେ ୨୦୨୪ରେ ୨ଜଣ, ୨୦୨୩ ଜଣେ, ୨୦୨୨ରେ ୫ଜଣ ଗୁରୁତର ହୋଇଥିବା ବେଳେ ଗତ ୧୫ ବର୍ଷ ଭିତରେ ୬୭ ଜଣଙ୍କର ଜୀବନ ଯାଇଥିବା ସୂଚନା ରହିଛି । ଡୁଡୁମାରେ ୩ ମାସରେ ୨ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି । ଗତ ଅଗଷ୍ଟ ମାସରେ ୟୁଟ୍ୟୁବର ଭାସି ଯାଉଥିବା ଦୃଶ୍ୟ ଏବେ ବି ଭାଇରାଲ ହେଉଛି । ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ କିଛି କିଛି ଜାଗାରେ ସୂଚନା ଫଳକ, ବାଡ ସୁରକ୍ଷାର ବ୍ୟବସ୍ଥା, ଜୀବନ ରକ୍ଷାକାରୀ ସୁରକ୍ଷା ଗାର୍ଡ ଦିଆଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନ ସୂଚନା ଦେଇଛନ୍ତି । ଆଗକୁ ପୁଣି ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ଦିଆଯିବ ବୋଲି ସେ ଦୋହରାଇଛନ୍ତି । ପର୍ଯ୍ୟଟକ ମାନେ ଜଳପ୍ରପାତର ଅତ୍ୟନ୍ତ ଭିତରକୁ ନଯାଇ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର ବୋଲି ସେ କହିଛନ୍ତି । ପ୍ରକୃତିକୁ ପାଖରୁ ଉପଭୋଗ କରିଆସୁଥିବା ପର୍ଯ୍ୟଟକ ଯଦି ଅସୁରକ୍ଷିତ ଜାଗାକୁ ଯାଇ ସୋସିଆଲ ମିଡିଆରେ ଟ୍ରେଣ୍ଡ ରହିବା ପାଇଁ ଦୁଃସାହସିକ ଭାବେ ଭିତରକୁ ପସିବେ, ତେବେ ଅକାଳରେ ମୃତ୍ୟୁ ବରଣ କରିବେ । ତେଣୁ ଏପରି ଯଦି ଲାଗି ରହେ ତେବେ ଆଗାମୀ ଦିନରେ ଜିଲ୍ଲାକୁ ଆଉ ପର୍ଯ୍ୟଟକ ଆସିବେ କି ବୋଲି ମତ ପ୍ରକାଶ ପାଉଛି ।

## ଜିଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର




ନବରଙ୍ଗପୁର, ୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ପରିସର ସ୍ଥିତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆଜିର ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ମୋଟ ୩୫ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା । ଆଜିର ଏହି ଜନ ଶୁଣାଣି ଶିବିରରେ ମୋଟ ୪ଟି ସମସ୍ୟାର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା ।

## ‘ଆମେ ଜାଣିଲେ,ଆମେ ଜିଣିବା’ କାର୍ଯ୍ୟକ୍ରମ



ସେମିଳିଗଡ଼ା,୬।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଦୁଧାରୀ ଗ୍ରାମପଞ୍ଚାୟତର ପୁଟସିଲ-ସାପ୍ତାମାହା ଗ୍ରାମର ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀମାନଙ୍କୁ ନେଇ ‘ଆମେ ଜାଣିଲେ, ଆମେ ଜିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ, ଶିକ୍ଷକ ସିଙ୍ଗୁରୁ ଖିଲ ଶୁଭାରମ୍ଭ କରିଥିବା ବେଳେ, ଦୁଧାରୀ ଗ୍ରାମପଞ୍ଚାୟତର ସରପଞ୍ଚ ମାଧବ ନନ୍ଦୀବାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ସମିତି ସଭ୍ୟା ସୁଷମା ପାଙ୍ଗି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ, କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ, ସୁନାମ ହନ୍ତାଳ, ଶିକ୍ଷକ ରାଜେନ୍ଦ୍ର ସାନ୍ତା, ୱାର୍ଡ ମେମ୍ବର ମାସୁରୁ ସାନ୍ତା ଅତିଥି ଭାବେ ଯୋଗ ଦେଇଥିବା ବେଳେ, କାର୍ଯ୍ୟକ୍ରମକୁ ପ୍ରବୀର ଜାନି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚମ ଶ୍ରେଣୀରୁ ଆରମ୍ଭ କରି କଲେଜରେ ପଢୁଥିବା ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ ।

● ଜୁଆ ଆଡ୍ଡାରେ ଚଢ଼ଉ

## ଟଙ୍କା ଜବତ,୨୦ ଜୁଆଡି ଗିରଫ



ଜୟପୁର, ୬।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ଏବଂ ସଦର ଥାନା ପୁଲିସ ପକ୍ଷରୁ ଜୁଆ ଅଡ୍ଡା ଉପରେ ଚଢ଼ଉ କରାଯାଇ ଜୁଆଡି ମାନଙ୍କ ଗିରଫ କରାଯାଇ ଟଙ୍କା ଜବତ କରାଯାଇଛି । ଟାଉନଥାନା ପୁଲିସ ପକ୍ଷରୁ ଗତକାଲି ରାତିରେ ସ୍ଥାନୀୟ ସୌରାସାହି ଠାରେ ଏକ ଗୃହରେ ଚାଲିଥିବା ଜୁଆ ଅଡ୍ଡା ଉପରେ ଚଢଉ କରାଯାଇ ୭୯ ହଜାର ୧ଶହ ଟଙ୍କା ଜବତ କରିଥିବା ବେଳେ ୯ ଜଣ ଜୁଆଡିଙ୍କୁ ଗିରଫ କରିଥିଲେ । ସେହିପରି ସଦରଥାନା ପୁଲିସ ପକ୍ଷରୁ ଫାମ୍ପୁଣି ଗ୍ରାମ ସ୍ଥିତ ତ୍ରିନାଥ ମନ୍ଦିର ଠାରେ ଚାଲିଥିବା ଏକ ଜୁଆ ଅଡ୍ଡା ଉପରେ ଚଢଉ କରାଯାଇ ୨୬ ହଜାର ୧୧୦ ଟଙ୍କା ଜବତ କରାଯାଇଛି ଏବଂ ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇ ଥାନାକୁ ଅଣାଯାଇଥିଲା । ଅନ୍ୟାନ୍ୟ କିଛି ଜୁଆଡି ଅନ୍ଧାର ସୁଯୋଗ ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ସମସ୍ତ ଜୁଆଡି ମାନଙ୍କୁ ନୋଟିସ କରାଯାଇ ଥାନାରୁ ଛଡାଯାଇଥିବା ନେଇ ଉଭୟ ଥାନାର ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଲକ୍ଷ୍ମୀପୁରରେ ରାବଣପୋଡ଼ି ଉତ୍ସବ



ଲକ୍ଷ୍ମୀପୁର,୬।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଚଳିତ ବର୍ଷ ବିଜୟା ଦଶମୀ ସନ୍ଧ୍ୟାରେ ହୋଇ ପାରି ନ ଥିଲା ରାବଣ ପୋଡ଼ି । ପ୍ରବଳ ବର୍ଷା ଯୋଗୁଁ ରାବଣ ପୋଡ଼ି ହୋଇପାରି ନ ଥିଲା । ପରଦିନ ଅର୍ଥାତ୍ ୩ ତାରିଖ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାଗ ଭଲ ଥିବାରୁ ଆତସବାଜି ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା । ବ୍ଲକ ପଡିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ ପୂଜା କମିଟି ପକ୍ଷରୁ କରାଯାଇଥିଲା । ପଡିଆ ଜନ ଗହଳିରେ ଭରି ଯାଇଥିଲା । ଅତି ସୁନ୍ଦର ସୁନ୍ଦର ବାଣର ଝିଲିମିଲି ଆଲୋକ ଦେଖି ଦର୍ଶକ ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ ନିଜ ପରିବାର ସହିତ ଖୁସି ମନାଇ ଥିଲେ । ପୂର୍ବ କାଳରୁ ଚାଲି ଆସିଥିବା ଏହି ପ୍ରଥା ପାଳନ ହୋଇ ଆସୁଛି । ମା ଙ୍କ ଦର୍ଶନ ସହ ରାବଣପୋଡ଼ି ଉତ୍ସବ ଶ୍ରଦ୍ଧାଳୁ ଆନନ୍ଦ ଦେଇଥାଏ । ଲୋକଙ୍କ ଭିଡ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇ ଥିଲା । ଏହି ଉତ୍ସବରେ ସ୍ଥାନୀୟ ନେତାଙ୍କ ସମେତ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । କମିଟି ପକ୍ଷରୁ ଏଭଳି ଆୟୋଜନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




ନନ୍ଦପୁର,୬।୧୦(ସମିସ): ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଏଡିଏମ ତପନ ନାୟକ, ସିଡିଓ ବେଣୁଧର ଶବର, ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଦେବେନ୍ଦ୍ର ମଲ୍ଲିକ, ତହସିଲଦାର ଦେବବ୍ରତ ମହାରଣା ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ଅଭିଯୋଗ ଶୁଣାଣି କରିଥିଲେ । ତେବେ ମୋଟ ଅଭିଯୋଗ ୩୯ଟି ଅଭିଯୋଗ ମଧ୍ୟରୁ ୧୯ଟି ବ୍ୟକ୍ତିଗତ ସହ ୨୦ଟି ଅଭିଯୋଗ ସାମୁହିକ ଅଭିଯୋଗ ଶୁଣାଣି କରିଥିଲେ । ଏହି ଅବସରରେ ନନ୍ଦପୁର ବ୍ଲକର ସାମାଜିକ କର୍ମୀ ଆକାଶ ଖିଲ ସୀମାନ୍ତ ପାଙ୍ଗି ଲୁଙ୍ଗ ଗ୍ରାମ ପଞ୍ଚାୟତର ଶିକ୍ଷା ସ୍ୱାସ୍ଥ୍ୟ, ଗମନା ଗମନ ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଅଭିଯୋଗ ପ୍ରକଷ୍ଠରେ ଲିଖିତ ଜଣାଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କମଚାରୀ ଯୋଗ ଦେଇଥିବା ବେଳେ ନନ୍ଦପୁର ସ୍ୱାସ୍ଥ୍ୟ ଅଧିକାରୀ ଧ୍ରୁବରାଜ ମୁର୍ମୁ, ଏଇଇ ଯଶକେତନ ବେହେରା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ଡୁଲ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ସମୂହ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ଅଭିଯୋଗ ସବୁ ଗ୍ରହଣ କରି ତାହାର ବିହିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦିଶା ନିର୍ଦ୍ଦେଶ ଜାରି କରିଥିଲେ । ଆଜି ନନ୍ଦପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ନିଜ ନିଜ ଅଞ୍ଚଳର ସମସ୍ୟା ସବୁ ଲିଖିତ ଆକାରରେ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପୈଠ କରିଥିଲେ । ପଞ୍ଜିକୃତ ସମୁଦାୟ ୩୯ଟି ଅଭିଯୋଗ ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା । ଅଭିଯୋଗ ଗୁଡ଼ିକୁ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ କରି ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଭିଯୋଗ ଗୁଡ଼ିକର ସମାଧାନ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଧନସୁଲି ପ୍ରାଥମିକ ବିଦ୍ୟାଳୟ ଗୃହ ଶୋଚନୀୟ

**ପାପଡାହାଣ୍ଡି,୬।୧୦** (ସମିସ): ଜରାଜୀର୍ଣ୍ଣ ଅବସ୍ଥାରେ ଭଟା ଧନସୁଲି ପ୍ରାଥମିକ ବିଦ୍ୟାଳୟ । ବର୍ଷା ହେଲେ ଶ୍ରେଣୀ ଗୃହରେ ଗଳୁଛି ବର୍ଷା ପାଣି । ଫଳରେ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ନ ବସି ବାହାର ବାରଣ୍ଡାରେ ବସି ପାଠ ପଢୁଛନ୍ତି । ଭଙ୍ଗା ଘରେ ଚାଲିଛି ପିଲାଙ୍କ ଶିକ୍ଷା ଦାନ । ଛାତ ଫାଟିବା ସହ ବର୍ଷା ହେଲେ ପାଣି ଗଳୁଛି । ପ୍ଲାଷ୍ଟର ଖସି ପିଲାଙ୍କ ଉପରେ ପଡୁଛି । ବିପଦ ସଂକୁଳ ଅବସ୍ଥାରେ ଚାଲିଛି ପିଲାଙ୍କ ପାଠପଢା । ଶିକ୍ଷା ବିଭାଗ ନିରବ । ଏହି ବିଦ୍ୟାଳୟରେ ନାହିଁ ରୋଷେଇ ଶାଳ । ଯଦ୍ୱାରା ବିଦ୍ୟାଳୟର ଶ୍ରେଣୀ ଗୃହ ପାଲଟିଛି ରୋଷେଇଶାଳ ।ମୁଖ୍ୟ ରାସ୍ତା ପାଖରେ ଏହି ବିଦ୍ୟାଳୟ ଅବସ୍ଥିତ । ରାସ୍ତା ସାମ୍ନାରେ ପାଚେରୀ ଥିବା ବେଳେ ବଳକା ତିନି ପାଖର୍ ରେ ନାହିଁ ବାଉଣ୍ଡ୍ରି କାନ୍ଥ ନାହିଁ । ଯାହାଫଳରେ ନାନା ପ୍ରକାର ଜୀବଜନ୍ତୁ ବିଦ୍ୟାଳୟ ପରିସରରେ ପଶି ଆସୁଛନ୍ତି । ଏପରି ଅବସ୍ଥା ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ଭଟା ଧନସୁଲି ଠାରେ । ବାଲ ବାଟିକାରୁ ପଞ୍ଚମ ପର୍ଯ୍ୟନ୍ତ ୫୯ ଜଣ ପିଲା ପଢ଼ନ୍ତି । ପିଲାଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ । ଦୁଇଟି କୋଠରୀରେ ଏକାଧିକ ଶ୍ରେଣୀ ପିଲାଙ୍କୁ ବସାଇ ପଢ଼ାଯାଉଛି । ପ୍ରଧାନ ଶିକ୍ଷକ କକ୍ଷ ସହ ଅନ୍ୟ ଦୁଇଟି ଶ୍ରେଣୀର ଛାତ ଫାଟିବା ସହ ପ୍ଲାଷ୍ଟର ଖସୁଛି । ରୋଷେଇ ଘର ବି ଭଙ୍ଗା ଦଦରା ଅବସ୍ଥାରେ ରହିଥିବାରୁ ଶ୍ରେଣୀ ବାରଣ୍ଡାରେ ରୋଷେଇ ହେଉଛି । ବିଦ୍ୟାଳୟର ପାଚେରି ବି ନାହିଁ । ୨ଜଣ ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାଦାନ । ପ୍ରଧାନ ଶିକ୍ଷୟତ୍ରୀ କୁନ୍ତଳା ହରିଜନ ଏ ନେଇ ବିଭାଗୀୟ ଅଧିକାରିଙ୍କୁ ଅବଗତ କରିଥିବା କହିଛନ୍ତି । ଭଲ କୋଠା ନିର୍ମାଣ ଲାଗି ଅଭିଭାବକ ସହ ଗ୍ରାମବାସୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ବିଦ୍ୟାଳୟଟି ବର୍ତମାନ ବିପଦସଂକୁଳ ହୋଇଥିବାରୁ କିଛି ବି ଅଘଟଣ ଘଟିବା ଆଶଙ୍କା ରହିଛି । ଏଥିପ୍ରତି ପ୍ରଶାସନ ନଜର ଦେବକୁ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ କିଛି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି ।

## କୁମାରୀଙ୍କ ପୂଜାରେ ଯୋଗଦେଲେ ପୂର୍ବତନ ସାଂସଦ



ଚନ୍ଦାହାଣ୍ଡି,୬।୧୦(ସମିସ): ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବଜାରପଡ଼ିଆ, ପୁରୁଣା ଯାଦବ ମାଝୀ ବସ୍‌ଷ୍ଟାଣ୍ଡ ଠାରେ ଡ୍ରାଇଭର ସଂଘ ଚନ୍ଦାହାଣ୍ଡି ଏବଂ ମୋତିଗାଁ ପକ୍ଷରୁ ମା’ ଦୁର୍ଗାଙ୍କ ପୂଜା ହୋଇଥିଲା । ପାନାବେଡା ଅଞ୍ଚଳରେ ମା’ ଖମ୍ବେଶ୍ୱରୀ, ମା’ ଖଲିଗଡେନ ଏବଂ ମା’ ଭଣ୍ଡାରୁଣୀଙ୍କ ସମେତ ଅଞ୍ଚଳର ଅନ୍ୟାନ୍ୟ ଦେବଦେବୀଙ୍କ ଦଶହରା ପୂଜା ଅନୁଷ୍ଠିତ ହୋଇଥିଲା । ଦଶହରା ସହ ବର୍ତ୍ତମାନ ପାନାବେଡ଼ା ଅଞ୍ଚଳର ପ୍ରତ୍ୟେକ ଗ୍ରାମର କୁମାରୀ କନ୍ୟା ମାନଙ୍କ ଦ୍ୱାରା ଭାଇ ମାନଙ୍କ ଶୁଭମନାସୀ ଭାଇଜିଉଁନ୍ତିଆ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜା କାର୍ଯ୍ୟକ୍ରମ ଗୁଡିକରେ ମହାଳୟା ଦେବୀଙ୍କ ପୂଜା ସହିତ ଆରମ୍ଭ ହୋଇଥିବା ଏହି ପୂଜା ନବରାତ୍ରିର ନବ ଦିନ ଧରି ଅନୁଷ୍ଠିତ ହୋଇ ଦଶମୀରେ ବିସର୍ଜନ ସହିତ ସମାପ୍ତ ହୋଇଥିଲା । ପ୍ରତି ଗ୍ରାମରେ ମହାମାୟାଙ୍କ ଦଶହରା ପୂଜା ପ୍ରସନ୍ନତା ପାଇଁ ଘଟସ୍ଥକ୍ରମ, କଳସ ସ୍ଥାପନା ସହ ଦିବ୍ୟ ଆରତି ଓ ପ୍ରତ୍ୟେକ ଦିନର ପୂଜା ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀମାନେ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ସାମିଲ ହୋଇ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ଚନ୍ଦାହାଣ୍ଡି, ୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପ୍ରେସ୍ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଯକୃତ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଆଜି ପୂର୍ବତନ ଝରୀଗାଁ ବିଧାୟକ ଙ୍କ ପ୍ରକାଶ ଚନ୍ଦ୍ର ମାଝୀ ଚିକିତ୍ସିତ ହେଉଥିବା ଘରୋଇ ଡାକ୍ତରଖାନାକୁ ଯାଇ ଶ୍ରୀଦାସଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝି ଥିଲେ ଏବଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

## ତାଲା ଭଙ୍ଗି ଲକ୍ଷାଧିକ ଟଙ୍କାର ଟାୟାର ଚୋରି

ଜୟପୁର, ୬।୧୦ (ସମିସ): ଜୟପୁର ସହରରେ ପ୍ରତ୍ୟେକ ଦିନ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହେଉଛି । ଏହିପରି ଗତକାଲି ରାତିରେ ସ୍ଥାନୀୟ ହାଟପଦା ନିକଟସ୍ଥ ଏକ ଟାୟର ବିକ୍ରି ଦୋକାନର ସଟର୍ର ତାଲାଭାଙ୍ଗି ସୋରୁମରୁ କାଉଣ୍ଟରରୁ ୧୫ ହଜାର ଟଙ୍କା, ଗୋଟିଏ ଲ୍ୟାପ୍‌ଟପ ଏବଂ ୪ଟି ନୂଆ ଟାୟାର ଚୋରିକରିଥିବା ବେଳେ ପଛପାଖ ଗୋଦାମ ସର୍ଟର ଗୃହରୁ ୩୦ଟି ଟାୟାର ଚୋରି କରିଥିବା ନେଇ ଦୋକାନର ମାଲିକ ଆର. ଶ୍ରୀନୁ ଆଜି




ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି । ଏହିପରି ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ଥାନା ପକ୍ଷରୁ ପ୍ରକାଶ କରାଯାଇଛି । ସମୁଦାୟ ଚୋରି ଟାୟାର ଏବଂ ସାମଗ୍ରୀର ମୂଲ୍ୟ ପ୍ରାୟ ୪ରୁ ୫ ଲକ୍ଷ ଟଙ୍କା ବୋଲି ଅଭିଯୋଗକାରୀ ଦୋକାନର ମାଲିକ କହିଛନ୍ତି । ଜୟପୁର ସହରରେ ଗୃହର ତାଲା ଭାଙ୍ଗି ଚୋରି ସହ ଏହିପରି ଦୋକାନ ଗୁଡିକର ତାଲା ଭାଙ୍ଗି ଚୋରି ହେଉଥିବା ବେଳେ ବର୍ତ୍ତମାନ ବଡ ଦୋକାନର ବଡ଼ ବଡ଼ ସାମଗ୍ରୀ ଚୋରି କରୁଥିବା ନେଇ ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି ।

# ପାରମ୍ପରିକ ଦଶହରାରେ ଲାଖବିନ୍ଧା ପ୍ରଦର୍ଶନ



କୁନ୍ଦୁରା, ୬।୧୦(ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ସଦର ଉଦଲଗୁଡ଼ା ଠାରେ ପାଳିତ ହୋଇଛି ପାରମ୍ପରିକ । ଏହି ଦଶହରା ୧୯୭୦ ମସିହାରୁ କ୍ରମାଗତ ଭାବେ ଅନୁଷ୍ଠିତ ହୋଇ ଆସୁଛି । ପୂଜା ପରିଚାଳନା କମିଟି ଉଦଲଗୁଡା ଗ୍ରାମବାସୀ ଏହାକୁ ବହୁ ସୁରୁଖୁରୁରେ ପରିଚାଳନା କରିଛନ୍ତି । ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ପୀତାମ୍ବର ଦାସ ଆରମ୍ଭ କରିଥିଲେ ଦଶହରା । ଗାଁ ଠାକୁରାଣୀ ସ୍ୱର୍ଗତ ଦାସଙ୍କୁ ଠାକୁରାଣୀ ପିଠରେ ମନ୍ଦିର ନିର୍ମାଣ ଓ ଦଶହରା ପାଳନ ନିମନ୍ତେ ସ୍ୱପ୍ନାଦେଶ ଦେଇଥିଲେ । ସେ ଦିନ ଥିଲା ଦଶହରା ମାସ ତ୍ରୟୋଦଶୀ ତିଥି । ସେ ମାଙ୍କ ଆଦେଶ ପାଳନ କରି ତୁରନ୍ତ ପୂଜାର୍ଚ୍ଚନା କରିଥିଲେ ଓ ତା ପର ବର୍ଷଠାରୁ ଦଶହରା ଅନୁଷ୍ଠିତ ହୋଇ ଆସୁଛି । ପାରମ୍ପରିକ ବିଧି ପ୍ରକାରେ ତ୍ରୟୋଦଶୀ ଦିନ ଅପରାହ୍ନରେ ଶ୍ରୀ ଦାସଙ୍କ ଘରେ ପ୍ରଥମେ ମାତା ଦୂର୍ଗାଙ୍କ ଫୋଟ ଚିତ୍ରରେ ପୂଜା କରାଯାଏ । ପରେ ଗାଁ ଠାକୁରାଣୀଙ୍କ ନିକଟରୁ ଆଜ୍ଞାମାଳ ଅଣାଯାଏ । ଆଜ୍ଞାମାଳ ଆସିବା ପରେ ସନ୍ଧ୍ୟା ୯ ଟା ପରେ ମାତା ଦୁର୍ଗାଙ୍କୁ ବହୁ ଆଡ଼ମ୍ବରରେ, ମହୁରିଆ ବାଦ୍ୟ,ଶିରାଲାଠି,ପଟୁଆର ଦ୍ୱାରା ଗାଁ ର ଶେଷ ମୁଣ୍ଡରେ ଥିବା ପୀଠକୁ ନିଆଯାଏ । ଦେବୀପୀଠରେ ପୂଜାର୍ଚ୍ଚନା କରି ଗ୍ରାମଦେବୀ ଓ ମା ଦୂର୍ଗାଙ୍କ ନୂତନ ପରିଧାନ ବସ୍ତ୍ର ଅଦଳ ବଦଳ ହୁଏ । ପୁଣି ଥରେ ଦେବୀ ପୀଠରୁ ପଟୁଆର ମାଧ୍ୟମରେ ଗାଁ ପରିକ୍ରମା ସାରି ଶ୍ରୀ ଦାସଙ୍କ ପରିବାର ପରିସରରେ ପୂଜା ସ୍ଥଳକୁ ଯାଇ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭକ୍ତଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୂଜା ପାଆନ୍ତି । ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥାଏ ଶିରା ଲାଠି । ଲାଠି ରଖି ପୂଜା କରିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । ସେଠାରେ ହିଁ ସବୁ ବର୍ଷ ଆସିଥିବା ଲାଠି ପୂଜା ପାଆନ୍ତି । ଲାଠି ପୂଜା ପରେ ପଟୁଆର ସହ ଗାଁ ପରିକ୍ରମା କରେ ଶିରା ଲାଠି । ଯାତ୍ରା ସମାପନ ପରେ ସମସ୍ତ ଲାଠିକୁ ପୂର୍ବ ପ୍ରଚଳିତ ରୀତିନୀତି ପ୍ରକାରେ ବିଦାୟ ଦିଆଯାଏ । ୧୯୭୦ ମସିହାରେ ଯେତେବେଳେ ଏହି ଦଶହରା ଆରମ୍ଭ ହେଲା ସେ ସମୟରେ ଅବିଭକ୍ତ ଆସନା ପଞ୍ଚାୟତ ଯଥା ବର୍ତ୍ତମାନର କେରମେଟି ଓ ଫୁଲଭଟ୍ଟା ପଞ୍ଚାୟତ ଏକତ୍ର ଭାବେ ଥିଲା । ସେ ସମୟର ୱାଡର୍ ସଭ୍ୟ ଓ ଗାଁ ମୁଖିଆ ସମୁଦ ନାୟକ, ଉଦ୍ଧବ ମାଝୀ, ମାଧବ କଟ୍ରି, ଘାସି ଜାନି, ଆତ୍ମ ମହୁରିଆ, ସନା ସଗରିଆ, ସାମ ଦୁରୁଆ, ପାଣ୍ଡୁ ଦୁରୁଆ,ସାମ ପୂଜାରୀ,ମାଧବ ବାରିକ, ରାମଚନ୍ଦ୍ର ଗଉଡ, ଅର୍ଜୁନ ପୂଜାରୀ, ପରମାନନ୍ଦ ପୂଜାରୀ, ସହଦେବ ପୂଜାରୀ ପ୍ରମୁଖଙ୍କ ସହଯୋଗରେ ଆରମ୍ଭ ହୋଇଥିଲା । ସେବେ ଠାରୁ ଆଜି ପର୍ଯ୍ୟନ୍ତ ୫୬ ବର୍ଷ ଧରି କ୍ରମାଗତ ଭାବେ ପାଳନ ହୋଇ ଆସୁଛି । ବ୍ଲକରେ ବହୁ ପୁରାତନ ଓ ମୁଖ୍ୟ ଦଶହରା ପରେ ଅନୁଷ୍ଠିତ ହେଉ ଥିବାରୁ କୁନ୍ଦୁରା ସମେତ ବୈପାରିଗୁଡା, କୋଟପାଡ, ଛତିଶଗଡ଼ ଆଦି ଅଞ୍ଚଳରୁ ହଜାର ହଜାରରୁ ଲୋକଙ୍କ ସମାଗମ ହୁଏ । ପ୍ରାରମ୍ଭରୁ ସ୍ୱତନ୍ତ୍ର ଅତିଥି ନିମନ୍ତ୍ରଣର ପରମ୍ପରା ରହିଛି ପ୍ରଥମେ ବ୍ଲକ ମୁଖିଆ ଭାବେ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ନିମନ୍ତ୍ରଣ କରାଯାଉଥିଲା । ସମୟ ବଦଳିଛି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷ ସହିତ ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ନିମନ୍ତ୍ରଣ କରାଯାଉଛି । ଆଜି ମଧ୍ୟ ବିଧାୟକ ରୂପୁ ଭତରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବରିଷ୍ଠ କଂଗ୍ରେସ ନେତା ଅନାମ ଦିଆନ ପ୍ରମୁଖଙ୍କ ସହ ବ୍ଲକ ସ୍ତରୀୟ ରାଜନୈତିକ ଦଳର ନେତା ଯୋଗ ଦେଇଥିଲେ । ଲୋକଙ୍କ ମନୋରଞ୍ଜନ ପାଇଁ ଦୁଇଟି ନାଟକ ହୋଇଥଲା । ଚଳିତ ପରମ୍ପରା ଅନୁସାରେ ଯାତ୍ରା ଶେଷ ହେବା ପରେ ଲାଖ ବିନ୍ଧା କାର୍ଯକ୍ରମ ହୋଇଥଲା । ଏକ ଗଛରେ ୧୫୦ ଫୁଟରୁ ଅଧିକ ବାଉଁଶ ଲାଠିରେ ଏକ ବାଇଗଣକୁ ଝୁଲାଇ ରଖାଯାଇଥିଲା । ଲାଖ ବିନ୍ଧିବାକୁ କୁନ୍ଦୁରା, ବୈପାରିଗୁଡ଼ା ଓ କୋଟପାଡ଼ ଆଦି ଅଞ୍ଚଳରୁ ଦକ୍ଷ ବିନ୍ଧାଳି ଅଂଶଗ୍ରହଣ କରିଥିଲେ । ଆଜିର ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଲାଖବିନ୍ଧା । ଏଥିରେ ଆସନା ପଞ୍ଚାୟତ ଚାଞ୍ଚରାଗୁଡ଼ାର ତୁଳା ଦୁରୁଆ ସଫଳ ହୋଇଥିଲେ, ତାଙ୍କୁ ଯାତ୍ରା କମିଟି ପକ୍ଷରୁ ଉପଦୌଜନ ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଦଶହରା ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିଲା ତେଣୁ ଅନ୍ୟ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା । ଏ ଅବସରରେ ଉଠା ଦୋକାନ ପସରା ବସିଥିଲା । ବହୁ ଆନନ୍ଦ ଉଲ୍ଲାସରେ ସମାପନ ହୋଇଛି ଯାତ୍ରା । ବିଦ୍ୟୁତ ବିଭାଗ ସହଯୋଗ କରିଥିବା ବେଳେ ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ୍ ଫୋର୍ସ ଓ ଥାନା ଟିମ୍ ମୁତୟନ ଥିଲେ । ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ଶେଷ ହୋଇଥିବା କହିଛନ୍ତି ଥାନା ଅଧିକାରୀ ।

# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁଶ୍ ଲି

ସକାଳ
THE SAKALA

## ବ୍ୟବସ୍ଥିତ ଅବ୍ୟବସ୍ଥା

ଭାଇଚାରାର ସହର କଟକ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଶ୍ରଦ୍ଧା, ସମ୍ମାନ ଓ ସହନଶୀଳତାକୁ ଆଧାର କରି ଗଢ଼ି ଉଠିଥିବା ଏହି ସହର ନିଜ ନିଜ ସ୍ୱାତନ୍ତ୍ର୍ୟକୁ ଆଧାର କରି ପାଳିତ ହେଉଥିବା ମେଳା ଓ ଉତ୍ସବ ମିଳିତ ଭାବେ ମନେଇଥାନ୍ତି। ତେଣୁ ବର୍ଷ ତମାମ ଉତ୍ସବମୁଖର ଏହି ସହର ସର୍ବ ପୁରାତନ ସହରବାସୀଙ୍କ ଏହି ନିଆରା ସଦ୍‌ଭାବ ଓ ସଂପ୍ରୀତି ସମଗ୍ର ରାଜ୍ୟକୁ ପ୍ରଭାବିତ କରିଆସିଛି। ତେଣୁ ତ ସମଗ୍ର ଦେଶରେ ଆମ ରାଜ୍ୟର ଶାନ୍ତ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏସବୁ ସତ୍ତ୍ୱେ ବେଳେ ବେଳେ ଗୋଷ୍ଠୀ ସଂଘର୍ଷ ଓ ହିଂସାକାଣ୍ଡ ଯେ ନ ଉପୁଜେ ଏକଥା ନୁହେଁ। ତେବେ ତାହାକୁ ଆପୋଷ ବୁଝାମଣା ଏବଂ ଭାଇଚାରା ସମ୍ପର୍କର ପରିସରରେ ତୁଟାଇ ଦିଆଯାଇଥାଏ। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ କିଛିଟା ଶୃଙ୍ଖଳାକୁ ଆଦରି ନେଇଥାଉ।

ନିକଟରେ ଦଶହରା ଭସାଣି ବେଳେ ସହରର ଦରଘାବଜାର ଅଞ୍ଚଳରେ ଉପୁଜିଥିବା ହିଂସା ଓ ଗୋଷ୍ଠୀ ସଂଘର୍ଷ କିଛି ପୁରୁଖା ଓ ମୁରବୀଙ୍କୁ ବ୍ୟଥିତ କରିଛି। ଭାଇଚାରା ସମ୍ପର୍କରେ ଏଭଳି ତିକ୍ତତାର ସ୍ଥାନ ନାହିଁ। ଏକଥା ସହରବାସୀ ଅଳ୍ପ ବହୁତେ ସମସ୍ତେ ହୃଦଙ୍ଗମ କରନ୍ତି। ସମୟ ବଦଳୁଛି, ନୂଆପିଢ଼ି ଦଶହରା ଓ ଦୁର୍ଗାପୂଜାର ମଙ୍ଗ ଧରିଛନ୍ତି। କଟକ ସହର ପୂଜା କମିଟି ଓ ଶାନ୍ତି କମିଟିରେ କିଛି ପୁରୁଖା ଏବେ ମଧ୍ୟ ଦାୟିତ୍ୱରେ ଅଛନ୍ତି। କ୍ଷମତାରେ ଥିବା ପ୍ରଶାସନ ଆସିବେ ଓ ଯିବେ। ସେମାନଙ୍କୁ ମାର୍ଗଦର୍ଶନ କରାଇବାର ଦାୟିତ୍ୱ ଏହି କମିଟିର ପୁରୁଖାଙ୍କର।

୧୯୯୧ରେ ସେହି ଭସାଣି ବେଳେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷକୁ ନିୟନ୍ତ୍ରଣ କରିଥିବା ଅଧିକାରୀ ନ ଥାଇ ପାରନ୍ତି, କିନ୍ତୁ ମୁରବୀ ତ ଅଛନ୍ତି। ସେବେଠାରୁ ଏ ପର୍ଯ୍ୟନ୍ତ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ଭସାଣ ଉତ୍ସବ ସମାପିତ ହୋଇ ଆସିଥିବା ବେଳେ ପୁଣି ହିଂସା ମୁଣ୍ଡ ଟେକିଲା କାହିଁକି? ଆମ ଜାଣିବାରେ, ସହରରେ ଭାଇଚାରା ସମ୍ପର୍କ ଅତୁଟ ରଖିବା ପାଇଁ କିଛି ଅଲିଖିତ ନିୟମ ଓ ଶୃଙ୍ଖଳା ସବୁପକ୍ଷ ଏପର୍ଯ୍ୟନ୍ତ ମାନି ଆସୁଥିଲେ। ତାହାର ଉଲ୍ଲଙ୍ଘନ ହେବାକୁ ଦେଲା କିଏ? ମୁରବୀ ନା ପ୍ରଶାସନ? କଣ ହେଲା କାହିଁକି ହେଲା ତାହା ଏଠାରେ ଆମେ ଉପସ୍ଥାପନ କରିବାକୁ ଚାହୁଁନା। କିଛି ତ ହୋଇଛି ଯାହା ହେବାର ନଥିଲା। ଆମକୁ ଏଠାରେ ସ୍ୱୀକାର କରିବାକୁ ହେବ ଯେ ଏଥି ସକାଶେ ପ୍ରାକ୍ ପ୍ରସ୍ତୁତି ମଧ୍ୟ ହେଉଥିଲା। ସହର ଶୃଙ୍ଖଳା ଦାୟିତ୍ୱରେ ଥିବା ପ୍ରଶାସନ ଓ ପୁଲିସର ଅନଭିଜ୍ଞତା ଓ ଅପରିପକ୍ୱତା ସ୍ପଷ୍ଟ ବାରି ହୋଇପଡୁଛି। ସଂଘର୍ଷ ଓ ହିଂସାକାଣ୍ଡରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଡ୍ରୋନ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଥଚ ଏହି ସମ୍ବେଦନଶୀଳ ଅଞ୍ଚଳର ସ୍ଥିତି ଭସାଣୀ ପୂର୍ବରୁ ଯାଞ୍ଚ ବା ପରଖିବାରେ ଅସୁବିଧା କେଉଁଠି ଥିଲା? ଅନ୍ୟପକ୍ଷରେ ଭସାଣୀବେଳେ ଉତ୍ତେଜନାର କାରଣ ମନେ ହେଉଥିବା କିଛି ନକାରାତ୍ମକ କାର୍ଯ୍ୟକୁ ମଧ୍ୟ ରୋକାଯାଇ ପାରିଥାନ୍ତା। କିନ୍ତୁ ସେଥିପ୍ରତି ପ୍ରଶାସନ ଆଦୌ ସଚେତନ ଥିଲା ଭଳି ମନେ ହେଉନି।

ସ୍ୱାଭାବିକ ଭାବେ ଦୁଇପକ୍ଷ ନିଜନିଜର ଏତଲା ଦେବେ ଓ ପ୍ରଶାସନ ମଧ୍ୟ ନିଜଆଡୁ ମାମଲା ରୁଜୁ କରିବ। ସଂଘର୍ଷରେ ୨ ଜଣ ଗୁରୁତର ଆହତ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥାନେଇ ସମସ୍ତେ ଚିନ୍ତିତ ଓ ଉଦ୍‌ବିଗ୍ନ। ଡିସିପିଙ୍କ ସମେତ ଅନ୍ୟ ଯେଉଁମାନେ ଆହତ ହୋଇଛନ୍ତି ତାହାକୁ ଘଟଣା ପ୍ରବାହର ଆରମ୍ଭ ବିଶେଷ ରୂପେ ଗ୍ରହଣ କରାଯାଇପାରେ। ସୋମବାର ବନ୍ଦ ପାଳନ ପାଇଁ ଦିଆଯାଇଥିବା ଆହ୍ୱାନ ଓ ପୂର୍ବଦିନ ସଂଧ୍ୟାରେ ଘଟଣାର ପ୍ରତିବାଦ ସ୍ୱରୂପ ବାହାରିଥିବା ଶୋଭାଯାତ୍ରାରୁ ଆଗକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାର ସୂଚନା ମିଳିଥିଲା। ତେଣୁ ତୁରନ୍ତ ସାଂଧ୍ୟଆଇନ ଜାରି କରାଯିବାରୁ ଉତ୍ତେଜନା ପ୍ରଶମିତ ହେଉଥିବାର ଲକ୍ଷ୍ୟ କରାଯାଇଛି। ସର୍ବୋପରି ସହରରେ ଭାଇଚାରା ସଂପର୍କ ଯେପରି ଅତୁଟ ରହେ ତାହାକୁ ଦୃଷ୍ଟିରେ ରଖି ଦୁଇପକ୍ଷ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ଜରୁରୀ।

# ଶିକ୍ଷା, ଶିକ୍ଷକ ଓ ଏଆଇ

ସୁପ୍ରିୟା ମିଶ୍ର

ନିକଟରେ ଆମେରିକାର ଗୋଟିଏ ପ୍ରସିଦ୍ଧ ଏଆଇ ସେବା ଯୋଗାଇ ଦେଉଥିବା କମ୍ପାନୀର ଜଣେ ବରିଷ୍ଠ ଇଞ୍ଜିନିୟର କହିଲେ ଯେ ତାଙ୍କ କମ୍ପାନୀର ଏଆଇ ଟୁଲ୍‌ର ବୁଦ୍ଧି ଲବ୍ଧାଂଶ ବା ଆଇକ୍ୟୁ ଜଣେ ପିଏଚଡି ଧାରୀଙ୍କ ଠାରୁ ମଧ୍ୟ ଅଧିକ। କିଛି ଏଆଇ କମ୍ପାନୀମାନେ ଗୁରୁ ଦିବସ ଅବସରରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ରିହାତି ମୂଲ୍ୟରେ ସେବା ଯୋଗାଇ ଦେବା ପାଇଁ ଇଣ୍ଟରନେଟରେ ବିଜ୍ଞାପନ ମଧ୍ୟ ପ୍ରକାଶିତ କରିଥିଲେ। ପ୍ରଶ୍ନ ଉଠୁଛି ଯେ କୃତ୍ରିମ ବୁଦ୍ଧିମତ୍ତା କ'ଣ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ରୂପେ ବିକଳ୍ପ ହୋଇପାରିବ? ୟୁରୋପ, ଆମେରିକା ଓ ଚୀନରେ ପାରମ୍ପରିକ ଶ୍ରେଣୀ ଗୃହରେ ଏଆଇ ଦ୍ୱାରା ସଂଚାଳିତ ରୋବଟ ମାଧ୍ୟମରେ ଶିକ୍ଷା ପ୍ରଦାନର ପରୀକ୍ଷଣ ଚାଲିଛି। ଭାରତରେ ମଧ୍ୟ ଏହାକୁ ପରୀକ୍ଷା କରାଯାଉଛି। ଗତବର୍ଷ କେରଳର କିଛି ମାଧ୍ୟମିକ ବିଦ୍ୟାଳୟରେ ରୋବଟ ଶିକ୍ଷକଙ୍କୁ ପରୀକ୍ଷା କରାଯାଇଥିଲା।

କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ଅନେକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନ କରୁଛି, ଯେଉଁଠି ଏକ ଛାତ୍ରର ନିର୍ଦ୍ଦିଷ୍ଟ ଆବଶ୍ୟକତା, ଶିକ୍ଷଣ ଶୈଳୀ ଓ ବୁଦ୍ଧି ଲବ୍ଧାଂଶ ଅନୁଯାୟୀ ପାଠ୍ୟକ୍ରମ ଡିଜାଇନ କରାଯାଉଛି। ଏହା ବିଦ୍ୟାର୍ଥୀମାନଙ୍କୁ ନିଜ ଗତି ଓ ସାମର୍ଥ୍ୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଉଛି। ଏଆଇ ଛାତ୍ରମାନଙ୍କର ଦୁର୍ବଳତା ଚିହ୍ନଟ କରି ସେମାନଙ୍କୁ ଅଧିକ ଅଭ୍ୟାସ କିମ୍ବା ବିଶେଷ ସମ୍ବଳ ପ୍ରଦାନ କରିପାରେ। ଏହାସହିତ ଏଆଇ-ଚାଳିତ ଚାଟ୍‌ବଟ୍ ଓ ଭର୍ଚୁଆଲ ସହାୟକ ଛାତ୍ରମାନଙ୍କୁ ଯେକୌଣସି ସମୟରେ ସମର୍ଥନ ଯୋଗାଇ ଦେଉଛି, ଯାହା ଶିକ୍ଷକଙ୍କ ପାଇଁ ସବୁବେଳେ ସମ୍ଭବ ନୁହେଁ। ତଥାପି, ଏହି ସବୁ ସୁବିଧା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ଏଆଇ ଶିକ୍ଷକଙ୍କର ମୌଳିକ ଭୂମିକାର ଏକ ବିକଳ୍ପ କଦାପି ହୋଇ ପାରିବ ନାହିଁ।

ଶିକ୍ଷା କେବଳ ତଥ୍ୟ ଓ ଜ୍ଞାନ ପ୍ରଦାନ କରିବା ନୁହେଁ; ଏହା ଏକ ମାନବୀୟ ପ୍ରକ୍ରିୟା, ଯେଉଁଠି ଭାବନା, ଆତ୍ମବିଶ୍ୱାସ, ନୈତିକ ବୋଧ, ସହାନୁଭୂତି, ପ୍ରେରଣା ଓ ସାମାଜିକ ମୂଲ୍ୟବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଂରେଜ ସରକାରଙ୍କ ଶାସନ ସମୟରେ ଭାରତରେ ପାଶ୍ଚାତ୍ୟ ପଦ୍ଧତିରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ ଭାରତରେ ଶିକ୍ଷା ବ୍ୟବସ୍ଥାରେ ସର୍ବଦା ମାନବୀୟ ଗୁଣକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଏ। ଯେତେବେଳେ ଜଣେ ବିଦ୍ୟାର୍ଥୀ କୌଣସି କାରଣରୁ ନିରାଶ ହୁଏ କିମ୍ବା କୌଣସି ବିଷୟରେ ଅସୁବିଧାର ସମ୍ମୁଖୀନ ହୁଏ, ଶିକ୍ଷକ ତାଙ୍କୁ ପ୍ରେରଣା ଦେଇପାରନ୍ତି ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିପାରନ୍ତି। ଏଆଇ ଏହି ସହାନୁଭୂତି ଏବଂ ଭାବନାତ୍ମକ ସଂଯୋଗ ପ୍ରଦାନ କରିପାରେ ନାହିଁ। ଏଆଇ ଏକ ଯନ୍ତ୍ର ହିସାବରେ କେବଳ ଡାଟା ଓ ଅଲଗରିଦମ୍ ଉପରେ ନିର୍ଭର କରେ, ଯାହା ମାନବୀୟ ଭାବନାକୁ ବୁଝିବାରେ ଅକ୍ଷମ।

ଏହାସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମୂଲ୍ୟବୋଧ, ନୈତିକତା ଓ ସହଯୋଗ ଶିଖାଇଥା'ନ୍ତି। ଏକ ଶ୍ରେଣୀଗୃହରେ ଶିକ୍ଷକ ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା, ଦଳଗତ କାର୍ଯ୍ୟ ଓ ସହଯୋଗୀ ଶିକ୍ଷଣକୁ ପ୍ରୋତ୍ସାହିତ କରନ୍ତି। ଏହି ପ୍ରକ୍ରିୟା ଛାତ୍ରମାନଙ୍କୁ ସାମାଜିକ ଦକ୍ଷତା, ନେତୃତ୍ୱ ଓ ପରସ୍ପର ସମ୍ମାନ ଶିଖାଇଥାଏ। ଏଆଇ ଏକ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିପାରେ, କିନ୍ତୁ ଏହା ଏକ ଶ୍ରେଣୀଗୃହର ସାମାଜିକ ଗତିଶୀଳତାକୁ ଅନୁକରଣ କରିପାରେ ନାହିଁ। ଗୋଟିଏ ଏଆଇ ଟୁଲ ସମ୍ମୁଖରେ ସବୁ ଛାତ୍ରଛାତ୍ରୀ ସମାନ ଓ ସେମାନଙ୍କ ଜିଜ୍ଞାସା ମଧ୍ୟ ସମାନ। କିନ୍ତୁ ଜଣେ ଶିକ୍ଷକ ବା ଶିକ୍ଷୟତ୍ରୀଙ୍କ ପାଖରେ ପ୍ରଶ୍ନର ଉତ୍ତର ସମାନ ଥିଲେ ମଧ୍ୟ ପ୍ରଶ୍ନ କର୍ତ୍ତା କିନ୍ତୁ ସମାନ ନୁହନ୍ତି। କାରଣ କିପରି ଭାବରେ ଉତ୍ତର ପ୍ରଦାନ କରାଗଲେ ତାହା ବିଦ୍ୟାର୍ଥୀମାନେ ସହଜରେ ଗ୍ରହଣ କରି ପାରିବେ ତାହା କେବଳ ଜଣେ ମାନବର ପ୍ରାକୃତିକ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ।

ଏଆଇ ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଆଧୁନିକ ହେଲେ ମଧ୍ୟ ସେଥିରେ ଅନେକ ସୀମାବଦ୍ଧତା ରହିଛି। ପ୍ରଥମତଃ, ଏଆଇ କେବଳ ପୂର୍ବରୁ ପ୍ରୋଗ୍ରାମ କରାଯାଇଥିବା ଡାଟା ଓ ଅଲଗରିଦମ ଉପରେ କାର୍ଯ୍ୟ କରେ। ଏହା ଅଣପ୍ରତ୍ୟାଶିତ ପରିସ୍ଥିତିରେ ନିଷ୍ପତ୍ତି ନେବାରେ ଅକ୍ଷମ। ଉଦାହରଣ ସ୍ୱରୂପ, ଯଦି ଜଣେ ଛାତ୍ର ଏକ ଅସାଧାରଣ ପ୍ରଶ୍ନ ପଚାରେ ଯାହା ଏଆଇର ଡାଟାବେସରେ ନାହିଁ, ତେବେ ଏଆଇ ସେହି ପ୍ରଶ୍ନର ଉତ୍ତର ଦେବାରେ ଅସଫଳ ହୋଇପାରେ। ଅନ୍ୟପକ୍ଷରେ, ଶିକ୍ଷକମାନେ ନିଜର ଅଭିଜ୍ଞତା ଓ ସୃଜନଶୀଳତା ବ୍ୟବହାର କରି ଏଭଳି ପରିସ୍ଥିତିରେ ସମାଧାନ ଯୋଗାଇପାରନ୍ତି। କାନପୁରଠାରେ ଅବସ୍ଥିତ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ତଥା ପ୍ରସିଦ୍ଧ ପ୍ରଯୁକ୍ତି ବିଜ୍ଞାନର ପୁସ୍ତକ ଲେଖକ ଡ ହରିଶ ଚନ୍ଦ୍ର ବର୍ମା କୁହନ୍ତି ପ୍ରତିଦିନ ମାନବ ସଭ୍ୟତାରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟାକୁ ସମାଧାନ କରିବା ପାଇଁ ଜଣେ କିପରି ନିଜର ସୃଜନଶୀଳତାକୁ ବ୍ୟବହାର କରି ପାରିବ ତାହା କେବଳ ଜଣେ ଶିକ୍ଷକ ହିଁ ଛାତ୍ରଛାତ୍ରୀଙ୍କୁ ଶିଖାଇ ପାରିବେ। ଏଆଇ ଏହା କରି ପାରିବ ନାହିଁ; କାରଣ ଆଇଟି ଇଞ୍ଜିନିୟରମାନଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ନିଜର ସୀମା ବାହାରକୁ ଯାଇ ଏଆଇ କିଛି ଚିନ୍ତା କରିବା ପାଇଁ ସକ୍ଷମ ନୁହେଁ।

ଦ୍ୱିତୀୟତଃ, ଏଆଇ ସାଂସ୍କୃତିକ ଏବଂ ସାମାଜିକ ପ୍ରେକ୍ଷାପଟକୁ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ। ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ଯେଉଁଠି ବିଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି, ଶିକ୍ଷକମାନେ ଛାତ୍ରମାନଙ୍କୁ ସେମାନଙ୍କର ସାଂସ୍କୃତିକ ପ୍ରେକ୍ଷାପଟ ଅନୁଯାୟୀ ଶିକ୍ଷା ଦେଇପାରନ୍ତି। ଏଆଇ ଏହି ସାଂସ୍କୃତିକ ସମ୍ବେଦନଶୀଳତାକୁ ଅନୁକରଣ କରିବାରେ ଅକ୍ଷମ। ତୃତୀୟତଃ, ଏଆଇ ଶିକ୍ଷାରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମିଳାମିଶାରୁ ଦୂରେଇ ଦେଇପାରେ। ଶିକ୍ଷା କେବଳ ବୌଦ୍ଧିକ ବିକାଶ ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ବିକାଶର ଏକ ଅଂଶ। ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଏକ ସମ୍ପ୍ରଦାୟ ଭାବେ କାମ କରିବାକୁ, ପରସ୍ପର ସହଯୋଗ କରିବାକୁ ଏବଂ ସମାଜରେ ନିଜର ଦାୟିତ୍ୱ ବୁଝିବାକୁ ଶିଖାଇଥା'ନ୍ତି।

ଉତ୍କଳମଣି ଗୋପବନ୍ଧୁ ରଥଯାତ୍ରା ସମୟରେ ଏବଂ ନଦୀରେ ବଢ଼ି ଆସିଲେ ଜନ ସେବା ଯୋଗାଇ ଦେବାକୁ ଯିବା ସମୟରେ ପାଇଁ ବନ ବିଦ୍ୟାଳୟର ଛାତ୍ରମାନଙ୍କୁ ନିଜ ସହିତ ନେଇ ଯାଉଥିଲେ। ଏହାଦ୍ୱାରା ସେମାନଙ୍କ ମନରେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଦେବାର ମନୋବୃତ୍ତି ଜାଗ୍ରତ ହେଉଥିଲା। ବର୍ତ୍ତମାନ ମଧ୍ୟ ଜାତୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ସେବାରେ ନିଯୋଜିତ କରାଯାଇ ରାଷ୍ଟ୍ର ପ୍ରତି ସମର୍ପିତ ରହିବା ପାଇଁ ଉତ୍ସାହିତ କରାଯାଏ। ଏଆଇ ଏହି ସାମାଜିକ ଶିକ୍ଷଣକୁ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ। ଏଠାରେ ଗୋଟିଏ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଉଲ୍ଲେଖନୀୟ। ଗତ ବର୍ଷ ନଭେମ୍ବର ମାସରେ ଆମେରିକାର ଜଣେ ସ୍ନାତକ ଛାତ୍ର ଗୋଟିଏ ପ୍ରସିଦ୍ଧ ଏଆଇ ଟୁଲ ମାଧ୍ୟମରେ ଏକ ପ୍ରବନ୍ଧ ରଚନା କରୁଥିଲେ। ବରିଷ୍ଠ ନାଗରିକମାନଙ୍କର କିପରି ଯତ୍ନ ନେବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାରର ସାମାଜିକ ଦୁର୍ବ୍ୟବହାରରୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେହି ବିଷୟରେ ବାର୍ତ୍ତାଳାପ ମାଧ୍ୟମରେ ଚାଟ୍‌ବଟ୍‌ଠାରୁ ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରୁଥିଲେ। ହଠାତ୍ ଚାଟ୍ ବଟ୍ ଗାଳି ଗୁଲଜ କରିବାକୁ ଆରମ୍ଭ କରିଲା। ମନୁଷ୍ୟମାନେ ଏହି ଧରା ଉପରେ ଏକ ବୋଝ ଭାବରେ ଚିତ୍ରିତ କଲା। ଶେଷରେ ଛାତ୍ରଙ୍କୁ ଏହି ବ୍ରହ୍ମାଣ୍ଡରେ ରହିବାର କୌଣସି ଅଧିକାର ନାହିଁ ବୋଲି ଜଣାଇ ଯଥାଶୀଘ୍ର ଆତ୍ମହତ୍ୟା କରିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରିବାକୁ ଲାଗିଲା।

ଏଆଇର ଅନେକଗୁଡ଼ିଏ ଦୁର୍ବଳତା ରହିଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ସ୍ୱାଗତଯୋଗ୍ୟ। ଏଆଇ ଶିକ୍ଷକଙ୍କ ବିକଳ୍ପ ହେବା ପରିବର୍ତ୍ତେ ସେମାନଙ୍କ ସହ ସହଯୋଗ କରି ଶିକ୍ଷା ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିପାରେ। ଏଆଇ ଶିକ୍ଷକମାନଙ୍କୁ ସେମାନଙ୍କର ପାଠ୍ୟକ୍ରମ ପରିଚାଳନା, ଛାତ୍ରଛାତ୍ରୀମାନଙ୍କର ପ୍ରଗତି ମୂଲ୍ୟାଙ୍କନ ଏବଂ ଅଧିକ ସମୟ ମାନବୀୟ ସଂଯୋଗ ପାଇଁ ବ୍ୟବହାର କରିବାରେ ସାହାଯ୍ୟ କରିପାରେ। ଶିକ୍ଷକମାନେ ଶିକ୍ଷାରେ ମାନବୀୟ ସଂଯୋଗ, ସହାନୁଭୂତି ଓ ସାମାଜିକ ମୂଲ୍ୟବୋଧର ଏକ ଅନନ୍ୟ ଅବଦାନ ରଖନ୍ତି, ଯାହା ଏଆଇ ପ୍ରଦାନ କରିପାରେ ନାହିଁ। କରୋନା ମହାମାରୀ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ମାଧ୍ୟମରେ ଯୋଗାଯୋଗ ଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥା କିପରି ଭୁଶୁଡ଼ି ପଡ଼ିଲା ତାହାକୁ ପ୍ରତ୍ୟେକ ଅଭିଭାବକ ହୃଦୟଙ୍ଗମ କରିଥିଲେ। ତେଣୁ ଏଆଇ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଉତ୍ତମ ସହଯୋଗୀ ପନ୍ଥା ହିଁ ଭବିଷ୍ୟତରେ ଶିକ୍ଷାକୁ ଅଧିକ ସଫଳ କରିବ।

(ବିଭାଗୀୟ ମୁଖ୍ୟ, ମହର୍ଷି ମହିଳା ମହାବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୮୨୭୬୮୩୪

# ଚାପମୁକ୍ତ ଜୀବନ ସମ୍ଭବ କି?

ସଲିଳା ତ୍ରିପାଠୀ

ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନୁଷ୍ୟର ଚାହିଦାର ବୃଦ୍ଧି ଘଟିଥାଏ। ଯେଉଁ ସମୟରେ ଯାହା ଖୋଜାଯାଏ ନ ପାଇଲେ ମନ ମଧ୍ୟରେ ଏକ ଅଭାବବୋଧର ସୃଷ୍ଟି ହୁଏ, ଯାହାକୁ ପ୍ରକାରାନ୍ତରେ ଆମେ ଚାପ କହିପାରୁ। ଅନେକ ସମୟରେ ବାପ ମା' ପିଲାମାନଙ୍କର ଇଚ୍ଛାକୁ ଗୁରୁତ୍ୱ ନଦେଇ ହତୋତ୍ସାହିତ କରିବା ବାଲ୍ୟଜୀବନରେ ଗଭୀର ଚାପ ସୃଷ୍ଟି କରିଥାଏ। ଆମ ସମାଜରେ ପୁଅ ରୋଜଗାର ନ କରିପାରିଲେ ଏବଂ ଝିଅର ବାହାଘର ଉଚିତ୍ ସମୟରେ ନ ହୋଇପାରିଲେ ବଞ୍ଚିବା କଷ୍ଟକର ହୋଇପଡ଼େ। ପୁଅଟି ଖାଲି ରୋଜଗାରକ୍ଷମ ନୁହେଁ ବରଂ ସମାଜରେ ପାଞ୍ଚ ଜଣଙ୍କ ସାଥିରେ ତାଳ ମିଶେଇ ଚାଲିବାର ଇଚ୍ଛା ଆଉ ଝିଅର ବିବାହ ମଧ୍ୟ ସେହିଭଳି ଉପଯୁକ୍ତ ପାତ୍ରରେ ଦାନ ହୋଇପାରିଲେ ଯାଇ ପୁଅଝିଅଙ୍କର ମାନସିକ ଚାପର ସାମାନ୍ୟ ଶେଷ ହୋଇଥାଏ।

ତଥାକଥିତ ସମାଜରେ ପୁଅ ରୋଜଗାରକ୍ଷମ ହେଲେ ପୁଣି ସର୍ବଗୁଣସମ୍ପନ୍ନ ବୋହୂଟିଏ ଦରକାର ଯାହାର କୌଣସି ଗୁଣରେ ଖୁଣ ନଥିବ। ଯଥାଶୀଘ୍ର ନାତିଟିଏ ଦରକାର ପଛରେ ନାତୁଣୀଟିଏ ହେଲେ ଭଲ। ବାପ ମା' ବଞ୍ଚିଥିବା ପର୍ଯ୍ୟନ୍ତ ପୁଅର କୌଣସି ରୋଗ ବଇରାଗ ହେବା ବାଞ୍ଛନୀୟ ନୁହେଁ। ନାତି ନାତୁଣୀ ସମସ୍ତେ ନାଁ କଲା ପରି ବିଦ୍ୟାର୍ଜନ କରି ବଂଶ ମର୍ଯ୍ୟାଦା ରଖିବା ନିତାନ୍ତ ଆବଶ୍ୟକ। ସେପଟେ ଝିଅଟି ମଧ୍ୟ ପରଘରେ ଯାଇ ସୁଖଶାନ୍ତିରେ ରହିବା ଜରୁରୀ। ଏତେ ପ୍ରକାରର ମାନସିକ ଦୁଃଶ୍ଚିନ୍ତାରେ ମନୁଷ୍ୟ ଜୀବନ ଧାରଣ କରିଥାଏ କେବଳ ମୃତ୍ୟୁକୁ ସାମ୍ନା କରିପାରେନା। ସେତିକିବେଳେ ପ୍ରାରବ୍ଧ, କର୍ମଫଳ କଥାଟି ମନେପଡ଼େ। ତାକୁ ମଧ୍ୟ ସିଏ ଶ୍ମଶାନ ବୈରାଗ୍ୟ ପରି ଭୁଲିଯାଏ।

ତେବେ କାଳକାଳରୁ ଉପରୋକ୍ତ ଚାପଗୁଡ଼ିକୁ ସହିବାରେ ଅଭ୍ୟସ୍ତ ମନୁଷ୍ୟ ଆଧୁନିକ ଜୀବନଶୈଳୀ ପାଇଁ ଆହୁରି ଅନେକ ଚାପର ସମ୍ମୁଖୀନ ହେଉଛି। କର୍ମକ୍ଷେତ୍ରରେ ଓ ବିଦ୍ୟାଳୟରେ ପ୍ରତିଯୋଗିତା ପାଇଁ ଏବଂ ନାରୀ ସ୍ୱାଧୀନତା ପାଇଁ ସମଗ୍ର ସମାଜରେ ଚାପଟି ସର୍ବାଧିକ ହେଉଛି ବୋଲି ଜଣାଯାଉଛି। ଯେହେତୁ ଧନ ଓ ସମ୍ମାନର ସଂରକ୍ଷଣର ଭାବନା ମନୁଷ୍ୟକୁ ସର୍ବଦା ଦ୍ୱିଧାଗ୍ରସ୍ତ କରିଦିଏ ଏବଂ ନାରୀମାନେ ସ୍ୱାଧୀନତା ପାଇଗଲେ ସମାଜରେ ବିଶୃଙ୍ଖଳା ହୁଏ ବୋଲି ଆଜି ମଧ୍ୟ ଅନେକ ଲୋକଙ୍କର ବିଶ୍ୱାସ।

ବର୍ତ୍ତମାନର ରୋଜଗାରର ପନ୍ଥାଟି ମୁଖ୍ୟତଃ ବେସରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟବେସିତ ହେବା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବା ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଭୟ ଓ ଲକ୍ଷ୍ୟ ପୂରଣ ନ ହେବାର ଆଶଙ୍କା ଦ୍ୱାରା ବହୁ ଯୁବପିଢ଼ି ଗ୍ଲାନି ମଧ୍ୟରେ ଜୀବନ କାଟୁଛନ୍ତି। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଉପସ୍ଥିତି ଫଳରେ ପ୍ରତ୍ୟେକ ପିତାମାତା ନିଜ ପୁତ୍ରକନ୍ୟାଙ୍କର ଭବିଷ୍ୟତ ଚିନ୍ତା ପାଇଁ ନିଜେ ଚାପରେ ରହିବା ସହିତ ପିଲାମାନଙ୍କୁ ମଧ୍ୟ ଚାପରେ ରଖୁଛନ୍ତି। ନାରୀ ସ୍ୱତନ୍ତ୍ରତା ଫଳରେ ପୁରୁଷମାନେ ଘରଠାରୁ ବାହାର ପର୍ଯ୍ୟନ୍ତ ଅନେକ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି, ଯାହା ଅବ୍ୟକ୍ତ ହୋଇଥିଲେ ହେଁ ବାସ୍ତବିକ ସତ୍ୟ ଅଟେ।

ସମୟ ଅନୁସାରେ ମଣିଷର ଚିନ୍ତାଧାରା, ପରିସ୍ଥିତି, ପରିବେଶ ଯେତିକି ମାତ୍ରାରେ ପରିବର୍ତ୍ତନ ହେବା ଆବଶ୍ୟକ ନ ହୋଇ ପାରିଲେ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ, ଯାହା ମାନସିକ ଚାପ ବା ଅବସାଦର ମୂଳଦୁଆକୁ ସଂଗଠିତ କରିଥାଏ। ଫଳସ୍ୱରୂପ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗ ଭଳି ବେମାରୀମାନେ ନିମନ୍ତ୍ରଣ ହୋଇ ଆସିଥା'ନ୍ତି। ଠିକ୍ ସେହିଭଳି ମନର କଥାକୁ ପରିପ୍ରକାଶ କରିବାକୁ ସୁଯୋଗ ନଥିଲେ ଏହି ଚାପର ପରିମାଣ ବୃଦ୍ଧି ହୋଇ ବେଳେବେଳେ ଅଚାନକ ଭାବେ ପ୍ରାଣଘାତକ ସାଜିଥାଏ। ମଣିଷ ମନରେ ଥିବା ଭୟ ହିଁ ତାକୁ ମୃତ୍ୟୁ ଆଡ଼କୁ ବାଟ କଢ଼ାଇନିଏ। ଆମ ସମାଜରେ କ'ଣ ଏସବୁ ପାଇଁ କୌଣସି ବ୍ୟବସ୍ଥା ଅଛି? ଜନ୍ମରୁ ଆମକୁ ଲଜ୍ଜା, ସଂକୋଚ, ଭୟ, ନିନ୍ଦା, ଅପବାଦ, ଅସମ୍ମାନରୁ ବଞ୍ଚିବା ପାଇଁ ଶିକ୍ଷା ଦିଆଯାଇଥାଏ। କିନ୍ତୁ ଏଥିରୁ ମୁକ୍ତି ପାଇବାର ସଠିକ୍ ଉପାୟ ବତାଯାଇ ନଥାଏ। ଯାହା ମଣିଷକୁ ଭୟାର୍ତ୍ତ କରି ରଖିଥାଏ। ସବୁଠାରୁ ବଡ଼କଥା ମଣିଷ ଯେଉଁଠୁ ସୃଷ୍ଟି ହୁଏ, ତା'କୁ ହିଁ ସର୍ବାଧିକ ଭୟ କରେ। ସେମାନଙ୍କର ନାମ ଉଚ୍ଚ କରିବା ନିମିତ୍ତ ସେ ଶିକ୍ଷା, ସାମାଜିକ, ବୈବାହିକ, ଧନାର୍ଜନ ଇତ୍ୟାଦି କ୍ଷେତ୍ରରେ ଚାପଗ୍ରସ୍ତ ହୋଇପଡ଼େ।

ମାତ୍ର ବାସ୍ତବରେ ପିତାମାତା କ'ଣ ତାଙ୍କ ସନ୍ତାନଙ୍କୁ ଚାପ ଦେବାରେ ଆନନ୍ଦ ପାଇଥା'ନ୍ତି? ହୁଏତ ଏହା ପରସ୍ପର ମଧ୍ୟରେ ଥିବା ଦୂରତା ଓ ସଠିକ୍ ବୁଝାମଣାର ଅଭାବରୁ ହୋଇଥାଏ। ଦୁନିଆର ଯେ କେହି ଯେତେ ଦୁଃଖ ଦିଅନ୍ତୁ ବା କୌଣସି ପରିସ୍ଥିତି ଆସୁ ଯଦି ପିତାମାତା ସନ୍ତାନ ସାଥିରେ ରହି ତାକୁ ଭରସା ଦିଅନ୍ତି ତେବେ ସଂସାରର ସମସ୍ତ ଦୁଃଖ ଓ ଚାପ ଲାଘବ ହୋଇଯାଏ ବୋଲି କୁହାଯାଏ। କାରଣ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ସମୟରେ ପିତାମାତା ମୋହବଶତଃ କେବଳ ନିଜର ଅହଂକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜ ପିଲାର ଭୁଲ୍‌କୁ ଅଣଦେଖା କରିଥା'ନ୍ତି। ତା'ସହିତ ସମୟ ଓ ପରିସ୍ଥିତି ଅନୁଯାୟୀ ପିଲାର ମାନସିକତାକୁ ବୁଝି ନପାରି ତା' ଉପରେ ନିଜର ଉଚ୍ଚାକାଂକ୍ଷାକୁ ଲଦି ଦେଇଥାନ୍ତି। କିଛି ପିଲା ମନକଥା ଖୋଲି କହି ନ ପାରିବାରୁ ପିତାମାତା ଓ ପିଲାଙ୍କ ମଧ୍ୟରେ ଦୂରତା ସ୍ୱର୍ଗ ଓ ମର୍ତ୍ତ୍ୟର ଦୂରତା ପରି କେବେ ମିଶିପାରେନା।

ଅବଶେଷରେ ଏତିକି କୁହାଯାଇପାରେ ମନଖୋଲା ହସଟିଏ ହସିବା ନିମିତ୍ତ ଯେମିତି ନିଜର ପରିବାରର ଆବଶ୍ୟକ ଠିକ୍ ସେମିତି ପ୍ରତ୍ୟେକ ପ୍ରକାର ମାନସିକ ଅବସାଦରୁ ମୁକ୍ତି ପାଇବା ପାଇଁ ପରିବାର ହିଁ ଏକମାତ୍ର ଚିକିତ୍ସାଳୟ ଏବଂ ତା' ସହିତ ଭଗବତ୍ ଚିନ୍ତନ, ଅହମିକାରୁ ମୁକ୍ତି, ଉଚ୍ଚ ଆଶାରେ ଲଗାମ, ପାରିବାରିକ ସଂପର୍କର ସୁଦୃଢ଼ତା, ଗୋଟିଏ ସମୟରେ ଅନେକ କାର୍ଯ୍ୟର ଭାର ଗ୍ରହଣ ନ କରିବା, କୌଣସି କାର୍ଯ୍ୟକୁ ନିଜର ନିଶା ନ ବନେଇବା, ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟତା, ପ୍ରତ୍ୟେକଟି ସମସ୍ୟାର ସରଳ ଆଲୋଚନା, ଆଧୁନିକ ଜୀବନଶୈଳୀକୁ ଏକାନ୍ତ ଭାବେ ଗ୍ରହଣ ନ କରିବା, ସମୟ ଅନୁସାରେ ଡାକ୍ତରୀ ପରୀକ୍ଷା ଏବଂ ସବୁ ପରେ କୃତ୍ରିମତାରୁ ନିଜକୁ ଦୂରେଇ ନେଲେ ମାନସିକ ଚାପରୁ ମଣିଷ ମୁକ୍ତି ପାଇବା ହୁଏତ ସମ୍ଭବ ହେବ।

ବୋଲଗଡ଼,
ମୋ: ୮୭୬୩୭୮୮୬୧୪

# ମିଛ ବିଷୟରେ କିଛି କଥା

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ସାଧାରଣଭାବେ ଆମେ ମିଛ କହିବାକୁ ଘୃଣାକରୁ। ତେବେ ଏହା ଆମରି ଏକ ସହଜାତ ପ୍ରବୃତ୍ତି। ଅବଶ୍ୟ କାହାଠାରେ ଏହା ଅଧିକ ଏବଂ ଆଉ କାହାଠାରେ କମ୍ ଦେଖାଯାଏ। ଏପ୍ରବୃତ୍ତି ବିବର୍ତ୍ତନ ସହିତ ସଂପୃକ୍ତ। ସେଥିପାଇଁ ସଂପାଜୀ, ଗରିଲା, ବାବୁନ, ନିଏଣ୍ଡର୍ଥାଲ୍ ଆଦି ଅନ୍ୟାନ୍ୟ 'ପ୍ରାଇମେଟ୍' ବୋଲି କୁହାଯାଉଥିବା ପ୍ରାଣୀମାନେ ମଧ୍ୟ ଶଠତା ଆଚରଣ କରିଥା'ନ୍ତି। ଆମ ଶିଶୁମାନଙ୍କଠାରେ ଏହା ଇଚ୍ଛାକୃତ ଭାବେ ପ୍ରକଟିତ ହେବାକୁ ଲାଗେ ମାତ୍ର ୨/୩ବର୍ଷ ବୟସରୁ। ତେଣୁ କେତେକ ମନୋବିଜ୍ଞାନୀ ଏହାକୁ ବୋଧଶକ୍ତି ବିକାଶର ମାଇଲଖମ୍ବ ରୂପେ ବିଚାର କରନ୍ତି।

ମାସାଚୁସେଟସ୍ ବିଶ୍ୱବିଦ୍ୟାଳୟର ରବର୍ଟ ଫେଲଡ୍‌ମ୍ୟାନ ୨୦୦୨ ମସିହାରେ କରିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ପ୍ରାୟ ୬୦ ଶତାଂଶ ଲୋକ କଥାବାର୍ତ୍ତା ହେଉଥିଲା ବେଳେ ପ୍ରତି ୧୦ ମିନିଟ୍ ଅନ୍ତତଃ ଥରେ ମିଛ କହିଥା'ନ୍ତି। ତେବେ ହାରାହାରି ଏହା ଦୁଇରୁ ତିନି। ସବୁପ୍ରକାର ମିଛ ଏକା ପ୍ରକାର ନୁହେଁ। ତହିଁରୁ କେତେକ ବେଶ୍ ହାଲୁକା ଏବଂ ତାହା କୁହାଯାଏ ମୁଖ୍ୟତଃ ମଜାକରିବା ପାଇଁ କିମ୍ବା କାହାକୁ ଚାଟୁ କରିବା ପାଇଁ। କିନ୍ତୁ କେତେକ ମିଛ କୁଟିଳ ଓ କ୍ରୂର। ଅନେକ ସମୟରେ ତାହା ଭୟାବହ ହୋଇଥାଏ। ଏହାର ଉଦାହରଣଟିଏ ହେଲା କୌଣସି ନିର୍ଦ୍ଦୋଷ ଲୋକକୁ ଯୋଜନାବଦ୍ଧ ଭାବେ ଏକ ଗୁରୁତର ଅପରାଧ ସହ ସଂପୃକ୍ତ କରିବା। ଏଭଳି ଅସାଧୁତା ମିଥ୍ୟାବାଦୀର ମସ୍ତିଷ୍କକୁ ଅଧିକ ଉତ୍ତେଜିତ ଅବସ୍ଥାରେ ରଖେ ଏବଂ ସେ କହୁଥିବା ମିଛର ଗୁରୁତ୍ୱ ଉପରେ ନିର୍ଭର କରି ତା'ଠାରେ ମାନସିକ ଚାପ ମଧ୍ୟ ବୃଦ୍ଧି କରେ। ଅନେକସ୍ଥଳେ, ଏସମୟରେ ତା'ର ଶ୍ୱାସକ୍ରିୟା ପ୍ରଖର ଓ ହୃତ୍‌ସ୍ପନ୍ଦନ ହାର ଦ୍ରୁତ ହୁଏ। ତା'ଠାରୁ ଅଧିକ ଝାଳ ବହେ, ପାଟି ଶୁଖିଯାଏ ଏବଂ କଥା କହିଲାବେଳେ ଖନିବାଜେ। ମିଛଧରା ଯନ୍ତ୍ର ବା ପଲିଗ୍ରାଫ୍ ଏହିସବୁ ମନସ୍ତାତ୍ତ୍ୱିକ ପ୍ରଭାବଗୁଡ଼ିକୁ ଚିହ୍ନଟ କରିପାରେ।

ବିଭିନ୍ନ ଲୋକଙ୍କର ମିଛ କହିବାର ସାମର୍ଥ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଏହାର ମୁଖ୍ୟକାରଣ ହେଲା ସେମାନଙ୍କ ମସ୍ତିଷ୍କମାନଙ୍କ ମଧ୍ୟରେ ଥିବା ବିଭେଦତା। ଉଦାହରଣସ୍ୱରୂପ, ଅଭ୍ୟାସଗତ ଭାବେ ମିଛ କହୁଥିବା ଅସାମାଜିକମାନଙ୍କ ସମ୍ବେଦନଶୀଳତା କମ୍ ଥାଏ। ଏଣୁ ମିଛ କହିଲାବେଳେ ସେମାନେ ଉପରୋକ୍ତ ମନସ୍ତାତ୍ତ୍ୱିକ ଲକ୍ଷଣମାନ ବିଶେଷ ପ୍ରଦର୍ଶନ କରନ୍ତି ନାହିଁ। ମିଥ୍ୟାବାଦୀମାନଙ୍କୁ ଶାନ୍ତ ରହିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେମାନେ ପଲିଗ୍ରାଫ୍ ପରୀକ୍ଷାରେ ଧରାପଡ଼ନ୍ତି ନାହିଁ। କିନ୍ତୁ କିଛି ସାଧାରଣ ନିରୀହ ଲୋକଙ୍କଠାରେ ଏହା କରାଗଲା ବେଳେ ସେମାନଙ୍କଠାରେ ଉକ୍ତ ଲକ୍ଷଣମାନ ପ୍ରକଟିତ ହୁଏ। ଏହି କାରଣରୁ ନ୍ୟାୟାଳୟମାନଙ୍କରେ ପଲିଗ୍ରାଫ୍ ଫଳାଫଳକୁ ଗ୍ରହଣ କରାଯାଉନାହିଁ।

ଅନ୍ୟପକ୍ଷରେ ମସ୍ତିଷ୍କର ଆଭ୍ୟନ୍ତାରଣ ଚିତ୍ର (ବ୍ରେନ୍ ଇମେଜିଂ) ଅଧ୍ୟୟନ ମିଛ ପ୍ରତି ଶରୀରର ପ୍ରତିକ୍ରିୟା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ସୂଚନା ମିଳିଥାଏ। ଏଥିରୁ ଉଦ୍‌ବେଗର ଲକ୍ଷଣମାନ ଜାଣିହୁଏ। କାରଣ ମିଛ କହିବା ମସ୍ତିଷ୍କର 'ଲିମ୍ବିକ୍' ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରେ। ଏବର ଅଂଶଟି ମାନସିକ ସମୟରେ 'ଲଢ଼ ବା ପଳାୟନ କର' ପ୍ରତିକ୍ରିୟା ପାଇଁ ଦାୟୀ। ମିଛ କହୁ ନ ଥିବା ଲୋକଠାରେ ଏହା କମ୍ କ୍ରିୟାଶୀଳତା ପ୍ରଦର୍ଶନ କରେ। କିନ୍ତୁ ମିଛ କହିବାକୁ ଲାଗିଲେ ଏହା ହଠାତ୍ ବିସ୍ଫୋରିତ ହୋଇଉଠେ। ଏଣୁ ଜଣେ ସଚ୍ଚୋଟ ଲୋକର ମସ୍ତିଷ୍କ ତୁଳନାତ୍ମକ ଭାବେ ଶାନ୍ତ ରହିଲା ବେଳେ ମିଥ୍ୟାବାଦୀ ଅସାଧୁ ଲୋକର ତାହା ଉତ୍ତେଜିତ ଥିଏ।

କଲମ୍ବିଆ ବିଶ୍ୱବିଦ୍ୟାଳୟର କାର ଗ୍ରସ୍ମାର୍ଭାରିସ୍ ଓ ଭର୍ଜିନିଆ ମେଡିକାଲ ସ୍କୁଲର ଡାଭିସ୍ ଏ. ଜନସନ୍ ଏବେ ମିଛ ପ୍ରତି ଏପ୍ରକାର ପ୍ରତିକ୍ରିୟାକୁ ଅନ୍ତନଳୀ ମସ୍ତିଷ୍କ ସହ ସଂପର୍କ ଥିବାର କହିଛନ୍ତି। ଏହା ହେଲା ଆମ ଶରୀରର ଦୁଇପ୍ରାନ୍ତରେ ଥିବା ଏବର ଅଂଗ ଦୁଇଟି ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ। ଏ ପ୍ରତିକ୍ରିୟା ବାନ୍ତି ଲାଗିବାଠାରୁ ଦୁଶ୍ଚିନ୍ତା ବୃଦ୍ଧି ପର୍ଯ୍ୟନ୍ତ ନାନାରୂପେ ପ୍ରକଟିତ ହୁଏ। ଦୀର୍ଘକାଳ ଧରି ମିଛ କହିବାର ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲା ଉଚ୍ଚ ରକ୍ତଚାପ, ହୃସ୍ପନ୍ଦନ ହାର ବୃଦ୍ଧି, ରକ୍ତନାଳୀ ସଂକୋଚନ, ରକ୍ତରେ ଚାପହରମୋନ କୋର୍ଟିସଲ୍‌ର ମାତ୍ରା ବୃଦ୍ଧି। କିନ୍ତୁ ଅନ୍ୟପକ୍ଷରେ ଦୀର୍ଘଦିନ ଧରି ମିଛ କହିବାର ଅଭ୍ୟସ୍ତ ହୋଇଗଲେ ଏସବୁ ଲକ୍ଷଣ କ୍ରମେ ହ୍ରାସପାଏ। କାରଣ ସେମାନଙ୍କଠାରେ ଏହା ସହ୍ୟ କରିବାରେ ଶକ୍ତି ବିକଶିତ ହୁଏ। ପଲିଗ୍ରାଫ୍‌ରେ ମଧ୍ୟ ସେମାନେ ଧରାପଡ଼ନ୍ତି ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ନୂଆପଡ଼ାରେ ଅଣ୍ଟାଭିଡ଼ିଲା କଂଗ୍ରେସ

# ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବି: ଭକ୍ତ

ଭୁବନେଶ୍ୱର, ୬।୧୦(ସମିସ): ନୂଆପଡ଼ାରେ ନ୍ୟାୟ ଯାତ୍ରା ଆରମ୍ଭ କରିଛି କଂଗ୍ରେସ। ଏହି ଅବସରରେ ଖରିଆର ନ୍ୟାୟ ସମାବେଶ ଆୟୋଜନ କରାଯାଇଥିବା ବେଳେ ଏଠାରେ ଭକ୍ତ ପରୋକ୍ଷରେ ଘାସିରାମ ମାଝୀଙ୍କୁ ନୂଆପଡ଼ା ଉପନିର୍ବାଚନର ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ସେ ଏହି ସଭାକୁ ସମ୍ବୋଧନ କରି କହିଛନ୍ତି



## ବିଜେପି ଛାଡ଼ି କଂଗ୍ରେସରେ ମିଶିଲେ ଯୁବ କର୍ମୀ ଓ ନେତା

ଯେ ନୂଆପଡ଼ା ମାଟିର ପୁଅ ଉଦୀୟମାନ କଂଗ୍ରେସ ନେତା ଘାସିରାମ ମାଝିଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ଶ୍ରମିକ, ବଞ୍ଚିତ, ଦଳିତ ଏବଂ ଆଦିବାସୀଙ୍କ ନ୍ୟାୟର ଲଢେଇ କରିବୁ। ଅଧିକାରରୁ ବଞ୍ଚିତ ହେଉଥିବା ସମସ୍ତଙ୍କ ନ୍ୟାୟ ପାଇଁ ଲଢେଇ ହେଉଛି ରାହୁଲ ଗାନ୍ଧୀଙ୍କ ପ୍ରତିଜ୍ଞା। ଭୋଟ ଚୋରି ଗତ ନିର୍ବାଚନରେ ହୋଇଥିଲା। ଓଡ଼ିଶାରେ ମଧ ହୋଇଛି। କାରଣ ବିଜେଡିର ୫୦ରୁ ଉର୍ଦ୍ଧ୍ୱ ବିଧାୟକ ନିର୍ବାଚନ ଜିତିବା ସତ୍ତ୍ୱେ କେମିତି ଗୋଟିଏ ମଧ ଏମ୍‌ପି ସିଟ ବିଜେଡି ଜିତିଲା ନାହିଁ। ଏଥିରୁ ଭୋଟ ଚୋରି ସ୍ପଷ୍ଟ ପ୍ରମାଣିତ ହେଉଛି। ତେଣୁ ଲୋକଙ୍କୁ ଭୋଟ ଚୋରି ବିଷୟରେ ସଜାଗ କରିବା ପାଇଁ କଂଗ୍ରେସ ବିରାଟ ଦସ୍ତଖତ ଅଭିଯାନ ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ଆରମ୍ଭ କରିଛି ବୋଲି ଭକ୍ତ କହିଛନ୍ତି। ସେହିପରି, ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଆମେ ଗାଁ ଗାଁ ଯାଇ ଭୋଟ୍ ଭିକ୍ଷା କରିବୁ, ଲୋକଙ୍କ ସହିତ ମିଶିବୁ ବୋଲି ଭକ୍ତ କହିଛନ୍ତି। କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢ଼େଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ ବୋଲି ପିସିସି ସଭାପତି ତାଙ୍କ ବକ୍ତବ୍ୟ ରଖିଥିଲେ। ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ନ୍ୟାୟ ସମାବେଶରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

# ପୂର୍ଣ୍ଣଗର୍ଭା ହେଉଛି ହୀରାକୁଦ

ସମ୍ବଲପୁର, ୬।୧୦ (ସମିସ) : ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଗତ କେଇଦିନ ମଧ୍ୟରେ ଦୁଇଥର ଜଳସ୍ତର ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ କରାଯାଉଛି। ଆଜି ସକାଳ ୬ଟା ବେଳେ ମାତ୍ର ୩ଟି ଗେଟ୍ ଖୋଲାଥିବା ବେଳେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ଥିବା ବେଳେ ସମ୍ପ୍ରତି ୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ସୋମବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୯ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ

**ଜଳସ୍ତର ୬୨୯.୮୧ ଫୁଟ୍**

ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୯୫,୯୯୫ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୩,୨୮୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୪୭,୮୧୬ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୬୫୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୩୭୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪.୧୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫.୭୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଥମୁନି ସୁନା, ରୁପା ଦର ବୃଦ୍ଧି

# ସୁନା ୧.୨୦ ଲକ୍ଷ, ରୁପା କିଲୋ ୧.୬୫ ଲକ୍ଷ

ଭୁବନେଶ୍ୱର,୬।୧୦(ଏଜେନ୍ସି): ଘରୋଇ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତରରେ ୧୦ ଗ୍ରାମ ପିଛା ୧.୨୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକାରେ ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୧.୬୫ ଲକ୍ଷ ଟଙ୍କା ଟପିଛି।

ଚଳିତ ବର୍ଷ ସୁନା ଦର ଏଭଳି ବୃଦ୍ଧି ପାଇଛି ଯେ, ଇତି ମଧ୍ୟରେ ୪୦ ଥର ଏହା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱର ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିରନ୍ତର ସୁନା କ୍ରୟ କରିବା। ଗତ ୨୮ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୨୭ଥର ସୁନା କିଣିଛନ୍ତି। ଅଗଷ୍ଟରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୫ ଟନ୍ ସୁନା କିଣିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି , କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଗତ ଅଗଷ୍ଟ ମାସରେ ବିଶ୍ୱ ରିଜର୍ଭର ଅଧା ସୁନା କିଣିନେଇଛି, ଯାହାର ପରିମାଣ ୮ ଟନ୍ ହେବ। ଫଳରେ କାଜାଖସ୍ତାନର ସୁନା ଭଣ୍ଡାର ୩୦୮ ଟନ୍ ରେ ପହଞ୍ଚିଛି। ବୁଲଗେରିଆ, ତୁର୍କୀ ଏବଂ ଚୀନର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ ପ୍ରତ୍ୟେକ ୨ ଟନ୍ ସୁନା କିଣିଛନ୍ତି। ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତାର ୧୦ମ ମାସ ପାଇଁ ସୁନା କିଣିଛି। ଏହିପରି ଭାବେ ଚୀନର କେନ୍ଦ୍ରୀୟ ବ୍ୟାଙ୍କର ସୁନା ଭଣ୍ଡାର ପ୍ରଥମ ଥର ପାଇଁ ୨୩୦୦ ଟନ୍ ଅତିକ୍ରମ କରିଛି। ତଥାପି, ସୁନା ସଂରକ୍ଷଣରେ ଆମେରିକା ଆଗରେ ରହିଛି। ବିଶ୍ୱର ସର୍ବବୃହତ ଅର୍ଥନୀତିର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮୧୩୩ ଟନ୍ ସୁନା ରହିଛି। ଆଶ୍ଚର୍ଯ୍ୟଜନକ



- ଭାଙ୍ଗିଲା ସବୁ ରେକର୍ଡ
- ଅଧା ସୁନା କିଣି ନେଲା କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ

ଭାବରେ ଗତ ୨୫ ବର୍ଷ ମଧ୍ୟରେ ଆମେରିକାର ସୁନା ସଂରକ୍ଷଣ ଅପରିବର୍ତ୍ତିତ ରହିଛି। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୦,୭୭୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୨୦,୬୪୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୬୫,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି।

# ଶିଶୁକନ୍ୟାକୁ ଦୁଷ୍କର୍ମ, ଯୁବକ ଅଟକ

ଜଳେଶ୍ୱର ବ୍ଲକ, ୬।୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ପୁଣି ଲଜ୍ଜା। ୬ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ନିତ୍ୟଗୋପାଳ ସାହୁ (୩୫) ନାମକ ଯୁବକକୁ ଅଟକ ରଖି ପଚରାଉଚରା ଚଳାଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଶିଶୁକନ୍ୟାକୁ ଅଭିଯୁକ୍ତ ଯୁବକ ଉଠାଇନେଇ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିଥିବାବେଳେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Dinesh Kumar S/o Ramhet Prasad Tripathi, Resident of At-Qtr No B2, Jindal Nagar, Chhendipada Road, Nisha, Angul, PIN-759111, Odisha declare by this affidavit No.1832 dtd 06.10.2025 that now onwards I shall be known as **DINESH KUMAR TRIPATHI** for all future purposes.

**AFFIDAVIT**
By Virtue of an affidavit before Executive Magistrate, Angul. **I, Manas Ranjan Pahadasingh,** S/o.: Late Manamohan Pahadasingh, Permanent & Current Address At/PO: Nuahata, P.S.: Banarpal, Dist: Angul (Odisha)-759128, have changed my minor Daughter's name from Saipriyanshi Pahadsingh to **Sushree Saipriyanshi Pahadsingh.** Henceforth she will be known as **Sushree Saipriyanshi Pahadsingh** for all purposes.

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Smt. Amarabati Hantal, D/o- Balaram Hantal, Vill.- Kularsing, PO.- Kularsing, PS.- Padwa, District- Koraput declare that I have changed my name from **Amara Hantal** to **Amarabati Hantal**. Henceforth, I shall be known as **Amarabati Hantal** for all purposes.
Sd/- **Amarabati Hantal**

**NOTICE**
(Above 18 years of age)
By Virtue of an Affidavit sworn before the Notary Public, Udala, Mayurbhnaj, dated 02.09.2025, I, Golapi Singh, Address At- Mahalibasa, Po- Chandrapur, Ps- Khunta, Dist- Mayurbhanj, Pin- 757075 declare that I have changed my name Solapi Simgh to Golapi Singh. Henceforth I shall be known as Golapi Singh for all purposes.
**Golapi Singh**

**AFFIDAVIT**
By virtue of an affidavit (Sl No. 2413, date- 06/10/2025) before the Notary Public, Kantabanji. I, **Kousar Bano,** W/o Abdul Hamid, resident of Shivaji Nagar, Kantabanji, PO/PS- Kantabanji, Dist- Balangir, PIN- 767039, Odisha declare that, the name **Kousar Bano, W/o- Abdul Hamid** and **Kaushar Bano, W/o- Abdul Hamid Khan** is one and same lady who is related to me only.

**AFFIDAVIT**
By virtue of an affidavit CF No.11, dtd. 16.09.2025 before the Executive Magistrate Bhubaneswar, I, Mita Nayak, W/o- Laxmidhar Nayak, At- Bayababa Basti, PO- Bhoi Nagar, PS - Sahid Nagar, Bhubaneswar - 751022, Dist.- Khordha have changed my minor daughter's name from Sroswati Nayak to Nandini Nayak. Henceforth, she will be known as **Nandini Nayak** for all purposes.
**Sd/- Mita Nayak**

**AFFIDAVIT**
By virtue of an affidavit before the Executive Magistrate, I, KM PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS-Saheednagar, Bhubaneswar, Dist – Khordha, Odisha, Pin – 751002, declare by this affidavit No. 15AA 274132 dated 22nd Sep 2025 that now onwards I shall be known as **PRABHAWATI SHARMA** for all future purposes.

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Sri Paramananda Sisa, S/o- Bandhu Sisa, Vill.- Tansing, PO.- Kularsing, PS.- Padwa, District- Koraput declare that I have changed my sons name from **Kabuna Sisa** to **Babuni Sisa**. Henceforth, my son shall be known as **Babuni Sisa** for all purposes.
Sd/- **Paramananda Sisa**

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 06.10.2025 I, SK MOBARAK ALLI, S/o- Sk Ataulla, aged about 63 years, permanent resident of Merza Patti, PO: Gujidarada, PS: Bhadrak, Dist: Bhadrak - 756128, Odisha (Aadhaar No:8571 5012 7376), do hereby declare that I have changed my name from HAPIZ M.D MOBARAK ALLI to SK MOBARAK ALLI. Henceforth, I shall be known as **SK MOBARAK ALLI** for all purposes.
**Sd/- SK MOBARAK ALLI**

**AFFIDAVIT**
I, **Mamata Rani Paikaray,** D/o: Jagabandhu Biswal, W/o- Bhaskar Chandra Paikaray resident of Vill: Baghamunda, P.O.: Nuagaon Badabhuin, P.S.: Brahmagiri, Dist.: Puri, Pin- 752011, Odisha declare by this affidavit No. 6381, dated: 04.10.2025, that now onwards I shall be known as **Mamata Paikaray** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଢୋଲ ଭିତରେ...

ଚାକିରି ଦେବାକୁ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଏହି ଟଙ୍କା ଶଙ୍କର ପୃଷ୍ଟି ପାଖରେ ଅଛି ନା ଏଥିରୁ ଆଉ କିଏ ଭାଗ ନେଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି।

ସେହିପରି ଶଙ୍କରର ମହାରାଷ୍ଟ୍ର ଲିଙ୍କ୍ ଆସିବା ପରେ କ୍ରାଇମବ୍ରାଞ୍ଚ ଏକ ଟିମ୍ ସେଠାକୁ ତଦନ୍ତ ପାଇଁ ଯାଇଥିବା ଜଣାପଡ଼ିଛି। ସେଠାରେ ଥିବା ଶଙ୍କରର ଏକ ଘରେ ଚଢଉ କରାଯାଇଥିଲେ ବି ସେପରି କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କ୍ରାଇମବ୍ରାଞ୍ଚ ପାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେଣୁ ଚଢ଼ଉ ସମ୍ପର୍କରେ ଶଙ୍କର ପୃଷ୍ଟିକୁ ଆଗୁଆ ସୂଚନା ମିଳିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ଏପଟେ ଶଙ୍କର ସହ ଯୋଗସୂତ୍ରରେ ଥିବା ଅନେକ ବ୍ୟକ୍ତିଙ୍କ ସୂଚୀ କ୍ରାଇମବ୍ରାଞ୍ଚ ପ୍ରସ୍ତୁତ କରିଛି। ତାର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ବିପୁଳ ଅର୍ଥ କାରବାର ହୋଇଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି। ତାର ଆକାଉଣ୍ଟକୁ ଟଙ୍କା ପଠାଇଥିବା ବ୍ୟକ୍ତିମାନେ କିଏ ତାହାର ଅନୁସନ୍ଧାନ କରାଯାଉଛି।

ତେବେ ନିଯୁକ୍ତି ବେପାରରେ ୩ଟି ପ୍ରଶ୍ନ ସମ୍ପର୍କରେ ଓପିଆର୍‌ବିର ନିରବତା ଅନେକ ସନ୍ଦେହ ସୃଷ୍ଟି କରିଛି। ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଓପିଆର୍‌ବି ସହ ଚୁକ୍ତିବଦ୍ଧ ହୋଇଥିବାବେଳେ କେଉଁ ପରିସ୍ଥିତିରେ ସିଲିକନ୍ ଟେକ୍‌ଲାବ୍‌କୁ ସବ୍‌ଲେଟ୍ କରାଗଲା ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ। ସେହିପରି ସବ୍‌ଲେଟ୍ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଅନ୍ୟ ଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ସବ୍‌ଲେଟ୍ ବେଳେ କିଏ ଏଥିପାଇଁ ଅନୁମତି ଦେଇଥିଲା ସେ ସମ୍ପର୍କରେ ଓପିଆର୍‌ବି ମୁହଁ ଖୋଲୁ ନାହିଁ। ଏ ସମ୍ପର୍କରେ ଓପିଆର୍‌ବି ଏକତରଫା ନିଷ୍ପତ୍ତି ନେଇଥିଲା ନା ସରକାରରୁ ଏଥିପାଇଁ ଅନୁମତି ନିଆଯାଇଥିଲା ତାହା ବି ସ୍ପଷ୍ଟ ନୁହେଁ। ଏହି ପରିପ୍ରେକ୍ଷୀରେ ଆଇଟିଆଇ କାହିଁକି ନିରବତା ଅବଲମ୍ବନ କରୁଛି ଓ ଓପିଆର୍‌ବି ନିଜ ଭୂମିକା କାହିଁକି ସ୍ପଷ୍ଟ କରୁନାହିଁ ତାହା ବି ଜଣାପଡୁ ନାହିଁ।

### ଦୁଇ ପର୍ଯ୍ୟାୟରେ...

ସଂପନ୍ନ ହେବ। ସେ କହିଲେ ଯେ ୨୨ ବର୍ଷ ପରେ ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ସଫଳତା ସହିତ ସଂପନ୍ନ ହୋଇଛି। ଏବେ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୪୩ ଲକ୍ଷ ଥିବା ବେଳେ ୧୪ ଲକ୍ଷ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ।

ଏହାସହିତ ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ହେବ। ଏହାର ଫଳାଫଳ ମଧ ୧୪ ତାରିଖରେ ଘୋଷଣା କରାଯିବ।

ସୂଚନାଯୋଗ୍ୟ ଯେ ବିହାରରେ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଭିନ୍ନ ବିରୋଧୀ ଦଳ ଏହାର ବିରୋଧ କରି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟରେ ଏହାର ବିଚାର ଚାଲିଛି। ସଂଶୋଧନ ପ୍ରକ୍ରିୟା ।।ରେ ୬୮ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ୫୩ ହଜାର ଭୋଟରଙ୍କ ନାମ ଯୋଡ଼ା ହୋଇଛି। ୨୦୨୪ରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିବା ବେଳେ ଏବେ ଏହା ୭ କୋଟି ୪୩ ଲକ୍ଷକୁ ହ୍ରାସ ପାଇଛି।

### ୧୧ରେ ନୂଆପଡ଼ା...

ତାରିଖ ଧାର୍ଯ୍ୟ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ସନ୍ତଗୋପାଳନ୍ ତାରିଖ ଘୋଷଣା କରିବା ପରେ ଆଜିଠାରୁ ଆଚରଣ ବିଧି ଲାଗୁ ହୋଇଛି। ଏହା ସହ ନିର୍ବାଚନକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବୁଥରେ ୱେବ କାଷ୍ଟିଂ କରାଯିବ ବୋଲି ସିଇଓ ସୂଚନା ଦେଇଛନ୍ତି।

ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ କହିଛନ୍ତି ଯେ ନୂଆପଡା ବିଧାନସଭା ଉପନିର୍ବାଚନରେ ମୋଟ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ମହିଳା ଅଛନ୍ତି। ସେହିପରି ମୋଟ ଭୋଟରଙ୍କ ମଧ୍ୟରେ ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ଜଣ ୮୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ୩୫୮ ମତଦାନ କେନ୍ଦ୍ରରେ ମତଦାନ ହେବ। ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍ ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ସଂଖ୍ୟକ ଇ.ଭି. ଏମ ଅର୍ଥାତ୍ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦ ପ୍ରତିଶତ ଯଥା ୭୨୦ ବାଲଟ୍ ୟୁନିଟ୍, ୭୨୦ କଣ୍ଟ୍ରୋଲ ୟୁନିଟ୍ ଏବଂ ୭୨୦ ଭି.ଭି.ପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି। ୮୫ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟର (ଇ-ରୋଲରେ ଚିହ୍ନିତ) ଭୋଟର ମାନଙ୍କୁ ୧୨-ଡି ଫର୍ମ (ଅର୍ଥାତ୍ ଆବେଦନ ଫର୍ମ) ବଣ୍ଟନ କରାଯିବ। ଯାହା ସେମାନଙ୍କୁ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବହାର କରିବାରେ ସାହାଯ୍ୟ କରିବ। ସେହିପରି ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସିଜେଆଇଙ୍କୁ ଜୋତା...

କରି ନେଇ ତାଙ୍କୁ ବାହରକୁ ନେଇଯାଇଥିଲେ। ସନାତନ ଧର୍ମର ଅପମାନ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ଲୋଗାନ ଦେଉଥିବା ଶୁଣିବାକୁ ମିଳିଥିଲା। ତେବେ ପ୍ରଧାନ ବିଚାରପତି ଉପସ୍ଥିତ ଓକିଲଙ୍କୁ ଯୁକ୍ତି ଉପସ୍ଥାପନ ଜାରି ରଖିବାକୁ କହିଥିଲେ। ଏଭଳି ଘଟଣାରେ ବିଚଳିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ।। ମୁଁ ମଧ ଏଥିରେ ଆଦୌ ବିଚଳିତ ନୁହଁ ବୋଲି ସେ କହିଥିଲେ।

ଏହାପରେ ଉକ୍ତ ଓକିଲଙ୍କୁ ପୁଲିସ ଥାନା ନେଇ ତିନି ଘଣ୍ଟା ଧରି ପଚରାଉଚରା କରିଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟପକ୍ଷରେ ବାର କାଉନସିଲ ତାଙ୍କର ଲାଇସେନ୍ସକୁ ରଦ୍ଦ କରିଛି। ଏଭଳି ଆକ୍ରମଣ ଘଟଣାର ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ଜଷ୍ଟିସ ଗଭାଇଙ୍କୁ ଫୋନ୍ କରି ଉଦ୍‌ବେଗ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଏହି ଘଟଣା ପ୍ରତ୍ୟେକଟି ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ ଏହାର ନିନ୍ଦା କରି ଏହାକୁ ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି କହିଛନ୍ତି। ସମସ୍ତେ ଏକାଠି ହୋଇ ଏହାର ନିନ୍ଦା କରିବା ଉଚିତ।

ଉଲ୍ଲେଖଥାଉ କି, ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ୭ ଫୁଟ ଉଚ୍ଚର ମୂର୍ତ୍ତିର ପୁନଃସ୍ଥାପନ ନେଇ ଦେଇଥିବା ମନ୍ତବ୍ୟରେ ଓକିଲ ଜଣକ ଅସନ୍ତୁଷ୍ଟ ଥିଲେ। ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତିର ପୁନଃସ୍ଥାପନ ନେଇ ହୋଇଥିବା ଆବେଦନକୁ ସେ ଖାରଜ କରି ଆବେଦନକାରୀଙ୍କୁ କହିଥିଲେ ଯେ, ଯାଅ ଭଗବାନକୁ କୁହ ସେ ନିଜ ମୂର୍ତ୍ତି ନିଜେ ଠିକ୍ କରନ୍ତୁ। କେବଳ ପ୍ରଚାର ପାଇଁ ଏଭଳି ଆବେଦନ କରନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରୋଲିଂ ହେବାରୁ ଜଷ୍ଟିସ ଗଭାଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ କଦର୍ଥ କରାଯାଇଛି। ମୁଁ ସବୁ ଧର୍ମକୁ ସମ୍ମାନ କରେ ବୋଲି ସେ କହିଥିଲେ। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ଅତିରଞ୍ଜିତ କରାଯାଇଥିଲା ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ମଧ କହିଥିଲେ।

### ଗର୍ଜିଲା ବିଜୁ ଯୁବ...

ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୁଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଏହି ନିଯୁକ୍ତି ଜାଲିଆତିରେ ପ୍ରାୟ ୨୦୦ କୋଟି ଟଙ୍କା କାରବାର ହୋଇଥିବା କୁହାଯାଉଛି। ତେବେ ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀମାନେ ଯଦି ଗିରଫ ହେଲେ; ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି। ବିଶେଷକରି କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୁଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ଅଛନ୍ତି। ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ୨୪ ଘଣ୍ଟା...

ଘଣ୍ଟା ବାକି ରହିଛି। ଆସନ୍ତାକାଲି ପ୍ରଶାସନର ସମୀକ୍ଷା ବୈଠକ ପରେ କର୍ଫ୍ୟୁ ସଂପର୍କରେ ନିଷ୍ପତ୍ତି ନିଆଯିବ। ଅପରପକ୍ଷେ, ଇଣ୍ଟରନେଟ୍ ସେବାକୁ ଅଧିକ ୨୪ଘଣ୍ଟା ପାଇଁ ଅଚଳ କରିଦିଆଯାଇଛି। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ସହରକୁ ଜଗି ରହିଛନ୍ତି। ବିଶେଷକରି ଦରଘାବଜାର ଥାନା, ମଙ୍ଗଳାବାଗ ଥାନା, ଲାଲବାଗ ଥାନା, ପୁରୀଘାଟ ଥାନା, ବିଡ଼ାନାସୀ ଥାନା, ମର୍କତନଗର ଥାନା, ସିଡିଏ ଫେଜ୍-୨ଥାନା, କ୍ୟାଣ୍ଟନ୍‌ମେଣ୍ଟ ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନା, ୪୨ମୌଜା ଥାନା ଏବଂ ସଦର ଥାନା ଅଞ୍ଚଳକୁ କମିଶନରେଟ୍ ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖିଛି। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ମୋଟ୍ ୩ଟି ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ମୋଟ୍ ୧୩ଟି ଥାନା ଅଞ୍ଚଳରୁ ୩୦୦ରୁ ଅଧିକ କର୍ଫ୍ୟୁ ଆଇନ ଉଲ୍ଲଙ୍ଘନକାରୀଙ୍କୁ ପୁଲିସ ଅଟକ ରଖିଛି। ତେବେ କର୍ଫ୍ୟୁର ବାକି ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଉପଦ୍ରବକାରୀ ଆଇନକୁ ହାତକୁ ନନେବାକୁ ପୁଲିସ କମିଶନର ଶ୍ରୀ ସିଂ କଡ଼ା ଚେତାବନୀ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଲାଗୁ ହୋଇଥିବା ସାନ୍ଧ୍ୟା ଆଇନକୁ ଉଲ୍ଲଙ୍ଘନ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାନୁସାରେ, ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ଦିଆଯାଇଥିଲା। ସଂଘବଦ୍ଧ ଭାବେ ସହର ମଧ୍ୟକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳି ନଥିଲା। କେବଳ ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା। ଆଜି ପୁଣିଥରେ କମିଶନରେଟ୍ ପୁଲିସ ଓ ଅର୍ଦ୍ଧସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଝୋଲାସାହି, କାଠଗଡ଼ା ସାହି ପରିକ୍ରମା କରି ଦରଘା ବଜାର ଥାନା ନକଟରେ ଶେଷ ହୋଇଥିଲା। ଥାନାୱାରୀ ଆଇଆଇସିମାନେ ୨ଟି ସ୍କ୍ୱାଡ୍ ସହ ନିଜ ନିଜ ଅଞ୍ଚଳରେ ସ୍ୱତନ୍ତ୍ର ପାଟ୍ରୋଲିଂ କରିଥିଲେ। ପ୍ରମୁଖ ଛକ, ଗଳି ଏବଂ ମୁଖ୍ୟ ରାସ୍ତା ଗୁଡ଼ିକରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା। ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଞ୍ଚଳରେ ପୂର୍ବାହ୍ଣରେ କେତେକ ଉପଦ୍ରବକାରୀ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନେକ ଅମାନିଆକୁ ମାଡ଼ ମାରି ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଜନଜୀବନ କଲବଲ...

ସେହିପରି ବ୍ୟାଙ୍କଗୁଡ଼ିକରେ ଅନଲାଇନ୍ ସେବା ବନ୍ଦ ହୋଇଯିବାରୁ ଚେକ୍ ଦେଣନେଣ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ଠପ୍ ହୋଇଯାଇଥିଲା। ବୀମା କାରବାରରେ ମଧ ସମସ୍ୟା ପରିଲକ୍ଷିତ ହୋଇଥିଲା।

ସହରରେ ପରିବହନ ବ୍ୟବସ୍ଥା ମଧ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସିଏନ୍‌ବିଟିରେ ଶହଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରି ରହିଥିଲେ। ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇପଡ଼ିଥିବା ବେଳେ ଖୁବ୍ କମ୍ ବସ୍ ଚଳାଚଳ କରିଥିଲା। କେତେକ ବସ୍ ମାଲିକ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍‌ଗୁଡ଼ିକ ଯାତାୟାତ ପାଇଁ ବନ୍ଦ କରିଥିଲେ। ଫଳରେ ଯାତ୍ରୀମାନେ ହଟହଟା ହୋଇଥିଲେ। ସେହିପରି ସହରରେ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ରେଳଷ୍ଟେସନ୍ ଓ ସିଏନ୍‌ବିଟି ବାହାରେ ଭିଡ଼ ଜମାଇଥିଲେ। ପୁଲିସ ଅଟୋ ଚାଳକଙ୍କୁ ଘଉଡ଼ାଇବାରୁ ମେଡିକାଲ ଭଳି ଜରୁରୀକାଳୀନ ସେବା ପାଇବାରୁ ରୋଗୀ ଓ ସମ୍ପର୍କୀୟ ବଞ୍ଚିତ ହୋଇଥିଲେ। ସେହିପରି, କର୍ଫ୍ୟୁ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ହ୍ରାସ ପାଇଥିଲା। ସହରରେ ବିଭିନ୍ନ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ସହରରେ ଇଣ୍ଟରନେଟ୍ ସେବାକୁ ୨୪ଘଣ୍ଟା ପାଇଁ ବନ୍ଦ ରଖାଯାଇଥିବା ବେଳେ ଆଜି ପୁଣି ଏହି ଅବଧିକୁ ୨୪ଘଣ୍ଟା ବଢ଼ାଇ ଦିଆଯାଇଛି।

● ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ ଘଟଣା

# ତଦନ୍ତ କରି ଫେରିଲେ ଅତିରିକ୍ତ ଏସ୍‌ପି

ମୁନିଗୁଡ଼ା, ୬ ।୧୦(ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ସରକାରୀ ବିଦ୍ୟାଳୟରେ ଅନୁସୂଚିତ ଜାତି ଛାତ୍ର ମାନଙ୍କ ଉପରେ ପ୍ରଧାନ ଶିକ୍ଷକଙ୍କ ଜୁଲୁମ୍‌କୁ ନେଇ ଅମ୍ବାଦଳା ଥାନାରେ ଅଭିଭାବକଙ୍କ ଅଭିଯୋଗ ପରେ ପ୍ରଥମେ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ସମ୍ପ୍ରତି ଜିଲ୍ଲା ଅତିରିକ୍ତ ଏସ୍‌ପି ଅମୂଲ୍ୟ କୁମାର ଧର ତଦନ୍ତ କରି ଫେରିଥିବା ବେଳେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ତଦନ୍ତ ଶୀତଳ ପଡ଼ିଛି। ଏହାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। ନିଜ ଦୋଷ ଲୁଚାଇବା ପାଇଁ ନିଜ ସପକ୍ଷରେ ସାକ୍ଷୀ ଦେବାକୁ ଏସପି ଓ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟକୁ ପହଞ୍ଚାଇବା ପାଇଁ ଲୋକ ଯୋଗାଡରେ ଲାଗି ପଡିଛନ୍ତି ପ୍ରଧାନ ଶିକ୍ଷକ। ଘଟଣାକୁ ଚପାଇ ଦେବା ପ୍ରୟାସ କରି ନିଜ ସପକ୍ଷରେ ଖବର ପ୍ରସାରଣ ପାଇଁ ସାମ୍ବାଦିକ ମାନଙ୍କୁ ଅନୁରୋଧ କରୁଥିବା ଅଭିଯୋଗ ହେଉଛି। ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ କୋଲା ନିଜର ଦୋଷ ଲୁଚାଇବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସାଥିରେ ମିଶି ଚଳାଇଛନ୍ତି ମାଷ୍ଟର ମାଇଣ୍ଡ ପ୍ଲାନ। ତାଙ୍କ ସପକ୍ଷରେ ନିଉଜ୍ ପରିବେଷଣ କରି ମାମଲାକୁ ଭିନ୍ନ ରୂପ ଦେବା ପାଇଁ ଉଦ୍ୟମ କରୁଛନ୍ତି। ଅନ୍ୟ କିଛି ବାହାନା ନକରି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ନାଆଁ କଟା ଯାଇଥିବା ଓ ଟିସି ଦିଆଯାଇଥିବା ଛାତ୍ର ମାନଙ୍କୁ ନିରପେକ୍ଷ ତଦନ୍ତ କରିବା ସହ ପ୍ରଧାନ ଶିକ୍ଷର୍କଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ଘଟଣା ଉପରେ ପ୍ରଧାନ ଶିକ୍ଷକଙ୍କ ନାଁରେ ଅଭିଭାବକ ମାନେ ଅମ୍ବାଦଳା ଥାନାରେ ଏତଲା ଦେଇଥିବା ବେଳେ ମାମଲା ରୁଜୁ ହୋଇଛି। ଏସଡିପିଓ ସନ୍ତୋସିନି ଓରାମ ତଦନ୍ତ କରି ଫେରିଥିବା ବେଳେ ଆଜି ଜିଲ୍ଲା ଅତିରିକ୍ତ ଏସପି ତଦନ୍ତ କରି ଫେରିଛନ୍ତି। ଏଭଳି ଦୁର୍ନୀତିଗ୍ରସ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହା ଏକ ଆନ୍ଦୋଳନର ରୂପ ଧାରଣ କରିବ ବୋଲି ଅଭିଭାବକ ମାନଙ୍କ ସମେତ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ,୨୦୨୩ରେ କଲ୍ୟାଣସିଂହପୁର ବ୍ଲକ ରିଭଲକଣା ବିଦ୍ୟାଳୟରେ ଅଭିଯୁକ୍ତ ଜଣଙ୍କ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ମଧ ତାଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ହୋଇଥିଲା। ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା ସମୟରେ ଯାଞ୍ଚ କୋହଳ କରିବା ପାଇଁ ସେ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ତତ୍କାଳୀନ କଲ୍ୟାଣ ସିଂପୁର ବିଡ଼ିଓ, ଡିଡବ୍ଲୁଇଓ, ଓ ଜିଲ୍ଲା ଶିକ୍ଷ୍ୟାନୁପରିଦର୍ଶକ ଘଟଣାର ତଦନ୍ତ କରି ତାଙ୍କ ବିରୁଦ୍ଧରେ ରିପୋର୍ଟ ପ୍ରଦାନ କରିଥଲେ। ଏପରିକି ତତ୍କାଳୀନ ମନ୍ତ୍ରୀ ଜଗନ୍ନାଥ ସାରକା ମଧ ତାଙ୍କ ବ୍ୟବହାରରେ ବିରକ୍ତି ପ୍ରକାଶ କରି ତାଙ୍କୁ ଜିଲ୍ଲା ବାହାରକୁ ବଦଳି କରିବା ପାଇଁ କହିଥିଲେ।

## ବଣ୍ଡା ଜନଜାତିଙ୍କୁ ଅବହେଳା

# ଆଗେଇ ପାରୁନି ଆବାସ ଯୋଜନା, ପ୍ରଶାସନ ଚୁପ୍



ଖଇରପୁଟ, ୬ ।୧୦ (ସମିସ): ମାଲକାନଗିରି ଜିଲ୍ଲାର ବଣ୍ଡା ଘାଟି ଓଡ଼ିଶାର ସବୁଠୁ ପଛୁଆ ଏବଂ ଦୁର୍ଗମ ଅଞ୍ଚଳ ମଧ୍ୟରୁ ଗୋଟିଏ। କେନ୍ଦ୍ର ଓ ରାଜ୍ୟ ସରକାର ବଣ୍ଡା ଜନଜାତିଙ୍କ ଉନ୍ନତି ଓ ସୁବିଧା ପାଇଁ ଯେତେବେଳେ ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି, ସେଥିରେ ଖଇରପୁଟ ବ୍ଲକ୍ ପ୍ରଶାସନଙ୍କ ଅବହେଳା ପାଇଁ ଆବାସ ଯୋଜନାରେ ଅଭୂତପୂର୍ବ ଅସଫଳତା ଦେଖାଯାଇଛି। ବଣ୍ଡା ଘାଟିରେ ବଣ୍ଡା ଆଦିବାସୀଙ୍କ ପାଇଁ ମୋଟ ୧୧୬୧ ଆବାସ ନିର୍ମାଣ ଯୋଜନା ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନୁସାରେ ପ୍ରତି ଆବାସ ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଘୋଷିତ ହୋଇଥିଲା। କିନ୍ତୁ କାର୍ଯ୍ୟାଦେଶ ଥିଲେ ମଧ ନିର୍ମାଣ ଶେଷ ହୋଇପାରିଛି, ମାତ୍ର ୬ ପ୍ରତିଶତ ଆବାସ। ବଣ୍ଡା ଘାଟିର ଦୁଇଟି ପଞ୍ଚାୟତ ଯଥା ଅଣ୍ଡରାହାଲ ଓ ମୁଦୁଲିପଡ଼ାରେ ୫୭୦ ଓ ୫୯୧ ଘର ନିର୍ମାଣ ପାଇଁ ଯୋଜନା ଥିଲା। ତେବେ ଆଜି ପର୍ଯ୍ୟନ୍ତ ଶେଷ ହୋଇଛି ମାତ୍ର ୩୮ ଓ ୨୬ଟି ଘର। ସମଗ୍ର ୧୧ଟି ପଞ୍ଚାୟତରେ ୨୧୦୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲା, କିନ୍ତୁ ଶେଷ ହୋଇପାରିଛି ମାତ୍ର ୧୫୩ ଘର। ବଣ୍ଡା ଘାଟିରେ ଆକାଶ ମାର୍ଗରୁ ଯଦି ଦେଖିବେ, ସମଗ୍ର ଗାଁ ମାଟି ଘର ଭିତରେ ଜୀବନଯାପନ କରୁଛି। କେଉଁଠି ଝିକର, କେଉଁଠି ଆଜବେଷ୍ଟ, ଆଉ କେଉଁଠି କଳା ପାଲ ଘର ଦେଖିବାକୁ ମିଳିଥାଏ। ବର୍ଷା ଦିନ ହେଲେ ମାଟି ଘର ଗୁଡ଼ିକରୁ ମାଟି ଖସିପଡୁଛି, ଆଜବେଷ୍ଟସ୍ ଛାତ ଭାଙ୍ଗିଯାଉଛି ଓ ପାଲ ଘର ଉଡ଼ିଯାଉଛି। ସେପରି ସ୍ଥିତିରେ ବଣ୍ଡା ଜନଜାତିଙ୍କ ପାଇଁ ଆବାସ ଯୋଜନା ଥିଲା ନିର୍ଭର ପଦକ୍ଷେପ। କିନ୍ତୁ ବ୍ଲକ୍ ପ୍ରଶାସନଙ୍କ ଅବହେଳା ତାହାକୁ କେବଳ ଫାଇଲ ମଧ୍ୟରେ ସୀମିତ ରହିଛି। ପ୍ରଶ୍ନ ହେଉଛି ଯେତେବେଳେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ୍ ଗୁଡ଼ିକ ଆବାସ ଯୋଜନାରେ ଶତପ୍ରତିଶତ କାମ ସଫଳ କରିପାରୁଛନ୍ତି, ଖଇରପୁଟ ବ୍ଲକ୍ କାହିଁକି ପଛରେ ଏବଂ ଏହି ଅବହେଳା ପାଇଁ ଦାୟୀ କିଏ, ବ୍ଲକ୍ ଅଧିକାରୀମାନେ କାହିଁକି ଏହି ଗମ୍ଭୀର ବିକାଶ ଯୋଜନା ଉପରେ ନଜର ରଖୁନାହାନ୍ତି ବୋଲି କୁହାଯାଉଛି। ଏପ୍ରସଙ୍ଗରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଣ୍ଡାଘାଟି ଗସ୍ତ ସମୟରେ ଅଧିକ ୫୦ ହଜାର ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରିଥିଲେ। କିନ୍ତୁ ସେହି ସହାୟତା ଏ ପର୍ଯ୍ୟନ୍ତ ବଣ୍ଡା ଜନଜାତିଙ୍କ ପାଖକୁ ପହଞ୍ଚିପାରିନାହିଁ। ପ୍ରତ୍ୟେକ ନେତା ବା ଅଧିକାରୀ ଯେତେବେଳେ ବଣ୍ଡା ଘାଟି ଗସ୍ତ କରୁଛନ୍ତି, ସେଠାରେ କିଛି ବଣ୍ଡା ଯୁବତୀଙ୍କୁ ନେଇ ନୃତ୍ୟ ଦେଖାଯାଏ। କିନ୍ତୁ ବିକାଶ କଥା ହେଲେ ସେମାନେ ନିରବ। ପ୍ରତିଶ୍ରୁତି ରହିଯାଉଛି କେବଳ ମଞ୍ଚରେ, କାମରେ ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବଣ୍ଡା ଘାଟିର ଆବାସ ଯୋଜନାର ଅବସ୍ଥା। ବିଗତ ସରକାର ଯେଉଁଠି ବଣ୍ଡା ଘାଟିକୁ ରାସ୍ତା ଓ ଯାତାୟାତ ଯୋଗାଯୋଗରେ ନୂତନ ଅଧ୍ୟାୟ ଲେଖିଥିଲେ, ବର୍ତ୍ତମାନର ସରକାରଙ୍କ ପ୍ରଧାନ ଫୋକସ ହେବା ଉଚିତ ଥିଲା ଆବାସ ଯୋଜନାର ସଫଳ କାର୍ଯ୍ୟାନ୍ୱୟ। କିନ୍ତୁ ବାସ୍ତବତା ହେଉଛି ବଣ୍ଡାଙ୍କ ପକ୍କା ଘରର ସ୍ୱପ୍ନ ଏଯାଏଁ ସ୍ୱପ୍ନ ହିଁ ରହିଗଲା। ସରକାର ଓ ପ୍ରଶାସନ ଉଭୟଙ୍କୁ ଏବେ ଗମ୍ଭୀର ଭାବେ ଭାବିବା ଦରକାର ବଣ୍ଡାଙ୍କ ଜୀବନ ଓ ବିକାଶ ଅଣଦେଖା କରିବା ଦେଶ ଓ ଜିଲ୍ଲାର ପଛାଡ଼ିଆ ଚିତ୍ରକୁ ଅଧିକ ଗାଢ଼ କରିଦେବ।

■ ଭତ୍ତା ବୃଦ୍ଧି ପ୍ରତିଶୃତି ପାଳନ କଲାନି ପ୍ରଶାସନ

# ଦୃଷ୍ଟିହୀନ ଦମ୍ପତିଙ୍କ ଜିଲ୍ଲାପାଳଙ୍କୁ ଗୁହାରି



ରାୟଗଡ଼ା, ୬।୧୦(ସମିସ): ଦିନ ମଜୁରିଆ ବାପାଙ୍କ ରୋଜଗାରରେ ବଢ଼ି ଆସିଥିଲା ଦୃଷ୍ଟିହୀନ ଦିବ୍ୟାଙ୍ଗ ପୁଅ। ଆଉ ବାହାଘର ପରେ ଦିବ୍ୟାଙ୍ଗ ଦୃଷ୍ଟିହୀନ ସ୍ତ୍ରୀର ଭରଣ ପୋଷଣ ଏବଂ ଦାମ୍ପତ୍ୟ ଜୀବନକୁ ନେଇ ଚିନ୍ତାରେ ପଡିଛନ୍ତି ଦିବ୍ୟାଙ୍ଗ ସ୍ୱାମୀ। ସରକାରୀ ସହାୟତା ରୂପେ ଦମ୍ପତିକୁ ମିଳୁଥିବା ଦୁଇ ହଜାର ଟଙ୍କା ଦିବ୍ୟାଙ୍ଗ ଭତ୍ତାରେ ଚଳିବା କଷ୍ଟକର ହୋଇପଡିଛି। ଶହେ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ମିଳିଥିଲେ ମଧ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ମିଳୁ ନ ଥିବାରୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଛନ୍ତି ଦିବ୍ୟାଙ୍ଗ ଦୃଷ୍ଟିହୀନ ଦମ୍ପତି। ତେବେ ବର୍ଦ୍ଧିତ ଭତ୍ତା ମିଳିବାକୁ ଉଦ୍ୟମ କରାଯାଉଥିବା ଏବଂ ଖୁବ ଶୀଘ୍ର ମିଳିବାର ପ୍ରତିଶୃତି ଦେଇ ପ୍ରଶାସନ ସେମାନଙ୍କୁ ପଠେଇ ଦେଇଥିବା ଦମ୍ପତି ପ୍ରକାଶ କରିଛନ୍ତି। ଦମ୍ପତି ଦୁହେଁ ହେଲେ ରାୟଗଡା ଜିଲ୍ଲା ସଦର ବ୍ଲକ ପିପଲିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉହାପାକା ଗ୍ରାମର ଦିବ୍ୟାଙ୍ଗ ଦୃଷ୍ଟିହୀନ ବିଶ୍ୱ ମଣ୍ଡାଙ୍ଗୀ ଓ ତାଙ୍କ ଦିବ୍ୟାଙ୍ଗ ସ୍ତ୍ରୀ। ପ୍ରକାଶ ଥାଉ କି, ବିଶ୍ୱ ଜନ୍ମରୁ ଦୃଷ୍ଟିହୀନ ଥିବା ବେଳେ ବାପା ସେଲେୟା ମଣ୍ଡାଙ୍ଗୀ ଜଣେ ଦିନ ମଜୁରିଆ। ପୁଅର ଉଚ୍ଚ ଚିକିତ୍ସା ନିମନ୍ତେ ସେ ଯଥା ସମ୍ଭବ ଚିକିତ୍ସା ସେବା ଯୋଗାଇବା ପାଇଁ ଉଦ୍ୟମ କରିଥିଲେ ମଧ ତାହା ସଫଳ ହୋଇ ପାରି ନ ଥିଲା। ବିଶ୍ୱ ଦୃଷ୍ଟିହୀନ ଏବଂ ବଧିର ହୋଇଥିବା କାରଣରୁ ପୂର୍ବରୁ ସେ ମାସିକ ୧ହଜାର ଟଙ୍କା ସରକାରୀ ବିକଳାଙ୍ଗ ଭତ୍ତା ପାଇ ଆସୁଥିଲେ। ଯାହାକି ସେ ଆଜି ମଧ ଉକ୍ତ ଭତ୍ତା ଟଙ୍କା ପାଉଛନ୍ତି। ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ୩ ହଜାର ଟଙ୍କା ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ନେଇ ରାଜ୍ୟ ସରକାରଙ୍କ ନୂତନ ଘୋଷଣା ହୋଇଥିବା ବେଳେ ଏହି ଭତ୍ତା ନିମନ୍ତେ ବିଶ୍ୱ ଓ ତାଙ୍କ ସ୍ତ୍ରୀ ଆବେଦନ କରିଛନ୍ତି। କିନ୍ତୁ ଆଜି ଯାଏଁ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି ବୋଲି ପିପଲଗୁଡା ଅଞ୍ଚଳର ସମାଜସେବୀ ଯୁବକ ସତ୍ୟବାନ ମଣ୍ଡାଙ୍ଗୀ କହିଛନ୍ତି । ବିଶ୍ୱ ଓ ତାଙ୍କ ପରିବାର ବହୁତ ଗରିବ ଶ୍ରେଣୀର ଏବଂ ସେମାନେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ବେଳେ ପ୍ରଶାସନ ଯଦି ସାହାର୍ଯ୍ୟ ନ କରେ ତେବେ ସେମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବ। ଗତ ୩ ମାସ ତଳେ ଦିବ୍ୟାଙ୍ଗ ବିଶ୍ୱ ଡୁକୁଲଗୁଡା ଗ୍ରାମର ଦିବ୍ୟାଙ୍ଗ ଦୃଷ୍ଟିହୀନ ଝିଅ ସୁଶୀ ରେଖାଙ୍କୁ ବିବାହ କରିଛନ୍ତି। ଦୁଇ ହଜାର ଭତ୍ତା ଟଙ୍କାରେ ଘର ଚଳାଇବା କଷ୍ଟକର ହୋଇପଡିଥିବା ବିଶ୍ୱ କହିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ସହଦେବ ଅନୁଗୁଳିଆଙ୍କ ପରଲୋକ



ମାଥିଲି, ୬ ।୧୦ (ସମିସ): ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ମେଙ୍କା ଠାରେ ସ୍ୱାଧୀନତା ସଂଗ୍ରାମୀ ସହଦେବ ଅନୁଗୁଳିଆଙ୍କ ପରଲୋକ ଘଟିଛି। ଆଜି ଗାଁରେ ହିଁ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ସହଦେବ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ମାଥିଲି ଗୁଳିକାଣ୍ଡ ଦିବସରେ ତାଙ୍କ ବିରତ୍ୱ ଆଜି ମଧ ଅନେକ କଥା କହେ। ସହିଦ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ମାଥିଲି ଅଗଷ୍ଟ ୨୧ ଗୁଳିକାଣ୍ଡ ଦିବସରେ ସହଦେବ ଅନୁଗୁଳିଆଙ୍କ ମଧ ଅବଦାନ ରହିଥିଲା। ଗାଁରେ ହିଁ ସଂଗ୍ରାମୀ ବୀରପୁତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାର ଓ ସ୍ଥାନୀୟ ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଶେଷ, ସମ୍ପର୍କୀୟ, ପରିବାରଙ୍କ ସହ ବହୁ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇ ଶେଷ ଦର୍ଶନ କରିଥିଲେ। ମାଲକାନଗିରି ଜିଲ୍ଲା ନରସିଂହ ଡମ୍ ସମାଜର ସଭାପତି ବଳରାମ ଅନୁଗୁଳିଆଙ୍କ ସେ ବାପା ଥିଲେ।

● ଅଜଣା ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର



ମାଥିଲି, ୬ ।୧୦ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର କତାପାଲୀ ପଞ୍ଚାୟତର ବଡରେଙ୍ଗାଗୁଡା ଗ୍ରାମର ଜଣେ ଯୁବକ ଗତ ୩୦ ତାରିଖ ଠାରୁ ଘରୁ ଦଶହରା ଦେଖିବା ପାଇଁ ବାହାରିଥିବା ବେଳେ ସେ ଆଉ ଘରକୁ ଫେରି ନଥିଲେ। ତାଙ୍କର ମୃତଦେହ ୪ ଦିନ ପରେ ଉଦ୍ଧାର ହୋଇଥିଲା। ପରିବାର ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ମାଥିଲି ଥାନାରେ ଏତଲା ଦେଇଛନ୍ତି। ବଡ଼ରେଙ୍ଗାଗୁଡ଼ା ଗ୍ରାମର ସଂଜୟ ନାୟକ ମାଥିଲି ଥାନାରେ ଏତଲା ଦାୟର କରିଛନ୍ତି ଯେ ତାଙ୍କ ସାନଭାଇ ବିଷ୍ଣୁ ନାୟକ(୧୯) ଗତ ୩୦ ତାରିଖ ଦିନ ଘରୁ ଦଶହରା ଦେଖିବା ପାଇଁ ବାହାରିଥିଲା। ପରିବାର ଲୋକେ ସାଙ୍ଗସାଥିଙ୍କ ସହ ଯାଇଥିବ ଭାବି ଚୁପ୍ ରହିଥିଲେ। କିନ୍ତୁ ସେ ଦଶହରା ଦେଖିବା ପରେ ଘରକୁ ଫେରିନଥିଲା। ଗତ ୪ ତାରିଖ ଦିନ ବଡାଗୁଡ଼ା ଗ୍ରାମ ପାଖରେ ରହିଥିବା ଏକ ଛୋଟିଆ ପୋଖରୀରେ ଏକ ଶବ ଭାସୁଥିବା ବେଳେ ଏହି ଶବ ବିଷ୍ଣୁ ନାୟକଙ୍କର ବୋଲି ଜାଣିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସି ଶବ ଚିହ୍ନଟ ପରେ ମୃତଦେହର ଛାତିରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଭାଇକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ବଡ଼ଭାଇ ସଂଜୟ। ପୁଲିସ ଶବ ବ୍ୟବଚ୍ଛେଦ ପରେ ଘଟଣାର ତଦନ୍ତ କରୁଥିବା କହିଛି।

# ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା



ମୁନିଗୁଡ଼ା, ୬ ।୧୦(ସମିସ): ରାୟଗଡା ବନଖଣ୍ଡ ମୁନିଗୁଡା ଅନ୍ତର୍ଗତ କରଡ଼ାବନ୍ଧ ଗ୍ରାମରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଆଜି ଚାରାରୋପଣ ଶୋଭାଯାତ୍ରା ଏବଂ ସଚେତନତା ସଭା ଆୟୋଜିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପ୍ରଣବ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅନନ୍ତ ନୁଣ୍ଡରୁକା, ନାୟବ ସରପଞ୍ଚ ମନ୍ତରା ସିକକା, ସମିତି ସଭ୍ୟା ଶୁକୁନ୍ତଳା ନୁଣ୍ଡରୁକା, ଗ୍ରାମର ମୁଖିଆ ତଥା ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ନୁଣ୍ଡରୁକା ମା' ଧରିତ୍ରୀ କ୍ଲବ୍ ତଥା ବନ ସରକ୍ଷା ସମିତି ସଭାପତି ରବି ନୁଣ୍ଡରୁକା, ମା' ମଙ୍ଗଳା ଓ ଏକତା ମହିଳା ସ୍ୱୟଂସହାୟକ ଦଳର ସଦସ୍ୟ, ପରିବେଶ ପ୍ରେମୀ ଡ. ଗୌରାଙ୍ଗ ଚରଣ ରାଉତ, ସିଆରସିସି ତଥା ପ୍ରକୃତି ବନ୍ଧୁ ଅଶ୍ୱନି କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ମା' ଧରିତ୍ରୀ କ୍ଲବ୍ ପରିସରରେ ଚାରାରୋପଣ ପରେ ସଭାସ୍ଥଳ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବନରକ୍ଷୀ ବିଶ୍ୱଜିତ ମହାରଣାଙ୍କ ସଂଜଜିତ ସଚେତନତା ସଭାରେ ଉପସ୍ଥିତ ଅତିଥି ମାନେ ପରିବେଶ ଓ ବନ୍ୟପ୍ରାଣୀସୁରକ୍ଷା କ୍ଷେତ୍ରରେ ବ୍ୟକ୍ତି ବିଶେଷ ଏବଂ ଗ୍ରାମବାସୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜ ନିଜର ମତ ପ୍ରକାଶ କରିଥିଲେ। ବନପାଳ ରଞ୍ଜିତ ଶ୍ରୀରାମ, ପ୍ରମୋଦିନୀ ମାଡଙ୍ଗୀ, ହେମଚରଣ ବେହେରାଙ୍କ ସମେତ ପ୍ରଳୟ ଦଣ୍ଡସେନା, ବିଦ୍ୟାଧର ପାଣ୍ଡେ, ଅହଲ୍ୟା ପାତ୍ର, ଉପେନ୍ଦ୍ର ମଳି, ରୋନିତ ମହାରଣା, ସୁଦର୍ଶନ ବିଶ୍ୱାଳ, ନମିତା ବିଡ଼ିକା ସହଭାଗୀ ସଂଗଠନର ବିଘ୍ନରାଜ ମିଶ୍ର, ସୁଧିର କୁମାର ବାରିକ ଏବଂ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ତଥା ପାରା କର୍ମୀ ରାଜୀବ ରାଉତ, ଚକା ଦଣ୍ଡସେନା, ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ୫୫ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ରାୟଗଡା, ୬।୧୦(ସମିସ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ,ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଖଣ୍ଡିୟ ବନ ଅଧିକାରୀ ସଚିନ ଅହ୍ମା ସାହେବ ଓହଲେ, , ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଟି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୫୫ ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ୮ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ୭ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିବା ବେଳେ ସେମାନଙ୍କୁ ଜିଲ୍ଲାପାଳ ୬୫ ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

# ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଚନ୍ଦ୍ରପୁର, ୬।୧୦(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମପଞ୍ଚାୟତ ସଦ୍‌ଭାବନା ଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନିତା ଶବରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଗାଲ ସମ୍ମାନିତ ଅତିଥି ରୂପେ, ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ର, ଜିଡିପିଓ ରାଜେନ୍ଦ୍ର ପାଳ ଯୋଗ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ୫ଗୋଟି ଅଭିଯୋଗ ଆସିଥିଲା। ଅଭିଯୋଗ ଗୁଡ଼ିକ ହେଲା ରାସ୍ତା, ପାଣି ଓ ଇନ୍ଦିରା ଆବାସ ଗୃହ। ଏହାର ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏଡିଓ ଉମାଶଙ୍କର ରତ୍ନାଲୁ। ଯୋଗାଣ ସହାୟକ ଏଥିରେ ସହଯୋଗ କରିଥିଲେ। ଜନ ଶୁଣାଣି ଶିବିରରେ ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହି ଥିବାରୁ ସରପଞ୍ଚ ତାଗିଦ କରିଛନ୍ତି।

# କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ



ରାୟଗଡ଼ା, ୬।୧୦(ସମିସ): ରାୟଗଡ଼ାସ୍ଥିତ ମଝିଘରିଆଣି ମନ୍ଦିର ନିକଟସ୍ଥ ରାୟଗଡ଼ା-କେରଡା ଜିଲ୍ଲା ମୁଖ୍ୟ ପ୍ରମୁଖ ରାସ୍ତାରେ ଥିବା ପୋଲର ବୁଲାଣି ଠାରେ ଗତକାଲି ବିଳମ୍ବିତ ରାତିରେ ଗୋଟିଏ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ରବିବାର ବିଳମ୍ବିତ ରାତିରେ ଟ୍ରକଟି ଛତିଶଗଡ ଅଭିମୁଖେ ଯାଉଥିବା ବେଳେ ବ୍ରେକ ଫେଲ୍ ହୋଇ ସେଠାରେ ଥିବା ପଥରରେ ପିଟି ହୋଇଯାଇଛି। ସୂଚନା ମୁତାବକ ଟ୍ରକ୍‌ଟି ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ଛତିଶଗଡ ରାଜ୍ୟ ଅଭିମୁଖେ ଯାଉଥିଲା ବୋଲି ସେଠାରେ ଉପସ୍ଥିତ ଅନ୍ୟ ଟ୍ରକ ଚାଳକ କହିଛନ୍ତି। କୋଇଲା ବୋଝେଇ ଟ୍ରକଟି ଛତିଶଗଡ଼ର ବୋଲି ଟ୍ରକ ଡ୍ରାଇଭରମାନେ କହୁଛନ୍ତି। ଏହି ଦୁର୍ଘଟଣାରେ ଆହତ ଟ୍ରକ ଚାଳକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ବାହାର କରିବାକୁ ଚେଷ୍ଟା କରିଛି । ଏହି ଦୁର୍ଘଟଣା ଫଳରେ ରାୟଗଡ଼ା ଠାରୁ ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି।

# ମା'ଦୁର୍ଗାଙ୍କ ମେଲାଣି ଉତ୍ସବ



ରାମନାଗୁଡା, ୬।୧୦(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ଠାରେ ମହିଷାମର୍ଦ୍ଦିନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତୀମା ବିସର୍ଜନ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ସହର ପରିକ୍ରମା କରାଯାଇଥିଲା। ଶାସ୍ତ୍ରୀୟ ବିଧି ମୁତାବକ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୂଚନା ଥାଉକି ଦଶମୀ ପର ଦିନ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ମାଁ ଙ୍କ ମେଲାଣି କାର୍ଯ୍ୟକ୍ରମ ହୋଇ ପାରି ନଥିଲା ତେଣୁ ରବିବାର ସନ୍ଧ୍ୟାରେ ମାଁ ଙ୍କୁ ମେଲାଣି ଦିଆ ଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରଙ୍ଗୀନ ଆଲୋକ ସାଙ୍ଗକୁ ସୁଉଚ୍ଚ ତୋରଣ ଓ ପାଶ୍ୱର୍ ଦେବାଦେବୀଙ୍କୁ ନେଇ ପୂଜା ମଣ୍ଡପ ଚହଟିଥିଲା। ସାତ ଦିନ ଧରି ଏହି ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ରାମନାଗୁଡା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ମାଁ ଦୁର୍ଗାଙ୍କ ପୂଜା ଦେଖିବା ନିମନ୍ତେ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରାମନାଗୁଡା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମାଁ ଙ୍କ ଭସାଣି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାମନାଗୁଡ଼ା ପୋଲିସ ଏବଂ ଓଡିଶା ଡ୍ରାଇଭର ମହାସଂଘ ରାମନାଗୁଡ଼ା ବ୍ଲକର ସମସ୍ତ ସଦସ୍ୟଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଅସୁରକ୍ଷିତ ଗଡ଼ପଦର ପିଏମ୍‌ଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ



ଜୟପୁର, ୬ ।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ନିକଟସ୍ଥ ଗଡ଼ପଦର ଗ୍ରାମପଞ୍ଚାୟତର ସଦର ଗ୍ରାମସ୍ଥିତ ପିଏମ୍‌ଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଅସୁରକ୍ଷିତ ଭାବେ ରହିଛି। ବିଦ୍ୟାଳୟ ପରିସରରେ ୪୦ଟି ସିଟ୍ ବିଶିଷ୍ଟ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ରହିଛି। ତେବେ ବିଦ୍ୟାଳୟ ଏବଂ ହଷ୍ଟେଲ ଚାରିପାଖରେ ପାଚେରୀ ନଥିବା ଯୋଗୁଁ ଅସୁରକ୍ଷିତ ଭାବେ ବିଦ୍ୟାଳୟ ଓ ହଷ୍ଟେଲ ରହିଛି। ନିକଟସ୍ଥ ଜଙ୍ଗଲ ଏବଂ ପାହାଡରୁ ପ୍ରାୟ ଭାଲୁ ବିଦ୍ୟାଳୟ ପରିସରକୁ ଆସୁଥିବା ଯୋଗୁଁ ସଂଧ୍ୟା ହେଲେ ଛାତ୍ରଛାତ୍ରୀ ମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଶିକ୍ଷାର ବିକାଶ ଏବଂ ଭିତ୍ତିଭୂମି ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟ ନିର୍ମାଣ, ଶିକ୍ଷକ ନିଯୁକ୍ତି ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରୁଥିଲେ ସୁଦ୍ଧା କୋରାପୁଟ ଜିଲ୍ଲାର ମୁଖ୍ୟ ସହର ଜୟପୁର ଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବା ଗଡ଼ପଦର ଗ୍ରାମର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅବ୍ୟବସ୍ଥାକୁ ଦେଖିଲେ ଅନୁସୂଚିତ ଜନଜାତି ଓ ଜାତି ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଗୁଡିକ କିଭଳି ସ୍ଥିତିରେ ରହିଛି ତାହା ଅନୁମାନ କରାଯାଇପାରିବ। ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ମାନେ ବାରମ୍ବାର ବିଦ୍ୟାଳୟର ସମସ୍ୟା ନେଇ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ନେଇ ଅଭିଯୋଗ ହୋଇଛି। ବିଦ୍ୟାଳୟର ପରିସରରେ ନିଜସ୍ୱ ଏକ ବଡ଼ ଖେଳପଡିଆ ରହିଥିଲେ ସୁଦ୍ଧା ପ୍ରବଳ ବର୍ଷା ଯୋଗୁଁ ପାହାଡରୁ ପାଣି ସହ ମାଟି ,ପଥର ଆସି ଏଠାରେ ଜମା ରହିଥିବା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ଖେଳପଡିଆରେ ଖେଳିବା ସମ୍ଭବ ହୋଇ ପାରୁନାହିଁ। ଏହି ପଡିଆକୁ ସଫେଇ କରିବା ନେଇ ମଧ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ। ପାଚେରୀ ନଥିବା ଯୋଗୁଁ ଭାଲୁ, ସାପ ଏବଂ ଅନ୍ୟାନ୍ୟ ସରୀସୃପ ସମେତ ବାହାର ଲୋକମାନଙ୍କ ଅନୁପ୍ରବେଶକୁ ନେଇ ମଧ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ସମସ୍ୟା ସ୍ୱୀକାର କରିଛନ୍ତି ଏବଂ ଏଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି। ପ୍ରକାଶ ଯେ, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ସମୁଦାୟ ୩୫୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ହଷ୍ଟେଲରେ ୪୦ ଜଣ ଛାତ୍ରଛାତ୍ରୀ ରହୁଛନ୍ତି । ୧୦ଟି ଶ୍ରେଣୀ ପାଇଁ ୧୦ଟି କକ୍ଷ ରହିଥିବା ବେଳେ ୧୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ୯୦ରୁ ଅଧିକ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ରହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

▶ ପାଚେରୀ ନାହିଁ, ଜଙ୍ଗଲ ଜନ୍ତୁଙ୍କ ଉତ୍ପାତ
▶ ହଷ୍ଟେଲ ଛାତ୍ରଛାତ୍ରୀ ଭୟଭୀତ

# ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ



କୋଷାଗୁମୁଡ଼ା,୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସଦର ମହକୁମାର ତିନୋଟି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆଜି ଆରମ୍ଭ ହୋଇଛି। ରାଜଚଉଁରିଆଙ୍କ ମନ୍ଦିର ବେଢ଼ା ପରିସରରେ ଏକ ମଣ୍ଡପ ତିଆରି କରି ମା ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରାଯାଉଛି। ସେଭଳି ଜାହାଜ ଭଙ୍ଗା, ଚର୍ଚ୍ଚ ଲାଇନରେ ମଧ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ଏହି ପୂଜାବିଧି ବହୁ ଆଡମ୍ବରରେ ରଙ୍ଗୀନ ଆଲୁଅ ତୋରଣରେ ସୁସଜ୍ଜିତ ସାଜସଜ୍ଜାରେ ଆରମ୍ଭ ହୋଇଛି। ଏହି ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ମାନଙ୍କ ଦ୍ୱାରା ପୂଜାର ସୁପରିଚାଳନା ସହ ବହୁ ଆଡମ୍ବରରେ ପୂଜା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। କୋଷାଗୁମୁଡା ସଦର ସ୍ଥିତ ରାଜଚଉଁରିଆ ଗଜଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଏଥର ମହାଲକ୍ଷ୍ମୀଙ୍କ ସହ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ବହୁ ମନଲୋଭା ହୋଇଛି। ଅନ୍ନଭୋଗ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆଦିବାସୀ ନାଟକ ପରିବେଷଣର ବ୍ୟବସ୍ଥା ରହିଛି ବୋଲି ପୂଜା କମିଟିରୁ ସୂଚନା ମିଳିଛି।

# ସେତୁରେ ପିଟି ହୋଇ କାର୍ ଦୁର୍ଘଟଣା ଗ୍ରସ୍ତ



ଚନ୍ଦାହାଣ୍ଡି,୬।୧୦(ସମିସ): ଚନ୍ଦାହାଣ୍ଡି ଥାନା ଅଧିନସ୍ଥ ଦଣ୍ଡାମୁଣ୍ଡା ଭଣ୍ଡାର ନଦୀ ନୂତନ ସେତୁ ଉପରେ ଗୋଟିଏ ଟ୍ରାକ୍ଟରକୁ ବଞ୍ଚେଇବାକୁ ଯାଇ ଏକ କାର୍ ଦୁର୍ଘଟଣାଗସ୍ତ ହୋଇଛି। ଦୁର୍ଘଟଣାରେ କାର ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାରୁ ପ୍ରକାଶ, ଚନ୍ଦାହାଣ୍ଡି ସଦର ଗ୍ରାମର ବିସିକେଶନ ପାଢ଼ୀଙ୍କ କିୟା ସେଲଟସ କାର ସିଜି୦୪ ଏନ୍‌ଜି ୪୭୯୬ ଦଣ୍ଡମୁଣ୍ଡାରୁ ଚନ୍ଦାହାଣ୍ଡି ଫେରୁଥିବା ସମୟରେ ଭଣ୍ଡାର ନଦୀ ସେତୁ ଉପରେ ହଠାତ୍ ଏକ ଟ୍ରାକ୍ଟର ଆସିଥିବା ବେଳେ କାର ଭାରସାମ୍ୟ ହରେଇ ସେତୁ ଉପରେ ପିଟି ହୋଇଥିଲା। ଯାହା ଫଳରେ କାରର ଉଭୟପାର୍ଶ୍ୱର ବେଲୁନ ଫାଟି ବାହାରିବା ଫଳରେ ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଥିଲେ। ଏନେଇ ଚନ୍ଦାହାଣ୍ଡି ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ଲାବଣ୍ୟ ବେମାଲ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି।

# ବିଜେଡି କାଉନ୍‌ସିଲରଙ୍କ ମାତୃ ବିୟୋଗ



କୋରାପୁଟ,୬।୧୦(ସମିସ): କୋରାପୁଟ ପୌର ପରିଷଦ ୩ ନଂ ୱାର୍ଡର ବିଜୁ ଜନତା ଦଳର କାଉନସିଲର କାଦମ୍ବିନୀ ସେଠୀଙ୍କ ମା' ବୈଦେହୀ ସେଠୀ (୬୨) ଙ୍କର ରବିବାର ବିଳମ୍ବିତ ରାତିରେ କୋରାପୁଟ ଡିଏନକେ କଲୋନୀ ବାସ ଭବନରେ ପରଲୋକ ହୋଇଛି। ରବିବାର ସଂଧ୍ୟାରେ ଅଚାନକ ବ୍ରେନ୍ ଷ୍ଟ୍ରୋକ ହେବାରୁ ସେ ଅଚେତ ହୋଇ ପଡ଼ିଥିଲେ। ସ୍ୱାମୀ କାହ୍ନୁ ଚରଣ ସେଠୀ ଏବଂ ଦୁଇ ପୁଅ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ନେବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ କଟକ ନେଇଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରର ଶେଷ କୃତ୍ୟ ସଂପନ୍ନ କରା ଯାଇଛି। ଖବର ଜାଣିବା ପରେ ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଭୁ ଜାନି, ପିତମ ପାଢ଼ୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହି, ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜୋନାଲ ସଭାନେତ୍ରୀ ଲତା ସାହୁ, କାଉନ୍‌ସିଲର ସୁଭଦ୍ରା ମୁଦୁଲି, ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ବିଜେଡି ଆଇଟି ସେଲ ସଂଯୋଜକ ଈଶ୍ୱର ଆଲାଡା ପ୍ରମୁଖ ଦୁଃଖ ପ୍ରକାଶ କରି ଦୁଃଖିତ ପରିବାରକୁ ସମବେଦନା ଜଣାଇଛନ୍ତି।


## ଲୋକଙ୍କ ଜୀବନ ସହ ଖେଳୁଛି ସ୍ୱାସ୍ଥ୍ୟ ବିଭାଗ

# ଏକ୍ସପାଇରୀ ମେଡ଼ିସିନ ବାଣ୍ଟିଲେ, ପୁଣି ଫେରାଇ ନେଲେ










ନବରଙ୍ଗପୁର / ନନ୍ଦାହାଣ୍ଡି, ୬।୧୦(ସମିସ): ଲୋକଙ୍କ ଜୀବନ ସହ ଖେଳୁଛି ସ୍ୱାସ୍ଥ୍ୟ ବିଭାଗ। ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନାଁରେ ଲୋକଙ୍କୁ ଏକ୍ସପାଇରୀ ମେଡିସିନ ବଣ୍ଟନ କରାଯାଉଛି। ଛୋଟ ଶିଶୁ ମାନଙ୍କୁ ଏକ୍ସପାଇରୀ ସିରପ୍ ବି ଦିଆଯାଇଛି। ଭ୍ରାମ୍ୟମାଣ ଗାଡ଼ିରେ ଗାଁ ଗାଁ ବୁଲି ଏଭଳି ଏକ୍ସପାଇରୀ ମେଡ଼ିସିନ ବଣ୍ଟା ଯାଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗର ଏଭଳି ଦାୟିତ୍‌ହୀନ କାର୍ଯ୍ୟ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକରେ ଦେଖିବାକୁ ମିଳିଛି। ଏହାକୁ ନେଇ ପ୍ରତିକ୍ରିୟା ମଧ ପ୍ରକାଶ ପାଇଛି।ସୂଚନା ମୁତାବକ, ନନ୍ଦାହାଣ୍ଡି ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ି ଗତ ୪ ତାରିଖ ଦିନ ମେଣ୍ଟ୍ରି ପଞ୍ଚାୟତ ଅନ୍ତର୍ଗତ ବରାଗାଁ, ହିର୍ଲିଆ ଗୁଡା ଓ ବାଦୀଗୁଡା ଗାଁରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଯାଇଥିଲା। ସମ୍ପୃକ୍ତ ଗ୍ରାମର ଅନେକ ପରିବାରର ଛୋଟ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମେଡିସିନ ବଣ୍ଟନ ହୋଇଥିଲା। ଦୁଃଖର ବିଷୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ରୋଗୀଙ୍କୁ ପରୀକ୍ଷା କରି ସାରିବା ପରେ ଏକ୍ସପାଇରୀ ମେଡ଼ିସିନ ବଣ୍ଟନ କରି ଚାଲି ଆସିଥିଲେ। ବାଦୀଗୁଡା ଗ୍ରାମର ୪ ବର୍ଷୀୟା ଶିଶୁଙ୍କ ଜ୍ୱର ଓ ଥଣ୍ଡା କାଶ ହେଉଥିଲା। ତାଙ୍କୁ ପାରାସିଟମଲ ସିରଫ ପ୍ରଦାନ କରାଯାଇଛି। ସିରଫରେ ୨୦୨୫ ଅଗଷ୍ଟ ମାସରୁ ଏକ୍ସପାଇରୀ ଡେଟ ଉଲ୍ଲେଖ ରହିଛି। ସେହିପରି ସମ୍ପୃକ୍ତ ଗ୍ରାମର ଅନ୍ୟ ଜଣେ ୧ ବର୍ଷୀୟା ଶିଶୁଙ୍କ କାଛୁ କୁଣ୍ଡିଆ ହେଉଥିବା ବେଳେ ତାଙ୍କୁ ଦୁଇଟି ଅଏଣ୍ଟମେଣ୍ଟ ପ୍ରଦାନ କରାଯାଇଛି। ସେଥିରୁ ଗୋଟିଏ ଏକ୍ସପାଇରୀ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ମେଡ଼ିସିନ ସେବନ କରିବା ପାଇଁ ବାରଣ କରାଯାଇଛି। ସମ୍ପୃକ୍ତ ପରିବାର ସଦସ୍ୟ ସଚେତନ ହୋଇଥିବା ଯୋଗୁଁ ମେଡ଼ିସିନ ଏକ୍ସପାଇରୀ ତାରିଖ ଦେଖିଥିଲେ। ଯଦି ଅନ୍ୟ କୌଣସି ପରିବାର ତାରିଖ ନଦେଖି ମେଡ଼ିସିନ ବ୍ୟବହାର କରିଥିଲେ ଅଘଟଣ ଆଶଙ୍କା ରହିଥିଲା। ବିଶେଷକରି ସ୍ୱାସ୍ଥ୍ୟ ବିଭାଗର ଏଭଳି ବେଖାତିର କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପଟେ ବରାଗାଁର ଜଣେ ମହିଳା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ମେଡ଼ିସିନ ଫେରାଇ ନେଇଥିବା ପ୍ରକାଶ କରିଛନ୍ତି। ଖବର ପାଇବା ପରେ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷକ ଡା. ପ୍ରଭଞ୍ଜନ ପରିଡା , କବିନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ ମେଡିସିନ ଭୁଲରେ ଦିଆ ଯାଇଥିବା କହିବା ସହିତ କସ୍‌ଚେକିଂ ପାଇଁ ଷ୍ଟାଫ୍ ପଠାଯାଇଛି। ଏଥି ସହିତ ଯେଉଁ ରୋଗୀଙ୍କୁ ଏକ୍ସପାଇରୀ ଔଷଧ ଦିଆଯାଇଛି, ଉକ୍ତ ଔଷଧ ଫେରେଇ ଆଣିବାକୁ କୁହାଯାଇଛି ବୋଲି କହିଛନ୍ତି କହିଛନ୍ତି। ବରାଗାଁ, ହିର୍ଲିଆ ଗୁଡା ଓ ବାଦୀଗୁଡାର ବରାଆଁର ମିନ କେତନ ସୌରା ଏବଂ ଗାୟତ୍ରୀ ସୌରାଙ୍କ ୩ ମାସର ଶିଶୁ କନ୍ୟା ଜ୍ୱର , ଥଣ୍ଡା କାଶ ପାଇଁ ଏକ୍ସପାଇରୀ ଔଷଧ ଦିଆଯାଇଥିବା ବେଳେ ହିର୍ଲିଆ ଗୁଡାର ରୋଗୀ ଲକ୍ଷ୍ମୀ ବିଷୋୟୀ (୪୦), ବାଦୀଗୁଡାର ମଧୁସୂଦନ ହରିଜନଙ୍କ ୪ ବର୍ଷର ଶିଶୁ କନ୍ୟାକୁ ଜ୍ୱର, ଥଣ୍ଡା କାଶ ପାଇଁ ଏକ୍ସପାଇରି ଔଷଧ ଏବଂ ବାଦୀଗୁଡା ଗ୍ରାମର ଦଇତାରୀ ଜାନିଙ୍କ ୧ବର୍ଷର ଶିଶୁ କନ୍ୟାଙ୍କୁ ମଧ କାଛୁ କୁଣ୍ଡିଆ ପାଇଁ ଏକ୍ସପାଇରି ଓଏଣ୍ଟ ମେଣ୍ଟ ପ୍ରଦାନ କରାଯାଇଛି । ମେଡିକାଲ କର୍ତ୍ତୃପକ୍ଷଙ୍କ ବେଖାତିର ମନୋଭାବକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଲୋକଙ୍କୁ ଉପଯୁକ୍ତଔଷଧବଣ୍ଟନପାଇଁଦାବିହେଉଛି।



ଜୟପୁର ବାଙ୍କୋ ମଠ



ଜୟପୁର ରାଜମହଲ ଛକରେ କୁମାର ଉତ୍ସବ କାର୍ଯ୍ୟକ୍ରମ



ଜୟପୁର ରଥପଡ଼ିଆ ଛକରେ ଧନଲକ୍ଷ୍ମୀ ପୂଜା



କୋରାପୁଟ କଳା ନିକେତନ ଛକ



ବିଷମକଟକରେ ମା' ଗଜଲକ୍ଷ୍ମୀଙ୍କ ଆକର୍ଷଣୀୟ ତୋରଣ



ଗୁଡ଼ାରୀରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ

# ବଦଳିଲେ ଜିଲ୍ଲା ଶିକ୍ଷା ଅଧିକାରୀ

କୋରାପୁଟ,୬।୧୦(ସମିସ): ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ନୂଆପଡ଼ାକୁ ବଦଳୀ କରିଛନ୍ତି। ହସ୍ତଗତ ସୂଚନା ଅନୁଯାୟୀ ଶ୍ରୀ ମହାନ୍ତିଙ୍କ ସ୍ଥାନରେ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ବଦଳି କରାଯାଇଛି।

## ଅବିଭକ୍ତ କୋରାପୁଟ ଜିଲ୍ଲା ତନ୍ତୀ ସମାଜର ସାଧାରଣ ସଭା

# 'ଚଣ୍ଡାଳ' ଶବ୍ଦ ପରିବର୍ତ୍ତନ ଉପରେ ଗୁରୁତ୍ୱ




କୋରାପୁଟ,୬।୧୦(ସମିସ): କୋରାପୁଟ ସ୍ଥିତ ଆମ୍ବେଦକର ଷ୍ଟଡି ସେଣ୍ଟର ପରିସରରେ ଅବିଭକ୍ତ କୋରାପୁଟ ଜିଲ୍ଲା ତନ୍ତୀ ସମାଜ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ତନ୍ତୀ ସମାଜର ଶିକ୍ଷା, ସାମାଜିକ ଓ ଆର୍ଥିକ ଉନ୍ନତି ସହିତ ଅପମାନଜନକ ଜାତିର ନାମ 'ଚଣ୍ଡାଳ'କୁ ଓଡ଼ିଶାର ଅନୁସୂଚିତ ଜାତି ତାଲିକାରୁ ସଂଶୋଧନ କରିବା ଆଲୋଚନାର ପ୍ରମୁଖ ବିଷୟ ବସ୍ତୁ ରହିଥିଲା। ବ୍ରିଟିଶ ଶାସନ କାଳରେ ୧୯୦୫ ଜନଗଣନା ସମୟରେ ମ୍ୟାଡ୍ରାସ ପ୍ରେସିଡେନ୍ସିର ଅଧିକାରୀ ଏଡଗାର ଥରଷ୍ଟନ ତାଙ୍କ ଗ୍ରନ୍ଥରେ 'ଚଣ୍ଡାଳ' ଶବ୍ଦକୁ ଏକ ବଂଶାନୁକ୍ରମିକ ଶବ୍ଦ ଭାବେ ଉଲ୍ଲେଖ କରାଯାଇଛି ବୋଲି ଲେଖିଥିଲେ। ସେହି ସମୟରେ ଜନଗଣନା ଅଧିକାରୀମାନେ ଅଞ୍ଚଳର ପେଶା ବା କୌଳିକ ବୃତ୍ତି ଆଧାରିତ ଜାତିଗୁଡ଼ିକର ସଠିକ ସ୍ୱରୂପ ବୁଝିପାରିନଥିଲେ। ଫଳରେ ଅନେକ ସମାଜ ଭୁଲ ନାମରେ ଲେଖାଯାଇଲା। 'ଚାଣ୍ଡାଳ' ଶବ୍ଦଟି ଏହି ସମାଜ ପାଇଁ ଗଭୀର ସାମାଜିକ ଅପମାନ ଓ ମାନସିକ ଯନ୍ତ୍ରଣାର କାରଣ ହୋଇଛି। କାରଣ ଏହା ଏକ ପରିଶ୍ରମୀ ବୁଣିବା ସମ୍ପ୍ରଦାୟକୁ ଭୁଲଭାବେ 'ଅସ୍ପୃଶ୍ୟ' ଭାବେ ଚିହ୍ନିତ କରୁଛି। ଫଳରେ ସେମାନେ ଶିକ୍ଷାସଂସ୍ଥାନ, କାର୍ଯ୍ୟାଳୟ ଓ ସାଧାରଣ ଜୀବନରେ ଅପମାନ, ଅସମାନତା ଓ ଅଧିକାର ହାରାଇବାର ଶିକାର ହେଉଛନ୍ତି। ତେଣୁ ସମାଜ ପକ୍ଷରୁ ଦାବି ହୋଇଛି ଯେ, 'ଚାଣ୍ଡାଳ' ଶବ୍ଦଟିକୁ 'ଆଦି ଉତ୍କଳ' ଭାବେ ପରିବର୍ତ୍ତନ କିମ୍ବା 'ପାତ୍ର ତନ୍ତୀ' ସହ ଏକତ୍ରିକରଣ କିମ୍ବା ନିଜର ବୃତ୍ତି ଲୁଗାବୁଣିବା ସେହି ଉପରେ କିଛି ନାମକରଣ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାଜର ଦାବିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସେ କହିଥିଲେ ଯେ, ଓଡ଼ିଶା ସରକାର ଏହି ମାମଲାକୁ ଗୁରୁତର ସହ ନେବେ ଏବଂ ଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ବୈଠକରେ ଏକ ନୂତନ କାର୍ଯ୍ୟନିର୍ବାହୀ ସମିତି ଗଠନ କରା ଯାଇଛି। ହଳଧର ତନ୍ତୀ ଅଧକ୍ଷ, ସୁରେନ୍ଦ୍ର ତନ୍ତୀ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ, ଦୁର୍ଯ୍ୟୋଧନ ଖେମୁଣ୍ଡୁ କୋଷାଧକ୍ଷ ଭାବେ ମନୋନୀତି ହୋଇଛନ୍ତି । ଆଗାମୀ ଦିନରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ନିଜ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତି ହୋଇଛି।

# ଭଗବତୀ ପୀଠରେ ଦାଣ୍ଡିଆ ନୃତ୍ୟ ନେଇ ଅସନ୍ତୋଷ

## ଦୁର୍ଗାପୂଜାରେ ଟ୍ରାଫିକ୍ ନିୟନ୍ତ୍ରଣରେ ଅବ୍ୟବସ୍ଥା

ଜୟପୁର,୬।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଦଶହରା ରାଜ୍ୟରେ ଏକ ସ୍ୱତନ୍ତ୍ର ରହିଥିବା ବେଳେ ଆଧୁନିକ ଏବଂ ପରମ୍ପରାକୁ ନେଇ ଆୟୋଜିତ ଏହି ପର୍ବାଣିରେ କିଛି ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଛି । ପ୍ରଶାସନକୁ ପୂର୍ବରୁ ଏହିପରି ଅବ୍ୟବସ୍ଥା ହେବା ନେଇ ସୂଚିତ କରାଯାଇଥିଲେ ସୁଦ୍ଧା ଅଧିକାରୀ ମାନଙ୍କ ଅଣଦେଖା ମନୋଭାବ ଯୋଗୁଁ ସମସ୍ୟା ଉପୁଜିଥିଲା। ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ପୀଠ ପରିସରରେ ଅଣ ଓଡିଆ ସଂସ୍କୃତି ଦାଣ୍ଡିଆ ନୃତ୍ୟ ଆୟୋଜନକୁ ନେଇ ସ୍ଥାନୀୟ ବୁଦ୍ଧିଜୀବି, ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସୋସିଆଲ ମିଡିଆରେ ମଧ ଏହିପରି ଆୟୋଜନକୁ ସମାଲୋଚନା କରାଯାଇଛି। ଦେବୀ ଭଗବତୀ ପୀଠରେ ଦୈନିକ ଚଣ୍ଡିପାଠ, ହୋମଯଜ୍ଞ ଓ ପୂଜାପାଠ ଚାଲିଥିବା ବେଳେ ଏହିପରି ବାଜା ବାଜଣା ଶବ୍ଦ ପ୍ରଦୁଷଣ କରାଯାଇ ଡି.ଜେ ସେଟ୍ ବଜାଇ ନୃତ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହିପରି ଚଣ୍ଡିପାଠ ଏବଂ ପୂଜାର୍ଚ୍ଚନାରେ ଏହା ବାଧା ହେଉଥିବା ନେଇ ପୂଜକ, ପୁରୋହିତ ଏବଂ ଚଣ୍ଡିପାଠ କରୁଥିବା ବ୍ରାହ୍ମଣ ମାନେ ସ୍ୱୀକାର କରିଥିଲେ। ଭଗବତୀ ମନ୍ଦିର ଏବଂ ପରିସର ଦେବତ୍ତୋର ବିଭାଗର ଅଧିନରେ ରହିଥିବା ବେଳେ ସ୍ଥାନୀୟ କିଛି ଯୁବକ ସ୍ଥାନୀୟ ପରମ୍ପରାକୁ ଭାଙ୍ଗି ଏହିପରି ଆୟୋଜନକୁ ସାଧାରଣରେ ସମାଲୋଚନା କରାଯାଇଛି। ଦେବତ୍ତୋର ଅଧିକାରୀ ତଥା ତହସିଲଦାରଙ୍କୁ ଅନୁମତି ନ ଦେବା ନେଇ ଅନୁରୋଧ କରାଯାଇଥିଲେ ସୁଦ୍ଧା କାହାର ଚାପରେ ତହସିଲଦାର ବାଧବାଧକ ହୋଇ ଦାଣ୍ଡିଆ ପାଇଁ ଅନୁମତି ପ୍ରଦାନ କରିଛନ୍ତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିନେଇ ତହସିଲଦାର ତଥା ଦେବତ୍ତୋର ଅଧିକାରୀ ସବ୍ୟସାଚୀ ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ, କେବଳ ସେ ନିଜେ ଚାହିଁଲେ ଅନୁମତି ପ୍ରଦାନ କରିପାରିବେ ନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁମତି ଦେବାକୁ ସେ ବାଧ ବୋଲି କହିଥିଲେ। ସେହିପରି ଜୟପୁର ସହରରେ ଦଶହରା ପର୍ବାଣି ବେଳେ ପ୍ରବଳ ଭିଡକୁ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନର ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଷୁଡି ପଡିଥିଲା। ବିଭିନ୍ନ ଜନଗହଳୀ ପୂର୍ଣ୍ଣ ଅଞ୍ଚଳରେ ତିନି ଏବଂ ଚାରି ଚକିଆ ଯାନ ଗୁଡିକକୁ ପ୍ରବେଶ କରାଯାଉଥିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପୂଜା ମଣ୍ଡପ ନିକଟରେ ପୁଲିସ ଏବଂ ହୋମଗାର୍ଡ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲେ ସୁଦ୍ଧା ଉକ୍ତ କର୍ମଚାରୀ ମାନେ ପ୍ରତିମୂର୍ତ୍ତି ଭାବେ ଠିଆ ହୋଇ ରହିଥିଲେ। ଏଣୁ ଟ୍ରାଫିକ ନିୟନ୍ତ୍ରଣ ଅଣାୟତ ହୋଇଥିଲା। ଥାନାରୁ ଅଧିକାରୀ ମାନେ ସଂଧ୍ୟାରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା ତଦାରଖ ନ କରିବାରୁ ସମସ୍ୟା ବଢି ଯାଇଥିଲା। ଆଗାମୀ ଦନରେ ଏଭଳି କାର୍ଯ୍ୟକ୍ରମ ପାଇଁ ଏହାର ତର୍ଜମା ଜରୁରୀ ବୋଲି ମତ ପ୍ରକାଶ ପାଉଛି।

## ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

# ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଭେଟି

ନୂଆପଡ଼ା, ୬।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ନୂଆପଡ଼ା ଗସ୍ତରେ ଆସି ସୋମବାର ଦିନ ୧୧୦୧ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୬୪ କୋଟି ୨ଲକ୍ଷ ଟଙ୍କା ମୂଲ୍ୟର ୧୦୯ଟି ପ୍ରକଳ୍ପର



ଲୋକାର୍ପଣ ଏବଂ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାସହ ୭୫କୋଟି ୩୭ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ଘୋଷଣା କରିଛନ୍ତି। ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨କୋଟି ୯ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ସେହିପରି ଖରିଆରରୋଡ୍ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା, କୋମନା ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଏବଂ ସିନାପାଲି ପଞ୍ଚାୟତ ଓ ଗୋଡାଲ ପଞ୍ଚାୟତକୁ ମିଶାଇ ସିନାପାଲି ଏନ୍‌ଏସିର ମାନ୍ୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ପହଞ୍ଚିଥିଲେ। ପରେ ଦିନ ପ୍ରାୟ ସାଢ଼େ ୧୧ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକଳ୍ପ ଘୋଷଣା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଘେରିଛି ବିଜୁ ଜନତା ଦଳ। ଉପନିର୍ବାଚନର ତାରିଖ ଘୋଷଣା ହେବାର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସରକାରଙ୍କ ନିର୍ବାଚନୀ ଭେଟି ବୋଲି ଦଳ କହିଛି। ଏପରି କରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭୁଲାଉଛନ୍ତି। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ କହିଛନ୍ତି ଯେ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଠିକ ପରେପରେ ନୂଆପଡ଼ାକୁ ଆସି ଅପରାହ୍ଣ ୨ଟା ବେଳେ ଏଭଳି ପ୍ୟାକେଜ ଘୋଷଣା କରିବା ଏବଂ ଏହାର ୨ଘଣ୍ଟା ପରେ (ଅପରାହ୍ଣ ୪ଟାରେ) ନିର୍ବାଚନ କମିଶନ ଦିଲ୍ଲୀରୁ ନିର୍ବାଚନ ତାରିଖ ଘୋଷଣା

- ■ ଖରିଆର ରୋଡ୍‌କୁ ମ୍ୟୁନିସିପାଲିଟି, କୋମନା ଏବଂ ସିନାପାଲିକୁ ନୂତନ ଏନ୍‌ଏସି ମାନ୍ୟତା ଘୋଷଣା
- ■ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଲୋକଙ୍କୁ ଭୂତାଉଛନ୍ତି: ବିଜେଡି

କରିବା, ନୂଆପଡ଼ାବାସୀ ଠିକ୍ ବୁଝୁଛନ୍ତି। ଏହା କେବଳ ଏକ ନିର୍ବାଚନ ଏଜେଣ୍ଡା ବୋଲି ସେ କହିଛନ୍ତି।

ସେଆହୁରିକହିଛନ୍ତିଯେପୂର୍ବତନମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକଙ୍କ ଅମଳରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଜିଲ୍ଲାରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ଓ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କ୍ଷମତାକୁ ଆସିବା ପରେ ପାଖାପାଖି ବିଜେପି ସରକାର ନୂଆପଡ଼ା ପାଇଁ କ'ଣ କରିଥିଲା, ତାହା ଜିଲ୍ଲାବାସୀ ଭଲ ଭାବେ ଜାଣିଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ ଦେଖି ଏଭଳି ଘୋଷଣା କରିଛନ୍ତି। ନୂଆପଡ଼ାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଦୀର୍ଘଦିନ ହେବ ଆମେ ଦାବି କରିଆସୁଛୁ। କିନ୍ତୁ ସରକାର ଶୁଣୁନାହାନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି।

## ଆଜିଠୁ କାର୍ତ୍ତିକ ବ୍ରତ

# ରହଣି କେନ୍ଦ୍ରରେ ରହିଲେ ହବିଷ୍ୟାଳି



ପୁରୀ, ୬।୧୦ (ସମିସ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେଉଛି। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଚଳିତ ବର୍ଷର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ହେବ। ଏଥିପାଇଁ ବୃନ୍ଦାବତୀ ନିବାସ ପରିସରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ବ୍ୟତୀତ ବଗଲା ଧର୍ମଶାଳା, ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳିଙ୍କୁ ରଖାଯାଇଛି। ଆଜି ସଂଧ୍ୟା ସୁଦ୍ଧା ୧୯୫୦ ହବିଷ୍ୟାଳି ପୁରୀରେ ପହଞ୍ଚିଥିବା ଜଣାଯାଇଛି।

ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୪ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ) ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତ ମହିଳାମାନେ

### ଆଜି ଧରିବେ ବ୍ରତ

ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ ମାଧ୍ୟମରେ କରିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି, ବୁଝିବା ସହ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି।

ହବିଷ୍ୟାଳିମାନେ ଆସନ୍ତାକାଲି ଭୋର୍‌ରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରାମୂଳେ ରାଇଦାମୋଦରଙ୍କୁ ପୂଜା କରି ମାସଟା ଯାକ ଆଧ୍ୟାତ୍ମିକ ଭାବେ ବାନ୍ଧି ହୋଇ ରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଟାଣିବେ। ପୁଣି ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏଥର ମହାପ୍ରସାଦ ସେବନ କରିବେ।

## ବାଇକ୍‌କୁ ପିଟିଲା ବସ୍

# ଦୁଇ ଭଉଣୀ ମୃତ, ୩ ଗୁରୁତର

କାକିରିଗୁମ୍ମା, ୬।୧୦ (ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥର ଡି.ପଞ୍ଜଡା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ବାଇକ୍‌କୁ ଏକ ଘରୋଇ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତ ଭଉଣୀଦ୍ୱୟ ହେଲେ,

### ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ କଟ୍ରାଆମ୍ବ ଗ୍ରାମର କବିତା ମୁଦୁଲି(୮) ଓ ଆନି ମୁଦୁଲି। ଏହି ଦୁର୍ଘଟଣାରେ କବିତାଙ୍କ ବାପା ପୀତବାସ ମୁଦୁଲି, ମା' ବାସନ୍ତୀ ମୁଦୁଲି ଓ ଭାଇ ସଞ୍ଜୁ ମୁଦୁଲି ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଆନ୍ଦୋଳନ କରିଥିଲେ। ୯ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେବାରୁ କୋରାପୁଟ-ରାୟଗଡ଼ା ମଧ୍ୟରେ ଯାତାୟାତ ବନ୍ଦ ରହିଛି।

ସୂଚନାନୁଯାୟୀ, ଏହି ମୁଦୁଲି ପରିବାରର ପାଞ୍ଚଜଣ ସଦସ୍ୟ ଘରକୁ ଏକ ବାଇକ୍‌ରେ ଫେରୁଥିଲେ। ଡି.ପଞ୍ଜଡା ଛକରେ ସେମାନେ ରାଜପଥ ଅତିକ୍ରମ କରୁଥିବା ବେଳେ ଗୁଣୁପୁରଠାରୁ ରାଇଘର ଯାଉଥିବା ଏକ ଘରୋଇ ବସ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଏକ ଗଛରେ ପିଟି ହୋଇଯାଇଥିଲା। ବସ୍ ଚକ ତଳେ ଚାପି ହୋଇ କବିତାର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୀତବାସ, ବାସନ୍ତୀ,



ଆନି ଓ ସଞ୍ଜୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କାକିରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆନିର ମୃତ୍ୟୁ ହୋଇଯାଇଥିଲା।

ଏହାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ କୋରାପୁଟ-ରାୟଗଡ଼ା ରାସ୍ତାକୁ ଦୀର୍ଘ ୯ ଘଣ୍ଟା ଧରି ଅବରୋଧ କରିଛନ୍ତି। ଖବର ପାଇ କୋରାପୁଟ ଆରଟିଓ ରାଜେଶ ମାରାଣ୍ଡି, ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇ, ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, କାକିରିଗୁମ୍ମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ପୂର୍ବତନ ସାଂସଦ ଝିନ ହିକକା, ସମାଜସେବୀ ଶଙ୍କର ସାଉଁତା ପ୍ରମୁଖ ପହଞ୍ଚି ଆଲୋଚନା ଜାରି ରଖିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିବାରୁ କୋରାପୁଟ ରାୟଗଡ଼ା ମଧ୍ୟରେ ଯାତାୟାତ ବନ୍ଦ ରହିଛି।

## ପ୍ରକାଶ ପାଇବ ଓଡ଼ିଶା ରାଜ୍ୟ ସମବାୟ ନୀତି, ୨୦୨୫

# ମତାମତ ଆହ୍ୱାନ କଲା ସମବାୟ ବିଭାଗ

ଭୁବନେଶ୍ୱର, ୬।୧୦(ସମିସ): ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ରାଜ୍ୟ ସମବାୟ ନୀତି, ୨୦୨୫ ପ୍ରକାଶ ପାଇବ। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଚିଠା ନୀତି ସମବାୟ ବିଭାଗର ୱେବସାଇଟ୍‌ରେ ଉପଲବ୍ଧ ଅଛି। ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ପ୍ରସ୍ତାବ ଏହି ମେଲ-ଆଇଡିରେ ପଠାଇବାକୁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି। ଏକ ସମୟୋପଯୋଗୀ, ବ୍ୟାବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଥିବା କୁହାଯାଇଛି।

## ଅନ୍ତଃରାଜ୍ୟ କଫସିରପ୍ ଚାଲାଣକାରୀ ଗ୍ୟାଙ୍ଗ୍ ଠାବ

# ୧୫ ଗିରଫ, ୧୫୦୦ ବୋତଲ ସିରପ ଜବତ

ବରଗଡ଼, ୬।୧୦(ସମିସ): ଅବୈଧ କଫ ସିରପ୍ ଚାଲାଣ କାରବାରରେ ସମ୍ପୃକ୍ତ ଏକ ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଠାବ କରିଛି ବରଗଡ଼ ପୁଲିସ। ଗ୍ୟାଙ୍ଗର ୧୫ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କଠାରୁ ୧୫୦୦ ବୋତଲ କଫସିରପ୍ ଜବତ କରିଛି।



### ୫ ଦେଶୀ ବନ୍ଧୁକ, ୨୦ ଗୁଳି, ୫ କାର୍ ଜବତ

ଅଭିଯୁକ୍ତମାନେ ହେଲେ, ଛତିଶଗଡ଼ର ହରିଦୀପ ସିଂ ସାନ୍ଧୁ (୨୮), ଏମ୍‌ଡି ଆସରଫ (୨୬), ସାୟଦ ଆଜିମ(୩୨), ବଲାଙ୍ଗିରର ବବଲୁ ବେହେରା (୩୨), ଜଗତସିଂହପୁରର ସମ୍ବିତ ପରିଜା (୨୫), ଯାଜପୁରର ରସିଦ ସାହା (୩୦), କେନ୍ଦ୍ରାପଡାର ପ୍ରୀତମ ବିଶ୍ୱାଳ (୩୦), ବରଗଡ଼ ଜିଲ୍ଲା ଅତାବିରା ଥାନାଞ୍ଚଳର ପ୍ରଫୁଲ୍ଲ ରଣା(୩୦), ତୁଷାର ବଲ୍ଲଭ ରାଉଟିଆ (୩୧), ହରିପ୍ରସାଦ ସେଠ (୨୬), ବରଗଡ଼ ଟାଉନ ଥାନାଞ୍ଚଳର ବବଲୁ ଶତପଥୀ (୩୭), ଅଙ୍କୁଶ ବଳ (୩୦), ଶ୍ରୀକାନ୍ତ ବେହେରା (୨୯), ସଦର ଥାନାଞ୍ଚଳର ମନିଷ କାଲୁ ଅଗ୍ରୱାଲ (୩୦) ଓ ପିଣ୍ଟୁ ସାହୁ (୨୪)। ସେମାନଙ୍କଠାରୁ ପୁଲିସ ୫ଟି ଦେଶୀ ବନ୍ଧୁକ ସହ ମାଗାଜିନ, ୨୦ଟି ଗୁଳି, ୧୬ଟି ମୋବାଇଲ, ୩ଟି ଖାଲି କାର୍ଟ୍ରିଜ୍, ୫ଟି ଚାରିଚକିଆ ଗାଡି ସହ ୫୭ ହଜାର ୨୦୦ ନଗଦ ଟଙ୍କା ଜବତ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା ଏହି ସୂଚନା ଦେଇଛନ୍ତି। ଏହି ମାମଲାରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ସେ କହିଛନ୍ତି।

ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ପ୍ରଥମେ ବରଗଡ଼ ଟାଉନ ଥାନା ଅଞ୍ଚଳରେ ଚଢ଼ଉ କରି ଛତିଶଗଡ଼ର ୩ ଜଣ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କୁ ପଚରାଉଚୁରା କରି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବା ପାଇଁ ବରଗଡ଼ ପୁଲିସର ୭ ଟିମ୍ ଗଠନ କରାଯାଇଥିବା ବେଳେ ଏବେ ମଧ୍ୟ ୫ଟିମ୍ ଘଟଣାର ସଂପୃକ୍ତିକୁ ନେଇ ତଦନ୍ତ ଜାରି ରଖିଛି। ଏହି ସଫଳତା ପାଇଁ ସମସ୍ତ ପୁଲିସ ଅଧିକାରୀଙ୍କୁ ସମ୍ବଲପୁର ଆଇଜି ହିମାଂଶୁ ଲାଲ ପ୍ରଶଂସା କରିଛନ୍ତି।

# ଢାବା ପଛପଟୁ ୯୦୦ ବୋତଲ କଫ୍‌ସିରପ୍ ଜବତ

ଖୋର୍ଦ୍ଧା, ୬।୧୦(ସମିସ): ଖୋର୍ଦ୍ଧା ଅବକାରୀ ମୋବାଇଲ୍ ଟିମ୍ ଓ ସଦର ପୁଲିସ ମିଳିତ ଭାବେ ଚଢ଼ଉ କରି ୧୬ନଂ ଜାତୀୟ ରାଜପଥର ବାଜପୁର ଛକ ନିକଟରେ ଥିବା ପଣ୍ଡିତ ଢାବା ପଛପଟ ଘରୁ ୨ଟି ଜରିବସ୍ତାରେ ୯୦୦ ବୋତଲ କଫ୍‌ସିରପ୍‌କୁ ଜବତ କରିଛି। ଏଥିସହ ଏକ କାର୍ (ଓଡି୩୩ ଏଆର୍ ୭୫୧୩), ଏକ ମୋବାଇଲ୍ ଫୋନ୍‌କୁ ଜବତ କରିଛନ୍ତି। ଜବତ କଫ୍‌ସିରପ୍‌ର ମୂଲ୍ୟ ୧ ଲକ୍ଷ ୧୨ ହଜାର ୪୫୦ ଟଙ୍କା ହୋଇଥିବା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ପଲ୍ଲା ବରୁଣେଇ ସାହିର ବିଶ୍ୱରଞ୍ଜନ ଖୁଣ୍ଟିଆ ଓରଫ ବାଙ୍କ (୪୫) ଓ ଢାବା ମାଲିକ ଦଳେଇପୁଟର ଦେବରଞ୍ଜନ ଦାସ ଓରଫ ଶଙ୍କର (୪୭)ଙ୍କୁ ଗିରଫ କରାଯାଇଛି।



ବିଶ୍ୱରଞ୍ଜନ ଦୀର୍ଘଦିନ ହେବ ୧୬ନଂ ଜାତୀୟ ରାଜପଥର ପଲ୍ଲା ଓଭରବ୍ରିଜ୍ ତଳେ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି କଫ୍‌ସିରପ୍ ବେପାର କରୁଥିବା ବିଶେଷ

### ଢାବା ମାଲିକ ଶଙ୍କର ସମେତ ସହଯୋଗୀ ଗିରଫ

ସୂତ୍ରରୁ ଖବର ପାଇଥିଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍। ତାକୁ ଧରିବା ଲାଗି ଅବକାରୀ ଟିମ୍ ଓ ପୁଲିସର ଏକ ମିଳିତ ଟିମ୍ ପ୍ରସ୍ତୁତ କରାଯାଇଥିଲା। ଏହି ଟିମ୍ ରବିବାର ଜାତୀୟ ରାଜପଥର ବାଜପୁର ଛକ ନିକଟରେ ଥିବା ପଣ୍ଡିତ ଢାବା ପଛପଟ ଛୋଟ ଘରୁ ଏକ କାର୍‌ରେ ମାଲ୍ ନେଇ ଯାଉଥିବା ବେଳେ ଧରା ହୋଇଥିଲା। ତା'ର ବୟାନ ମୁତାବକ ସୋମବାର ଟିମ୍ ପଣ୍ଡିତ ଢାବାର ମାଲିକ ଶଙ୍କରଙ୍କୁ ଗିରଫ କରିଛି।

ଶଙ୍କର ଢାବା ଚଳାଇବା ନାଁରେ ଢାବା ପଛପଟେ ଥିବା ଛୋଟ ଘରେ ବେଆଇନ କଫ୍‌ସିରପ୍ ଗଚ୍ଛିତ ରଖେ। ଉକ୍ତ କଫ୍‌ସିରପ୍‌କୁ ବିଶ୍ୱରଞ୍ଜନ ମାର୍କେଟ୍‌ରେ ବେପାର କରୁଥିବା ଅବକାରୀ ବିଭାଗ ଆଗରେ ସେ ସ୍ୱୀକାର କରିଛି। ସୋମବାର ଢାବା ପଛପଟ ଘରୁ ଅବକାରୀ ଓ ପୁଲିସର ମିଳିତ ଟିମ୍ ୯୦୦ ବୋତଲ କଫ୍‌ସିରପ୍ ଜବତ କରିଛି। ତନ୍ମଧ୍ୟରେ ୧୦୭ ଟଙ୍କା ମୂଲ୍ୟ ରହିଥିବା ୪୫୦ ବୋତଲ ଏବଂ ୨୧୧ ଟଙ୍କା ମୂଲ୍ୟ ରହିଥିବା ୪୫୦ ବୋତଲ କଫ୍‌ସିରପ୍ ରହିଥିବା ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ବେଆଇନ କଫ୍‌ସିରପ୍ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ୨୫୬/୨୫ନଂ ମାମଲାରେ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏମାନେ ଏତେ ପରିମାଣର କଫ୍‌ସିରପ୍ କେଉଁଠାରୁ ଏବଂ କାହା ମାଧ୍ୟମରେ ଆଣି ଗଚ୍ଛିତ ରଖୁଥିଲେ, ଅବକାରୀ ପୁଲିସ ତାହାର ଖୋଳତାଡ଼ ଆରମ୍ଭ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ତପସ୍ୱିନୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ସମଲେଶ୍ୱରୀ

## ସମଲେଇ ଗୁଡ଼ିରେ ନୂତନ ଧ୍ୱଜାରୋହଣ ସମ୍ପନ୍ନ

ସମ୍ବଲପୁର, ୬।୧୦ (ସମିସ): କୁମାର ପୂର୍ଣ୍ଣିମା ଅବସରରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହାସହ ଆଜି ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିରରେ ନୂତନ ଧ୍ୱଜାରୋହଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗତ ସେପ୍ଟେମ୍ବର ୧୪ ତାରିଖ ମୂଳାଷ୍ଟମୀ ତିଥିରେ ମା' ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବା ସହ ସମଲେଶ୍ୱରୀ ପୀଠରେ ଚାଲିଥିବା ଶାରଦୀୟ ଦଶହରା ଉତ୍ସବ ଆଜି ପୂର୍ଣ୍ଣିମା ତିଥିରେ ମା'ଙ୍କ ରାଜରାଜେଶ୍ୱରୀ ବେଶ ଓ ମନ୍ଦିରରେ ନୂତନ ଧ୍ୱଜାରୋହଣ ସହ ସମାପନ ହୋଇଛି।



ଆଜି କୁମାର ପୂର୍ଣ୍ଣିମା ତିଥିରେ ଅପରାହ୍ଣ ୧ଟା ସମୟରେ ମନ୍ଦିର ପୂଜକମାନେ ମା' ସମଲେଶ୍ୱରୀଙ୍କ ଶ୍ରୀଙ୍ଗାର କରିଥିଲେ। ଅପରାହ୍ଣ ୨ଟାରୁ ମା' ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ବେଶରେ ମା'ଙ୍କୁ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ମନ୍ଦିରରେ ଦର୍ଶନ ବନ୍ଦ କରାଯାଇ ସ୍ୱତନ୍ତ୍ର ଧ୍ୱଜା ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟା ୮ଟା ସମୟରେ ଧ୍ୱଜାରୋହଣ କରାଯାଇଥିଲା। ମନ୍ଦିର ଚୂଡ଼ାରେ ଧ୍ୱଜା ଲାଗିବା ପରେ ଶଙ୍ଖ, ଘଣ୍ଟ ଧ୍ୱନି ସହ ମା' ସମଲେଶ୍ୱରୀଙ୍କ ଜୟ ଜୟକାରରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ଚତୁଃପାର୍ଶ୍ୱ ତଥା ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏହି ଦୃଶ୍ୟ ଦେଖିଥିଲେ। ଏହାପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୦ଟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସମଲେଶ୍ୱରୀ ମନ୍ଦିରରେ ନବଦୁର୍ଗା ବେଶ ହେଉ ନଥିବାବେଳେ ଷୋଡ଼ଶ ଉପଚାର ପୂଜା ସମୟରେ ମା' ଷୋହଳ ଜ୍ୟୋତି ରୂପରେ ପୂଜା ପାଇବାସହ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ମା'ଙ୍କ ମନ୍ଦିରରେ କେବଳ ମହାଳୟା ତିଥିରେ ଧବଳମୁଖୀ ବେଶ ଏବଂ ପୂର୍ଣ୍ଣିମା ତିଥିରେ ରାଜରାଜେଶ୍ୱରୀ ବେଶ କରାଯାଇଥାଏ।

# ଏମ୍‌କେସିଜିରେ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍

ବ୍ରହ୍ମପୁର, ୬।୧୦(ସମିସ): ଏମ୍‌କେସିଜିକୁ ଜାତୀୟସ୍ତରୀୟ ହସ୍ପିଟାଲରେ ପରିଣତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ସମସ୍ତ ପ୍ରକାର ସେବା

- ■ ହନ୍ତସନ୍ତ ଶିଶୁ ବିଭାଗର କୋମଳମତି ଶିଶୁ
- ■ ଏକ୍ସ-ରେ ପାଇଁ ଦେବାକୁ ପଡୁଛି ୮ ଶହ ଟଙ୍କା

ଯୋଗାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ, ଶିଶୁ ବିଭାଗର ପରିଚାଳନା ତ୍ରୁଟି କାରଣରୁ ବହୁ କୋମଳମତି ଶିଶୁ ଉତ୍ତମ ଚିକିତ୍ସା ନିମନ୍ତେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ଶିଶୁଙ୍କ ନିମନ୍ତେ ରହିଥିବା ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମାସାଧିକ ସମୟ ହେବ ଅଚଳାବସ୍ଥାରେ ପଡ଼ି ରହିଛି। ଏଭଳି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବାରୁ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ରୋଗୀ ଏକ୍ସ-ରେ' ସେବାରୁ ବଞ୍ଚିତ ହେଉଛନ୍ତି।

ଏମ୍‌କେସିଜି ମେଡିକାଲ ଶିଶୁ ବିଭାଗର ଅଧୀନରେ ପିକୁ, ନିକୁ ଓ ଏସ୍‌ଏନ୍‌ସିୟୁ



ଭଳି ବିଭିନ୍ନ ବିଭାଗ ରହିଛି। ବିଭାଗରେ ନବଜାତଠାରୁ ଆରମ୍ଭ କରି ୧୬ ବର୍ଷ ପର୍ଯ୍ୟନ୍ତ ସଂକଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟରେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥା'ନ୍ତି। ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତାସ୍ଥଳେ ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ଏକ୍ସ-ରେ' କରିବାକୁ ପରାମର୍ଶ ଦେଇଥାନ୍ତି। ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ' କରିବାରେ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ ପୋର୍ଟେବଲ୍ ଏକ୍ସ-ରେ' ମେସିନର ବ୍ୟବସ୍ଥାର କରାଯାଇଛି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଉକ୍ତ ମେସିନ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର୍ ଉପରେ ନିର୍ଭର କରୁଛନ୍ତି। ରୋଗୀ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଡାଏଗ୍ନୋଷ୍ଟିକ ସେଣ୍ଟର୍‌ର କର୍ମଚାରୀମାନେ ମେଡିକାଲ ଶିଶୁ ବିଭାଗକୁ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ଆଣି ସଙ୍କଟାପନ୍ନ ଶିଶୁଙ୍କ ଏକ୍ସ-ରେ' କରୁଥିବା ଦେଖିବାକୁ ମିଳିଛି। ଏଥି ନିମନ୍ତେ ରୋଗୀଙ୍କୁ ୮ ଶହ ଟଙ୍କା ଦେବାକୁ ପଡୁଛି।

ବିଭାଗରେ ମାସାଧିକ କାଳ ହେବ ଏହି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବା ବେଳେ ଏହାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା ବିଭାଗ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଉନି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମରାମତି ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍‌ର ଆଡପ୍ଟର ଖରାପ ରହିଥିବା ବେଳେ ତାହା ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ । ଅଚାନକ ଖୁସି ଖବର ପାଇପାରନ୍ତି । ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ । ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ । ଇଂଜିନିୟରଙ୍କ ପାଇଁ ଦିନଟି ଭଲ । କୋର୍ଟ କଚରୀ ମାମଲାର ଶୁଣାଣି ହେବ । ଲୋକ ସମ୍ପର୍କ ବଢ଼ିବ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି । ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ । ବୁଝି ବିଚାରି କାମ କରନ୍ତୁ । ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ । ଜମି କାରବାରରେ ସଫଳ ହେବେ । ଅଯଥା କାମରେ ସମୟ ନଷ୍ଟ ହେବ ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ଅଫିସ୍‌ରେ ପଦୋନ୍ନତି ହୋଇପାରେ । ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି । ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି । ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ । ନୂଆ ଚାକିରି ମିଳିବା ସମ୍ଭାବନା ଅଛି । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ । ଯୋଗ ଏବଂ ପ୍ରାଣାୟମ କରନ୍ତୁ । ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ । ପ୍ରିୟଜନଙ୍କ କଥା ଦୁଃଖ ଦେବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପେଟ ଜନିତ ସମସ୍ୟା ଦେଖା ଦେବ । କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ ।

**ମକର:** ସମୟର ସଦୁପଯୋଗ କରିବେ । ପ୍ରେମ ସମ୍ବନ୍ଧ ମଜଭୁତ ହେବ । ଠକାମିର ଶିକାର ହେବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ । କଳାକାରଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ । ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ । ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ । ଚିନ୍ତା ଓ ଅବସାଦରେ ରହିବେ ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ବୈବାହିକ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୮୪୦- ୱିଲିୟମ୍ ଦ୍ୱିତୀୟ ନେଦରଲ୍ୟାଣ୍ଡର ରାଜା ହେଲେ ।
- ୧୯୧୯ - ଗାନ୍ଧିଜୀଙ୍କ 'ନବଜୀବନ' ପତ୍ରିକା ପ୍ରକାଶିତ ।
- ୧୯୫୦-ମଦର ଟେରେସା କଲିକତାରେ 'ମିସ୍‌ନାରିଜ୍ ଅଫ୍ ଚ୍ୟାରିଟି'ର ସ୍ଥାପନା କଲେ ।
- ୧୯୫୨- ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା ।
- ୧୯୯୨- ର୍‍ୟାପିଡ୍ ଆକ୍ସନ୍ ଫୋର୍ସର ସ୍ଥାପନା ।
- ୨୦୦୦- ଜାପାନ ମାନବ କ୍ଲୋନିଂକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କଲା ।
- ୨୦୦୪- ଜର୍ମାନୀ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଦାବିଦାରିକୁ ସମର୍ଥନ କଲା ।

## ଗେମ୍ ଡିଟକ୍ସ ସେଣ୍ଟର

ଆଜିର ଡିଜିଟାଲ ଯୁଗରେ ଅନଲାଇନ୍ ଗେମ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତଙ୍କର କେବଳ ଏହା ମନୋରଞ୍ଜନର ସାଧନ ହୋଇ ରହି ନାହିଁ, ବରଂ ନିଶା ପାଲଟିଛି । ଏହା କେବଳ ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରୁନି ବରଂ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ଜୀବନର ବିଭିନ୍ନ ଦିଗ ଉପରେ ଏହା ନକରାତ୍ମକ ପ୍ରଭାବ ପକାଉଛି । ସେହିପରି ଏହି ସମସ୍ୟା କେବଳ ଭାରତର ନୁହେଁ, ବରଂ ଅନ୍ୟ ଦେଶର ପିଲାଙ୍କୁ ବି ଏହା ପ୍ରଭାବିତ କରୁଛି । ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଚୀନ୍ ଏକ ବିଶେଷ ସେଣ୍ଟର ଆରମ୍ଭ କରିଛି । ଏଠାରେ ପିଲାଙ୍କୁ ଅନଲାଇନ୍ ଗେମ୍‌ରୁ ମୁକ୍ତି ଦେବା ପାଇଁ ସ୍ୱତନ୍ତ୍ର କୋର୍ସର ଆରମ୍ଭ କରାଯାଇଛି । ଏଠାରେ ଅନଲାଇନ୍ ଗେମ୍‌ରେ ଚିନ୍ତିତ ପିଲା ଓ ଯୁବପିଢ଼ିଙ୍କ ଲାଗି ଇ-ସ୍ପୋର୍ଟସ୍ କ୍ଲବ୍ ଏକ ନିଆରା



କୋର୍ସ ଆରମ୍ଭ କରିଛି । ଏହି କ୍ଲବ୍‌ଟି ହେବେଇ ଅଞ୍ଚଳରେ ଅବସ୍ଥିତ । ଏହାର ମାଲିକ ଲୁ ଚେନହାଓ ୨୦୧୮ ମସିହାରେ ପ୍ରଫେସନାଲ ଗେମରଙ୍କୁ ତାଲିମ ଦେବା ଲାଗି ଏହି କ୍ଲବ୍ ଖୋଲି ଥିଲେ । ଯଦିଓ ଅଧିକାଂଶ ପିଲା ପ୍ରଫେସନାଲ ଗେମର୍ ହେବାର ସ୍ୱପ୍ନ ଦେଖୁଛନ୍ତି, ହେଲେ ସେମାନେ ପାଠପଢ଼ା ଓ ଜୀବନର ସମସ୍ୟାରୁ ଦୂରେଇ ରହିବା ଲାଗି ଗେମିଂ ନିଶାରେ ପଡ଼ିଯାଉଥିବାର ସେ ଦେଖିଥିଲେ । ଏହି କାରଣ ଯୋଗୁଁ ଲୁ ୨୦୨୩ ମସିହାରେ ଏଥିରୁ ନିବୃତ୍ତ ରହିବାର କୋର୍ସ ଆରମ୍ଭ କଲେ । ତେବେ ଏ କୋର୍ସର ଫି' ପିଲାଙ୍କ ନିଶାର ସ୍ତର ଉପରେ ନିର୍ଭର କରେ । ୨୨ ଦିନର ଏହି କୋର୍ସ କରିବା ପାଇଁ ଜଣକୁ ୧.୧୬ ଲକ୍ଷ ଟଙ୍କା ଦେବାକୁ ହେବ । ଏହି କୋର୍ସରେ ପିଲାଙ୍କୁ ସକାଳ ୯ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଲଗାତାର ଗେମ୍ ଖେଳିବା ପାଇଁ କୁହାଯାଏ । କେବଳ ଖାଇବା ଏବଂ ଜଗିଂ ସମୟରେ ସେମାନଙ୍କୁ ବ୍ରେକ୍ ମିଳେ । ଏପରି ଲଗାତାର ଗେମ୍ ଖେଳିବା ଦ୍ୱାରା ପିଲାମାନେ ଏହାକୁ ପାଠପଢ଼ାଠାରୁ ମଧ୍ୟ କଷ୍ଟକର ବୋଲି ଭାବି ନିଅନ୍ତି । ଏହା ସହ ଧୀରେ ଧୀରେ ପିଲା ଗେମ୍ ଖେଳିବାରୁ ନିବୃତ୍ତ ରୁହନ୍ତି । ଏବେ ସୁଦ୍ଧା ଏହି କ୍ଲବ୍ ୪ ହଜାର ପିଲାଙ୍କୁ ଟ୍ରେନିଂ ଦେଇଛି, ଏଥିରୁ ୮୫ ପ୍ରତିଶତ ଗେମିଂ ନିଶାରେ କବଳିତ ଥିଲେ । ଅନ୍ୟପଟେ ଭାରତରେ ଅନଲାଇନ୍ ଗେମ୍ ନିଶା ଯେଭଳି ଭାବେ ବଢ଼ୁଛି, ଏହି ପ୍ରକାର ଗେମ୍ ସେଣ୍ଟରର ଆବଶ୍ୟକତା ଥିବା କୁହାଯାଉଛି ।



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବେ ମେଘନା ଗୁଲଜାରଙ୍କ ଫିଲ୍ମ 'ଦାୟରା'ର ସୁଟିଂ ଆରମ୍ଭ କରିଛନ୍ତି । କରିନାଙ୍କ ୨୫ ବର୍ଷର କ୍ୟାରିୟରର ଏହା ୬୮ତମ ଫିଲ୍ମ । ଏଥିରେ କରିନାଙ୍କ ସହ ସାଉଥ୍‌ର ଲୋକପ୍ରିୟ ଅଭିନେତା ପୃଥ୍ୱୀରାଜ ସୁକୁମାରନ ଦେଖାଯିବେ । ଏହା ଏକ କ୍ରାଇମ୍ ଡ୍ରାମା ଥ୍ରିଲର୍ ହେବ । ଏହା ଅପରାଧ, ଦଣ୍ଡ ଓ ନ୍ୟାୟ ମଧ୍ୟର ସଂଘର୍ଷକୁ ଉଜାଗର କରିବ । ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି । କରିନା ସୁଟିଂ ସେଟ୍‌ର କିଛି ଫଟୋ ସେୟାର୍ କରିଛନ୍ତି । ଏହି ଫଟୋରେ କରିନା ବଲିଉଡ୍‌ର ପ୍ରସିଦ୍ଧ ଗୀତିକାର ଗୁଲଜାରଙ୍କ ସହ ଦେଖାଯାଇଛନ୍ତି । ତେବେ ସେ ଗୁଲଜାରଙ୍କୁ ଭେଟି ଖୁସିଥିବା ଫଟୋରୁ ଜଣାପଡୁଛି । ଏହାସହ କରିନା ସୁଟିଂ ସେଟ୍‌ର କିଛି ଭିଡିଓ ମଧ୍ୟ ସେୟାର୍ କରିଛନ୍ତି । ଭିଡିଓରେ ପୃଥ୍ୱୀରାଜ ଖାକି ବର୍ଦ୍ଦି ପିନ୍ଧିଥିବାର ଦେଖାଯାଇଛନ୍ତି । ଏଥିରୁ ଫିଲ୍ମରେ ସେ ପୁଲିସ୍ ଅଫିସର ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି । ତେବେ ସୁଟିଂ ସେଟ୍‌ର ଫଟୋ ଓ ଭିଡିଓ ଆସିବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି ।

## ବିଶ୍ୱର ସବୁଠୁ ଛୋଟ ସାପ



ନିକଟରେ ବାରବାଡୋସ୍‌ର ବୈଜ୍ଞାନିକମାନେ ପାଖାପାଖି ୨୦ ବର୍ଷ ପରେ ପୁଣି ଥରେ ବିଶ୍ୱର ସବୁଠୁ ଛୋଟ ସାପର ସନ୍ଧାନ କରିଛନ୍ତି । ଏହି ସାପର ନାଁ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍' । ଏହାର ଲମ୍ବ ୭.୫ରୁ ୧୦ ସେଣ୍ଟିମିଟର । ସେହିପରି ଏହି ସାପ ଏତେ ପତଳା ଯେ, ଛୁଞ୍ଚିର ଛେଦରେ ବି ଫଶି ବାହାରି ପାରିବ । ତେବେ ଏହି ବର୍ଷ ମାର୍ଚ୍ଚ ମାସରେ ଏଠାକାର ଏକ ଛୋଟ ଜଙ୍ଗଲରେ ପରିବେଶ ବିଜ୍ଞାନୀ କର୍ଣ୍ଣର ବ୍ଲେଡସ୍ ଏକ ଗବେଷଣା କରୁଥିଲେ । ସେ ଏକ ପଥର ଉଠାଇବାରୁ ଏହାର ତଳେ ଅତ୍ୟନ୍ତ ପତଳା ବା ସୂତା ଭଳି ଜିନିଷ ଗୁଡ଼େଇ ହୋଇ ରହିଥିବା ସେ ଦେଖିବାକୁ ପାଇଲେ । ଏହାକୁ ସେ ନିରିଖେଇ ଦେଖିବାରୁ ଜାଣିବାକୁ ପାଇଲେ ଯେ, ଏହା କୌଣସି କୀଟ କି ପୋକ ନୁହେଁ, ବରଂ ସାପ । ୨୦ ବର୍ଷ ପୂର୍ବରୁ ଏହି ସାପକୁ ଦେଖାଯାଇଥିଲା । ଅନେକ ବିଶେଷଜ୍ଞ ଏହାକୁ ବିଲୁପ୍ତ ଘୋଷଣା କରିଛନ୍ତି । ହେଲେ କର୍ଣ୍ଣରଙ୍କ ଏହି ସନ୍ଧାନ ଏବେ ସମସ୍ତଙ୍କୁ ଚକିତ କରିଛି । ସାପଟିର ବିଶେଷତ୍ୱ ହେଉଛି ଏହା ଦେଖିପାରେ ନାହିଁ । ଏହା ଥରକରେ ଗୋଟିଏ ଅଣ୍ଡା ଦିଏ । ୧୮୮୯ ମସିହାରେ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'କୁ ପ୍ରଥମଥର ଦେଖିବାକୁ ମିଳିଥିଲା । ଏହାପରେ ଏହା ବହୁତ କମ୍ ଦେଖିବାକୁ ମିଳିଥିଲା । ୨୦ ବର୍ଷ ପରେ ଏହି ସାପ ପୁଣି ଥରେ ଦେଖାଯିବା ପରେ ଏହାକୁ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟକୁ ନିଆଯାଇଥିଲା । ସେଠାରେ ଏହାର ଶରୀରରେ ନାରଙ୍ଗୀ ରଙ୍ଗର ରେଖା ଏବଂ ନାକରେ ତରାଜୁ ଭଳି ଆକାର ଦେଖିବାକୁ ମିଳିଥିଲା । ଯାଞ୍ଚ ପ୍ରକ୍ରିୟା ପୂରା ହେବା ପରେ ଏହା ଥ୍ରେଡ୍ ସ୍ନେକ୍ ବୋଲି ଜଣାପଡ଼ିଥିଲା ।






## ମକାରେ ଫଲ୍ ଆର୍ମିୱର୍ମ



ବର୍ତ୍ତମାନ ମକା ଚାଷୀଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ମକା ଫସଲରେ ଫଲ୍ ଆର୍ମିୱର୍ମର ପ୍ରକୋପ ଅଧିକ ଦେଖିବାକୁ ମିଳିଥାଏ । ଫଲ୍ ଆର୍ମିୱର୍ମ ଏକ ବିନାଶକାରୀ କୀଟ । ଏହି କୀଟ ପୁରା ଫସଲକୁ ନଷ୍ଟ କରି ଦେଇଥାଏ । ଏହାର ଲାର୍ଭା, ମକା ପତ୍ର ଓ ମକାର ପ୍ରଜନନ ଅଙ୍ଗକୁ ଖାଇ ଖାଇ ନଷ୍ଟ କରିଦିଏ । ଉଦ୍ଭିଦ କୋଷକୁ କଣା କରି ଗଛକୁ ଖୋଳପା କରେ । ଫଳରେ ଫସଲ ନଷ୍ଟ ହୋଇଯାଏ । ତେଣୁ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଚାଷୀଭାଇମାନେ ନିୟମିତ ଫସଲର ଦେଖାରଖା କରିବା ଜରୁରି । ଯଦି କୀଟର ପ୍ରକୋପ ୧୦ ପ୍ରତିଶତରୁ କମ୍ ଥାଏ, ତେବେ ରାସାୟନିକ ଔଷଧ ସିଞ୍ଚନର ଆବଶ୍ୟକ ନ ଥାଏ । ଏହି ସ୍ଥାନରେ ନିମ୍ବ ଅର୍କ କିମ୍ବା ଜୈବିକ ଖତ ବ୍ୟବହାର କରିପାରିବେ । ଯଦି ପୋକର ପ୍ରକୋପ ୧୦ ପ୍ରତିଶତରୁ ଅଧିକ ଥାଏ, ତେବେ କ୍ଲୋରାଣ୍ଟ୍ରାନିଲିପ୍ରୋଲ କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ ୪ମିଲି ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ତେବେ ଏହି ଚାଷ ଆରମ୍ଭ ପୂର୍ବରୁ ଗଭୀର ହଳ କରିବା ସହ ମାଟିକୁ କିଛି ସମୟ ଖରାଦେବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । କେବଳ ସେତିକି ନୁହେଁ, ଜମିକୁ ସଫା ଓ ସ୍ୱଚ୍ଛ ରଖିବା, ଘାସ ନିୟନ୍ତ୍ରଣ ଏବଂ ବରୁଗୁଡି କିମ୍ବା ନେପିୟର ଘାସ ଲଗାଇପାରିବେ । ଡାଲିଜାତୀୟ ଫସଲ ସହିତ ଅନ୍ତଃଫସଲ ଲଗାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି ।

## ଫସଲରୁ ରୋଗ ଚିହ୍ନିବ ଏଆଇ



ଭାରତ ଏକ କୃଷିପ୍ରଧାନ ଦେଶ । ଏଠାରେ ଅଧିକାଂଶ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ । ତେବେ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହେଲେ ବିଭିନ୍ନ କାରଣରୁ ଚାଷୀମାନେ ଫସଲରୁ ସହଜରେ ରୋଗ ଓ ପୋକ ଚିହ୍ନଟ କରିପାରିନଥାନ୍ତି । ଫଳରେ କୀଟନାଶକ ସିଞ୍ଚନ ପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ହେଲେ ଏବେ ଏଆଇ ଏହି ସମସ୍ୟାକୁ ଦୂର କରିବ । ହରିୟାଣା, ରୋହତାକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଏକ ସ୍ମାର୍ଟ କୌଶଳ ବିକଶିତ କରିଛନ୍ତି । ଏହା ଫସଲରେ ଲାଗୁଥିବା ରୋଗପୋକକୁ ଶୀଘ୍ର ଚିହ୍ନଟ କରିବ । ବୈଜ୍ଞାନିକମାନେ କଲରା ପତ୍ରରେ ରୋଗ ଓ ପୋଷକତତ୍ତ୍ୱର ଅଭାବ ବିଷୟରେ ଜାଣିବାକୁ ଡିପ୍ ଲର୍ଣ୍ଣିଂ ସାହାଯ୍ୟରେ ଏଆଇ ମଡେଲ ପ୍ରସ୍ତୁତ କରିଥିଲେ । ଏହା ଏକ ୱେବ୍ ଆପ୍ଲିକେଶନ । ଏହାର ନାଁ ଦିଆଯାଇଛି ଏଗ୍ରିକ୍ୟୁରୋ । ଏହି ଏଆଇ ଟୁଲ୍ କେବଳ କଲରା ନୁହେଁ, କଖାରୁଜାତୀୟ ସମେତ ଅନ୍ୟ ଫସଲରେ ଲାଗୁଥିବା ରୋଗପୋକକୁ ନିରୀକ୍ଷଣ କରିବ । ଫଳରେ ଚାଷୀମାନେ ଫସଲରେ ପ୍ରାରମ୍ଭିକ ଅବସ୍ଥାରୁ କୀଟ ଚିହ୍ନଟ କରି ଏହାକୁ ସହଜରେ ନିୟନ୍ତ୍ରଣ କରିପାରିବେ । ଏନେଇ ଏଆଇ ଟୁଲ୍ ସ୍ମାଟଫୋନ୍‌ରୁ ନେଇଥିବା ଫଟୋ ସାହାଯ୍ୟରେ ଫସଲର ନିମ୍ନମୁଖୀ ପତ୍ରପୋଡ଼ା ରୋଗ ସମେତ ଯବକ୍ଷାରଜାନ, ପଟାସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱର ଅଭାବ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ । ତା ସହିତ ଉପରୋକ୍ତ ସମସ୍ୟାର ସମାଧାନ ସୂତ୍ର ମଧ୍ୟ ଏଆଇ ବତାଇପାରିବ । ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜବୀର ସିଂହ କୁହନ୍ତି, ଏହି କୌଶଳକୁ ଏବେ ଡ୍ରୋନ୍ ଏବଂ ଆଇଓଟି ଉପକରଣ ସହିତ ସଂଯୋଗ କରିବାକୁ ଯୋଜନା କରାଯାଉଛି । ଏଆଇ ଆଧାରିତ କୌଶଳଟି ଚାଷୀଙ୍କ ପାଇଁ ବରଦାନ ସଦୃଶ ହେବ ।

## ପାଣିରେ ଅଦା ଚାଷ

**ଭାରତୀୟ ରୋଷେଇ ଘରେ ଅଦା ଏକ ଅତ୍ୟାବଶକୀୟ ସାମଗ୍ରୀ । ଖାଦ୍ୟର ସ୍ୱାଦ ବଢ଼ାଇବାକୁ ଅଦାକୁ ମସଲା ଭାବେ ବ୍ୟବହାର କରାଯାଏ । ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର । ତେବେ ଅଧିକାଂଶ ନିଜ ଘର ବାଡ଼ି ବଗିଚାରେ କୁଣ୍ଡ ଦ୍ୱାରା ଅଦା ଲଗାଇଥାନ୍ତି । ହେଲେ ଏବେ ପାଣିରେ ବି ଅଦା ଚାଷ ହୋଇପାରିବ ।**



ପାଣିରେ ଅଦା ଫଳାଇବାକୁ ଉନ୍ନତ କିସମ ଅଦା ତଥା ତଟକା, ମୋଟା ଏବଂ ଗଜା ଥିବା ଅଦା ବାଛି ପାରିବେ । ସଢ଼ା କିମ୍ବା ଫିମ୍ପି ମାରି ଥିବା ଅଦା ବ୍ୟବହାର କରିବା ଅନୁଚିତ । ଅଦା ରାତିସାରା ପାଣିରେ ଭିଜିଲେ ଶୀଘ୍ର ଗଜା ହୋଇଥାଏ । ଏହା ଏକ ଇଞ୍ଚରୁ ଦେଢ଼ ଇଞ୍ଚ ରହିବା ଆବଶ୍ୟକ । ପରେ କାଚ ଜାର୍‌ରେ ପାଣି ନେଇ ଜାର୍‌ଟିକୁ ସୂର୍ଯ୍ୟକିରଣ ପଡୁଥିବା ଓ ବାୟୁଚଳାଚଳ ହେଉଥିବା ସ୍ଥାନରେ ରଖିପାରିବେ । ମନେ ରଖିବେ, ଅଦା ଚେର ପାଣିକୁ ହାଲୁକା ଛୁଇଁବା ଆବଶ୍ୟକ । ପାଣିରେ ଅଦା ବୁଡି ନ ଯାଏ ତାହା ଧ୍ୟାନ ଦେବେ । ଜାର୍‌ର ପାଣିକୁ ପ୍ରତି ୨ରୁ ୩ ଦିନ ଅନ୍ତରରେ ବଦଳାଇବା ଜରୁରି । ଏହାଦ୍ୱାରା କବକ ଏବଂ ଜୀବାଣୁମୁକ୍ତ ହୋଇଥାଏ । ଯଦି ଚାହିଁବେ, ପାଣିରେ ଲେମ୍ବୁରସ ବୁନ୍ଦା ପକାଇ ପାରିବେ । ଏହି ପ୍ରକ୍ରିୟାରେ ୮ରୁ ୧୦ ଦିନରେ ଅଦାରେ ଛୋଟ ଛୋଟ ଗଜା ବାହାରିବାକୁ ଲାଗେ । ଅଦା ୬ରୁ ୮ ଇଞ୍ଚ ବଢ଼ିଗଲେ, ଏହାକୁ ହାଲୁକା ମାଟି କିମ୍ବା ଖତ ଦେଇ ଲଗାଇପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।
- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି । ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ ।
- ବର୍ଷା ପରେ ବାଇଗଣ, ଟମାଟୋ ଓ ଲଙ୍କା ଗଛ ମୂଳରେ ପାଣି ଜମି ରହିଲେ କବକ ଜନିତ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି । ଏଥିପାଇଁ ଗଛ ମୂଳରେ ଅଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ । ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ । ଜମିରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ ।
- କୁକୁଡ଼ା ଚିଆଁମାନେ ୩ରୁ ୪ସପ୍ତାହର ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ପ୍ରତିଷେଧକ ଟିକାକରଣ କରାନ୍ତୁ ।

## କୁକୁଡ଼ାଙ୍କ ଟିକାକରଣ ପରର ସତର୍କତା

**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ାପାଳନ କରି ଜୀବିକା ନିର୍ବାହ କରନ୍ତି । ତେବେ କୁକୁଡ଼ାମାନଙ୍କ ଶରୀର ବୃଦ୍ଧି ତଥା ବିଭିନ୍ନ ରୋଗ ଯଥା - ମାରେକ୍ସ, ରାଣୀକ୍ଷେତ, ଗୁମ୍ବୋରୋ, ଫାଉଲ୍‌ପକ୍ସ ଆଦି ନିରାକରଣ ପାଇଁ ସେମାନଙ୍କୁ ବୟସ ଅନୁସାରେ ଟିକା ଦେବାର ବ୍ୟବସ୍ଥା ଅଛି । ତେବେ ଟିକାକରଣ ପରେ କୁକୁଡ଼ାମାନଙ୍କର ବିଶେଷ ଯତ୍ନ ନେବା ଆବଶ୍ୟକ ।**

- ସର୍ବଦା ସନ୍ଧ୍ୟା ସମୟରେ ପାଳନ କରାଯାଉଥିବା ସମସ୍ତ କୁକୁଡ଼ାମାନଙ୍କୁ ଟିକା ଦେବା ଉଚିତ । ଟିକାକରଣ ପରେ କୁକୁଡ଼ାଙ୍କୁ କିଛି ସମୟ ପାଇଁ ଶାନ୍ତ ବାତାବରଣରେ ଆରାମ ଦେବାର ବନ୍ଦୋବସ୍ତ କରନ୍ତୁ । ଅଯଥା ଗହଳି , ଶବ୍ଦ କରିବା ଅନାବଶ୍ୟକ ।
- ସେମାନଙ୍କ ପାଖେ ପର୍ଯ୍ୟାପ୍ତ ମାତ୍ରାର ପିଇବା ପାଣି ରଖନ୍ତୁ । ଯଦି ପାଣି ମାଧ୍ୟମରେ ଟିକା ଦିଆଯାଇଛି ତେବେ ଏକ ଘଣ୍ଟା ପରେ ପାଣି ବଦଳାଇପାରିବେ ।
- ସେହିପରି ଟିକା ଦେବା ପରେ କିମ୍ବା ତିନି ଦିନ ପୂର୍ବରୁ ପାଣିରେ ଇଲେକ୍ଟ୍ରୋଲାଇଟସ୍, ସପ୍ଲିମେଣ୍ଟ, ଗ୍ଲୁକୋଜ କିମ୍ବା ଭିଟାମିନ୍ ମିଳାଇ କୁକୁଡ଼ାଙ୍କୁ ପିଇବାକୁ ଦେଇପାରିବେ ।
- ଟିକାର ଏକ୍ସପାଏରୀ ତାରିଖ, ସଂରକ୍ଷଣ, କୋଲ୍ଡଚେନ୍ ଠିକ୍ ଭାବେ ହୋଇଛି କି ନାହିଁ ତାହାକୁ ଧ୍ୟାନ ଦିଅନ୍ତୁ । କୁକୁଡ଼ାମାନଙ୍କର ସମସ୍ତ ଟିକା ସିଡ୍ୟୁଲ ଅନୁସାରେ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଲେ, ସେମାନଙ୍କଠାରେ ରୋଗପ୍ରତିରୋଧକ କ୍ଷମତା ବଢ଼ିଥାଏ ।
- ଧ୍ୟାନ ଦେବେ ରୋଗାଗ୍ରସ୍ତ କୁକୁଡ଼ା, ଅସୁସ୍ଥତା ଅନୁଭବ କରୁଥିବା କୁକୁଡାଙ୍କୁ ଟିକା ଦେବା ଅନୁଚିତ ।



## ଧାବିକା ଧନଲକ୍ଷ୍ମୀ ସାମୟିକ ବାସନ୍ଦ



ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ତାମିଲନାଡୁର ଜଣାଶୁଣା ଧାବିକା ଧନଲକ୍ଷ୍ମୀ ଶେକର ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି । ଗତ ଜୁଲାଇ ୨୭ରେ ପଞ୍ଜାବରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍ ଅବସରରେ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଯାହାର ରିପୋର୍ଟ ସଦ୍ୟ ପ୍ରକାଶ ପାଇଥିଲା । ଏଥିରେ ୨୭ ବର୍ଷୀୟା ଧନଲକ୍ଷ୍ମୀଙ୍କ ରିପୋର୍ଟ ପଜିଟିଭ ଆସିଛି । ସେ ଷ୍ଟେରଏଡ୍ ଡ୍ରୋଷ୍ଟାନୋଲୋନ ସେବନ କରିଥିବା ଜଣାପଡ଼ିଛି । ଫଳରେ ଧନଲକ୍ଷ୍ମୀଙ୍କୁ ତୁରନ୍ତ ସାମୟିକ ବାସନ୍ଦ କରାଯାଇଛି । ଧନଲକ୍ଷ୍ମୀ ୨୦୨୨ରେ ପ୍ରଥମଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ । ଏଥିଲାଗି ତାଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା । ଗତ ଜୁଲାଇ ୧୭ରେ ସେ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରି ପଞ୍ଜାବ ମିଟ୍‌ରେ ଭାଗନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ୧୦୦ ମିଟର ରେସକୁ ୧୧.୫୬ ସେକେଣ୍ଡରେ ଫିନିଶ କରି ପୋଡିୟମ ଶୀର୍ଷରେ ରହିଥିଲେ । ଉଲ୍ଲେଖଯୋଗ୍ୟ, ଧନଲକ୍ଷ୍ମୀ ଏବେ ୮ ବର୍ଷ ବାସନ୍ଦ ହୋଇପାରନ୍ତି । ଜଣେ ଆଥ୍‌ଲେଟ୍ କ୍ୟାରିୟରରେ ଦ୍ୱିତୀୟଥର ଡୋପ୍ ଟେଷ୍ଟରେ ବିଫଳ ହେଲେ ୮ ବର୍ଷ ବାସନ୍ଦ ହେବାର ନିୟମ ରହିଛି । ଯଦି ସେ ଅଜାଣତରେ ନିଷିଦ୍ଧ ଔଷଧ ସେବନ କରିଥାନ୍ତି ତେବେ ତାଙ୍କ ଦଣ୍ଡାଦେଶ କୋହଳ ହୋଇପାରେ । ଧନଲକ୍ଷୀ ସେବନ କରିଥିବା ଡ୍ରୋଷ୍ଟାନୋଲୋନ ଏକପ୍ରକାର ଷ୍ଟେରଏଡ୍ । ଯାହାକି ଶରୀରକୁ ମାଂସପେଶୀ ଓ ଶକ୍ତି ବୃଦ୍ଧିରେ ସହାୟତା କରିଥାଏ ।

## ସାଂଘାଇ ମାଷ୍ଟର୍ସରୁ ଜ୍ୱେରେଭ ବିଦା

ସାଂଘାଇ, ୬ ।୧୦ (ଏଜେନ୍ସି): ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଲେକ୍ସଜାଣ୍ଡର ଜ୍ୱେରେଭ ଚଳିତ ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସୋମବାର ଅନୁଷ୍ଠିତ ରାଉଣ୍ଡ-୩୨'ର



ଏକ ମ୍ୟାଚରେ ଜର୍ମାନୀର ଜ୍ୱେରେଭ ୬-୪, ୩-୬, ୨-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ଥିବା ଫ୍ରାନ୍ସର ଆର୍ଥର ରିନଡେର୍କନେଚ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପ୍ରଥମ ସେଟ୍‌ରେ ଜ୍ୱେରେଭ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ଆର୍ଥର ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ହାତେଇନେଇଥିଲେ । ୩୦ ବର୍ଷୀୟ ଆର୍ଥର ତାଙ୍କ କ୍ୟାରିୟରରେ ୩ୟଥର ଲାଗି କୌଣସି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ପ୍ରି-କ୍ୱାର୍ଟରରେ ସେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ଭେଟିବେ । ପୂର୍ବରୁ ଅନ୍ୟ ଏକ ମ୍ୟାଚରେ ଆଲେକ୍ସ ଡି ମିନାଉର୍ ୬-୧, ୭-୫ ସିଧାସଳଖ ସେଟରେ କାମିଲ ମାଜଚାଜାକଙ୍କୁ ହରାଇ ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି ।

### ଆବିୟା ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦ ଜିତିଲେ ୩ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬ ।୧୦ (ସମିସ)



ତାରକା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ନାଇଜେରିଆର ଆବିୟା ରାଜ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରମୋଦ ୩ଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୭, ୯-୨୧, ୨୧-୯ରେ ସାଥୀ ଭାରତୀୟ ଖେଳାଳି ମଣ୍ଟୁ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଏହାପରେ ପ୍ରମୋଦ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ଭାରତର ସୁକାନ୍ତ କଦମଙ୍କୁ ସାଥୀ କରି ୨୧-୧୩, ୨୧-୧୭ରେ ପେରୁର ଗେରସନ ଜାରି ଓ ଡିଆନା ଗୋଲାକ ଯୋଡ଼ିଙ୍କୁ ହରାଇଥିଲେ । ୩୭ ବର୍ଷୀୟ ପ୍ରମୋଦ ନିଜର ୩ୟ ସ୍ୱର୍ଣ୍ଣ ପଦକ ମିକ୍ସଡ ଇଭେଣ୍ଟରୁ ପାଇଥିଲେ ।

ମିକ୍ସଡ ଫାଇନାଲରେ ପ୍ରମୋଦ ଓ ଆରତୀ ପାଟିଲଙ୍କୁ ସାଥୀ କରି ବିଜୟୀ ହୋଇଥିଲେ । 'ପ୍ରତ୍ୟେକ ବିଜୟ ମୋତେ ଆଗକୁ ବଢ଼ାଇବାକୁ ପ୍ରେରଣା ଯୋଗାଇଥାଏ । ଏଭଳି ଅନ୍ତର୍ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିବା ସର୍ବଦା ସ୍ୱତନ୍ତ୍ର' ବୋଲି ୩୭ ବର୍ଷୀୟ ପ୍ରମୋଦ ଭଗତ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଏହି ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ବର୍ଷରେ ନିଜ ଠିକଣା ପ୍ରଦାନ କରିବାରେ ବିଫଳ ହେବାରୁ ବାସନ୍ଦର ସମ୍ମୁଖୀନ ହୋଇଥିଲେ । ଯେଉଁଥି ପାଇଁ ସେ ପ୍ୟାରିସ ପାରା ଅଲିମ୍ପିକ୍ସରୁ ବଞ୍ଚିତ ହୋଇଥିଲେ ।

### ଓଡ଼ିଶା ଖେଳାଳିଙ୍କ ଚମକ

ପ୍ରମୋଦଙ୍କ ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ୩ଜଣ ଖେଳାଳି ନୁରୁଲ ହୋସେନ ଖାନ, କୁଳଦୀପ୍ ମହାକୁଳ ଓ ବିଶ୍ୱରଞ୍ଜନ ପଣ୍ଡା ମଧ୍ୟ ପଦକ ସଫଳତା ପାଇଛନ୍ତି । ନୁରୁଲ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ ଇଭେଣ୍ଟରେ ରୌପ୍ୟ ଏବଂ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିଭଳି କୁଳଦୀପ୍ ଓ ବିଶ୍ୱରଞ୍ଜନ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । କୁଳଦୀପ୍ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ ଇଭେଣ୍ଟରେ ଏବଂ ବିଶ୍ୱରଞ୍ଜନ ଡବଲ୍ସର ଏସ୍‌ୟୁ-୫ ଇଭେଣ୍ଟରେ ଅଂଶଗ୍ରହଣ କରି ଏହି ସଫଳତା ପାଇଥିଲେ ।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ଚାମ୍ପିଅନସିପ୍

## ବିଜୟରୁ ଭାରତର ଅଭିଯାନ ଆରମ୍ଭ

ଗୌହାଟୀ, ୬ ।୧୦ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଆୟୋଜକ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ଭାରତୀୟ ମିକ୍ସଡ ଟିମ୍ ଦଳ ପ୍ରଥମ ମ୍ୟାଚରେ ୪୫-୧୮, ୪୫-୧୭ ଗେମରେ ନେପାଳକୁ ହରାଇଥିଲା । ଏହି ମ୍ୟାଚରେ ବାଳକ ଡବଲ୍ସରେ ଭାରତର ଭାର୍ଗବ ରାମ ଓ ବିଶ୍ୱ ତେଜ୍ ଯୋଡ଼ି ୯-୩ରେ ବିଜୟୀ ହୋଇଥିଲେ । ସେହିଭଳି ବାଳିକା ଉନ୍ନତି ହୁଦା ଓ ତନଭୀ ଶର୍ମା ମଧ୍ୟ ସହଜରେ ନେପାଳ ପ୍ରତିପକ୍ଷ ଖେଳାଳିଙ୍କୁ ପରାସ୍ତ କରିଥିଲେ । ଏହି ଚାମ୍ପିଅନସିପ୍‌ରେ ମୋଟ୍ ୩୬ଟି ଦଳକୁ ୮ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍-ଏଚ୍'ରେ ସ୍ଥାନ ପାଇଥିବା ଆୟୋଜକ ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଶ୍ରୀଲଙ୍କାକୁ ଏବଂ ବୁଧବାର ୟୁଏଇ ସହ ଖେଳିବ । ଉଦ୍‌ଘାଟନୀ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଶ୍ରୀଲଙ୍କା ୩୦-୪୫, ୪୫-୩୪, ୪୫-୪୪ରେ ଶ୍ରୀଲଙ୍କାକୁ, ଚାଇନା ୪୫-୧୪, ୪୫-୧୦ରେ ଘାନାକୁ, କୋରିଆ ୪୫-୨୨, ୪୫-୨୯ରେ ହଙ୍ଗେରୀକୁ ହରାଇଥିଲା ।

## ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜ୍ କ୍ରିକେଟର୍ ଜୁଲିଏନ୍‌ଙ୍କ ପରଲୋକ

ତ୍ରିନିଦାଦ୍, ୬ ।୧୦(ଏଜେନ୍ସି): ୱେଷ୍ଟଇଣ୍ଡିଜ ପୂର୍ବତନ ଅଲରାଉଣ୍ଡର ବର୍ଣ୍ଣାଡ ଜୁଲିଏନଙ୍କ ନର୍ଥ ତ୍ରିନିଦାଦର ଟାଉନ୍ ଅଫ୍ ଭାଲସେନରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ସେ ମୁଖ ଗହ୍ୱର କର୍କଟ ରୋଗରେ ପୀଡିତ ଥିଲେ । ଜୁଲିଏନ ୧୯୭୫ ବିଶ୍ୱକପ୍ ଚାମ୍ପିଅନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ । ତାଙ୍କ ଦେହାନ୍ତରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଏକ୍ସରେ



ପୋଷ୍ଟ କରି ଶୋକ ଜାହିର କରିଛି । ୧୯୭୩ ଜୁଲାଇ ୨୬ରେ ସେ ପ୍ରଥମ ଟେଷ୍ଟ ଖେଳିବା ସହ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ଜୁଲିଏନ୍ ତାଙ୍କ କ୍ୟାରିଅରରେ ୨୪ ଟେଷ୍ଟ ଓ ୧୨ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ । ସେ ଅନ୍ତର୍ଜାତୀୟ କ୍ରିକେଟରେ ୬୮ ଟି ୱିକେଟ ନେବା ସହ ୯୫୨ ରନ ସଂଗ୍ରହ କରିଥିଲେ । ଟେଷ୍ଟ ଫର୍ମାଟରେ ସେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ଅର୍ଜନ କରିବା ସହ ୫୦ଟି ୱିକେଟ ଅକ୍ତିଆର କରିଥିଲେ । ସେହିପରି ଦିନିକିଆ ଫର୍ମାଟରେ ସେ ୧୮ ଟି ୱିକେଟ ଅକ୍ତିଆର କରିଥିଲେ । ୧୯୭୫ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ସେ ୩୭ ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ୨୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ଉଚ୍ଚକୋଟୀର ବାମହାତୀ ଦ୍ରୁତ ବୋଲର ସହ ହାର୍ଡ ହିଟର ବ୍ୟାଟର ଥିଲେ । ବର୍ଣ୍ଣାଡ ୧୯୭୦ରୁ ୧୯୭୭ ମଧ୍ୟରେ କେଣ୍ଟ ଟିମ୍ ତରଫରୁ ଇଂଲିଶ କାଉଣ୍ଟି ଖେଳିଥିଲେ । ସେ ୧୯୬୮ରୁ ୧୯୮୨ ମଧ୍ୟରେ ତ୍ରିନିଦାଦ ଓ ଟବାଗୋ ଦଳ ତରଫରୁ ଘରୋଇ କ୍ରିକେଟ ଖେଳିଥିଲେ ।

## ବାସ୍କେଟବଲ୍ ଜାତୀୟ ଚାମ୍ପିଅନସିପ୍ ଆରମ୍ଭ




ଭୁବନେଶ୍ୱର, ୬ ।୧୦ (ସମିସ): ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶା ଆନୁକୂଲ୍ୟରେ ବାସ୍କେଟବଲ୍ ଜାତୀୟ ଚାମ୍ପିଅନସିପ୍ ସୋମବାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୬ଟି ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଛନ୍ତି । ସିନିଅର, ଜୁନିଅର ଓ ସବ୍-ଜୁନିଅର ବର୍ଗରେ ମ୍ୟାଚ୍ ଖେଳାଯିବ । ଅବସରପ୍ରାପ୍ତ କର୍ଣ୍ଣେଲ ଡକ୍ଟର କେଦାରନାଥ ଦାଶ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ, ସ୍ପେଶାଲ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଗୋକୁଳାନନ୍ଦ ଦାଶ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଖ, କେଟି ଗ୍ଲୋବାଲ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ ।

## ୩ ସପ୍ତାହ ପୂର୍ବରୁ ଏମ୍‌ସିଜି ଟିକଟ୍ ବିକ୍ରି ଶେଷ

ମେଲବୋର୍ଣ୍ଣ, ୬ ।୧୦(ଏଜେନ୍ସି): ଅକ୍ଟୋବର ୧୯ରୁ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ସୀମିତ ଓଭର କ୍ରିକେଟ ସିରିଜ ଆରମ୍ଭ ହେବାକୁ ଯାଉଛି । ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ । ଏହାପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ ଆରମ୍ଭ ହେବ । ମେଲବୋର୍ଣ୍ଣରେ ଦ୍ୱିତୀୟ ଟି-୨୦ ଅକ୍ଟୋବର ୩୧ରେ ଆୟୋଜନ ହେବ । ବିରାଟ କୋହଲି ଓ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେଇ ସାରିଛନ୍ତି । ତେଣୁ ଏହି ଦୁଇ ସୁପରଷ୍ଟାର ଏହି ମ୍ୟାଚ୍ ଖେଳିବେ ନାହିଁ । କିନ୍ତୁ ଏହା ସତ୍ତ୍ୱେ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ସବୁ ଟିକଟ ମ୍ୟାଚର ୩ ସପ୍ତାହ ପୂର୍ବରୁ ବିକ୍ରି ସରିଛି । ଦର୍ଶକ ଏବେ ଅଭିଷେକ ଶର୍ମା ଓ ଗିଲ୍‌ଙ୍କ ଭଳି ଯୁବ ତାରକାଙ୍କୁ ଦେଖିବାକୁ ଉତ୍ସାହି ଅଛନ୍ତି । କୋହଲି ଓ ରୋହିତଙ୍କ ଅନୁପସ୍ଥିତି ସତ୍ତ୍ୱେ ଏକ ଲକ୍ଷ ଦର୍ଶକ କ୍ଷମତା ବିଶିଷ୍ଟ ଏମ୍‌ସିଜି ଟିକଟ୍ ଶେଷ ହୋଇଯିବା କ୍ରିକେଟ ପାଇଁ ଶୁଭଙ୍କର ବୋଲି କୁହାଯାଉଛି ।

## ପାକିସ୍ତାନ ବ୍ୟାଟର୍ ଅମିନଙ୍କ ୫୦ ପ୍ରତିଶତ ଫି' କଟିଲା



ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଆୟୋଜକ ଭାରତ ୮୮ ରନରେ ପାକିସ୍ତାନ ଦଳକୁ ମାତ୍ ଦେଇଥିଲା । ରବିବାର କଲମ୍ବୋର ଆର୍ ପ୍ରେମଦାସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୪୭ ରନ କରିଥିଲା । ଜବାବରେ ପାକିସ୍ତାନ ୪୩ ଓଭରରେ ୧୫୯ ରନରେ ଅଲ୍‌ଆଉଟ୍ ହୋଇ ଲଜ୍ଜାଜନକ ପରାଜୟବରଣ କରିଥିଲା । ଏହି ମ୍ୟାଚରେ ୮୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର୍ ସିଦ୍ରା ଅମିନଙ୍କ ଉପରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବଡ଼ ଜରିମାନା ଲଗାଇଛି । ଆଇସିସି ତାଙ୍କ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଅର୍ଥରାଶି କାଟିଦେଇଛି । ମ୍ୟାଚରେ ଅମିନ ୪୦ତମ ଓଭରରେ ସ୍ନେହ ରାଣାଙ୍କ ବଲରେ ଅଧିନାୟିକା ହର୍‌ମନପ୍ରୀତ୍ କୌରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ତେବେ ଆଉଟ୍ ହେବାପରେ ରାଗିଯାଇ ସେ ବ୍ୟାଟ୍‌କୁ ଭୂମିରେ ଶକ୍ତ ଆଘାତ କରିଥିଲେ । ଯାହାକି ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଂଘନ କରିଥିଲା । ଆଇସିସିର ଏହି ଧାରା ଅନୁଯାୟୀ, ଯଦି ଖେଳାଳି ମ୍ୟାଚ୍ ସମୟରେ କ୍ରିକେଟ୍ ଉପକରଣ, ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାନ୍ତି ତେବେ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇଥାଏ ।

### ଆଇସିସି ମହିଳା ବିଶ୍ୱକପ୍

## ବ୍ରିଟ୍ସଙ୍କ ଶତକରେ ଦକ୍ଷିଣ ଆଫ୍ରିକା ବିଜୟୀ

ଇନ୍ଦୋର, ୬ ।୧୦ (ଏଜେନ୍ସି)



ଓପନର୍ ତାଜମିନ ବ୍ରିଟ୍ସଙ୍କ ରେକର୍ଡ ଶତକୀୟ ପାଳି ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ୨୩୨ ରନର ଟାର୍ଗେଟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୦.୫ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା । ଓପନର୍ ବ୍ରିଟ୍ସ ୧୦୧ ଓ ନଂ-୩ରେ ଆସିଥିବା ସୁନେ ଲସ୍ ଅପରାଜିତ ୮୩ ରନର ପାଳି ଖେଳି ଦଳକୁ ଚଳିତ ବିଶ୍ୱକପ୍‌ରେ ପ୍ରଥମ ବିଜୟ ଭେଟି ଦେଇଥିଲେ । ଉଭୟ ଦ୍ୱିତୀୟ ୱିକେଟରେ ୧୫୯ ରନର ଭାଗୀଦାରି ଗଢ଼ି ବିଜୟ ପଥ ପରିଷ୍କାର କରିଥିଲେ । ବ୍ରିଟ୍ସ ତାଙ୍କ ୮୯ ବଲ୍ ପାଳିରେ ୧୫ ଚୌକା ଓ ଗୋଟିଏ ଛକା ମାରିଥିଲେ । ୩୪ ବର୍ଷୀୟା ବ୍ରିଟ୍ସ ଏହି ଶତକୀୟ ପାଳି ଅବସରରେ ଏକ ବିଶ୍ୱରେକର୍ଡ କରିଛନ୍ତି । ଚଳିତ ବର୍ଷ ଏହା ତାଙ୍କର ଦିନିକିଆରେ ୧୧ତମ ମ୍ୟାଚରୁ ୫ମ ଶତକ ଥିଲା । ଏଥିସହ ଗୋଟିଏ ବର୍ଷରେ ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ଅର୍ଜନ କରିବାରେ ସେ ଭାରତର ସ୍ମୃତି ମନ୍ଧାନାଙ୍କୁ ପଛରେ ପକାଇ ଦେଇଛନ୍ତି । ମନ୍ଧାନା ୨୦୨୪ ଓ ୨୦୨୫ରେ ୪ଟି ଲେଖାଏ ଶତକ ମାରିଛନ୍ତି ।

ପୂର୍ବରୁ ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ଅଧିନାୟିକା ସୋଫି ଡିଭାଇନଙ୍କ ଅର୍ଦ୍ଧଶତକ ବଳରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଥିଲା । ସୋଫି ସର୍ବାଧିକ ୮୫ ରନ କରିଥିଲେ । ବ୍ରୁକ୍ ହଲିଡେ ୪୫, ଜର୍ଜିଆ ପ୍ଲିମର ୩୧, ଆମେଲିଆ କେର୍ ୨୯ ରନ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ବାମହାତୀ ସ୍ପିନର ନନକୁଲୁଲେକୋ ମାଲ୍‌ବା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ । ପୂର୍ବରୁ ପ୍ରଥମ ମ୍ୟାଚରେ ଇଂଲଣ୍ଡ ନିକଟରୁ ୧୦ ୱିକେଟ୍‌ରେ ହାରିଥିବା ଦକ୍ଷିଣ ଆଫ୍ରିକା ଏଥିସହ ୨ ପଏଣ୍ଟ ପାଇଁ ଖାତା ଖୋଲିଛି । ଅପରପକ୍ଷରେ ନ୍ୟୁଜିଲାଣ୍ଡର ଏହା କ୍ରମାଗତ ୨ୟ ପରାଜୟ ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
**ଇଂଲଣ୍ଡ-ବାଂଲାଦେଶ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ଗୌହାଟୀ**

## ମିତାଲିଙ୍କ ନାମରେ ନାମିତ ହେବ ବିଶାଖାପାଟଣା ଷ୍ଟାଡିୟମ ଷ୍ଟାଣ୍ଡ



ବିଶାଖାପାଟନମ, ୬ ।୧୦(ଏଜେନ୍ସି): ସ୍ଥାନୀୟ ୱାଇଏସ୍‌ଆର ରାଜ ଶେଖର ରେଡ୍ଡୀ ଏସିଏ- ଭିଡିସିଏ ଷ୍ଟାଡିୟମରେ ପୂର୍ବତନ ଭାରତୀୟ ମହିଳା ଅଧିନାୟିକା ମିତାଲି ରାଜ ଓ ରବି କଳ୍ପନାଙ୍କ ସମ୍ମାନରେ ଦୁଇଟି ଷ୍ଟାଣ୍ଡ ନାମିତ ହେବ । ଅକ୍ଟୋବର ୧୨ରେ ଏହି ଦୁଇଟି ଷ୍ଟାଣ୍ଡର ଉଦ୍‌ଘାଟନ କରାଯିବ । ଏହି ଦିନ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ । ଏହି ହାଇପ୍ରୋଫାଇଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଦୁଇଟି ଷ୍ଟାଣ୍ଡ ଦୁଇ କିମ୍ବଦନ୍ତୀ ମହିଳା ଖେଳାଳିଙ୍କ ନାମରେ ନାମିତ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ୪୨ ବର୍ଷୀୟା ମିତାଲି ଦୀର୍ଘ ୨୩ ବର୍ଷର କ୍ୟାରିଅରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୨ଟି ଟେଷ୍ଟ ଓ ୨୩୨ଟି ଦିନିକିଆ ଓ ୮୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ମିତାଲି ଟେଷ୍ଟରେ ୪୩.୬୮ ହାରରେ ୬୯୯ ଓ ଦିନିକିଆରେ ୫୦.୬୮ ହାରରେ ୭,୮୦୫ ରନ ସଂଗ୍ରହ କରିଥିଲେ । ସେହିପରି ଟି-୨୦ରେ ସେ ୩୭. ୫୨ ହାରରେ ୨,୩୬୪ ରନ ସଂଗ୍ରହ କରିଥିଲେ । ଦିନିକିଆରେ ସେ ୭ଟି ଶତକ ଓ ୬୪ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ । ମିତାଲିଙ୍କୁ ଭାରତ ଓ ତଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ବ୍ୟାଟର ଭାବେ ବିବେଚନା କରାଯାଏକ । ବିଶ୍ୱ କ୍ରିକେଟରେ ତାଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ମିତାଲିଙ୍କୁ କିମ୍ବଦନ୍ତୀ ଆଖ୍ୟା ମିଳିଛି । ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ଜଣେ ୱିକେଟକିପର ବ୍ୟାଟର ଭାବେ ଖେଳିଥିବା ୨୯ ବର୍ଷୀୟ ରବି କଳ୍ପନା ଭାରତ ପାଇଁ ୭ଟି ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS